• RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

# ସକାଳ
THE SAKALA

ଧ୍ୟାୟେ ନିତ୍ୟଂ ମହେଶଂ ରଜତଗିରିନିଭଂ ଚାରୁଚନ୍ଦ୍ରାବତଂସଂ,
ରତ୍ନାକଳ୍ପୋଜ୍ଜ୍ୱଳାଙ୍ଗଂ ପରଶୁ ମୃଗବରା ଭୀତି ହସ୍ତଂ ପ୍ରସନ୍ନଂ ।

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-230 ♦SUNDAY ♦15 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୦ ♦ରବିବାର ♦୧୫ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)

## ପ୍ରମୋଦ ଭଗତଙ୍କୁ ୬ଷ୍ଠ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବିଶ୍ୱ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଚାମ୍ପିଅନ ହୋଇଛନ୍ତି। ପୁରୁଷ ବ୍ୟାଡ୍‌ମିଣ୍ଟନର ଏସଏଲ୍-୩ ବର୍ଗର ଫାଇନାଲରେ ପ୍ରମୋଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୭ ବର୍ଷୀୟ ପ୍ରମୋଦଙ୍କ ଏହା କ୍ରମାଗତ ୪ର୍ଥ ଓ ମୋଟ୍ ଉପରେ ୬ଷ୍ଠ ପାରା ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍। ଏସଏଲ୍-୩ ବର୍ଗରେ ପ୍ରଭାବ ବିସ୍ତାର କରିଥିବା ପ୍ରମୋଦ



ଏଥିପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଷଷ୍ଠ ବିଶ୍ୱ ଟାଇଟଲ୍ ସହ ପ୍ରମୋଦ ଚୀନର କିମ୍ବଦନ୍ତୀ ଖେଳାଳି ଲିନ୍ ଡାନଙ୍କୁ ଟପିଛନ୍ତି। ଲି ତାଙ୍କ କ୍ୟାରିୟରରେ ପାଞ୍ଚଥର ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିଥିଲେ। ଅପରପକ୍ଷରେ ସୁକାନ୍ତ କଦମଙ୍କୁ ସାଥୀ କରି ପ୍ରମୋଦ ଏଠାରେ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ପାରା ବିଶ୍ୱ ଚାମ୍ପିଅନସିପରେ ପ୍ରମୋଦ ଦୁଇଟି ଟାଇଟଲ୍ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି।

ଟି-୨୦ ବିଶ୍ୱକପ୍

## ଭାରତ-ପାକିସ୍ତାନ ହାଇ-ଭୋଲଟେଜ୍ ଟକ୍କର ଆଜି

■ କଲମ୍ବୋ, ୧୪।୨ (ଏଜେନ୍ସି): ଶ୍ରୀଲଙ୍କାର କଲମ୍ବୋସ୍ଥିତ ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍‌ର ମହାମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ। ଗ୍ରୁପ୍-ଏ'ରେ ଖେଳାଯିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତି ମହାଲଢ଼େଇ ଲାଗି ପ୍ରସ୍ତୁତ ହୋଇଯାଇଛନ୍ତି। କଲମ୍ବୋର ମନ୍ଥର ପିଚ୍‌ରେ ଭାରତର ତାରକା ବ୍ୟାଟର ଓ ପ୍ରଭାବ ବିସ୍ତାର କରିଥିବା ପାକିସ୍ତାନୀ ସ୍ପିନରଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବାର ସମ୍ଭାବନା ରହିଛି। ଏହି ମ୍ୟାଚ୍‌କୁ ନେଇ ସାରା ବିଶ୍ୱର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ତେବେ ଏହି ମ୍ୟାଚ୍‌ରେ ବର୍ଷା ବାଧା ସୃଷ୍ଟି କରିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଟି-୨୦ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ ଓ ପାକିସ୍ତାନ ମୋଟ୍




୮ ଥର ଭେଟାଭେଟି ହୋଇଥିଲା ବେଳେ ଏଥିମଧ୍ୟରୁ ଭାରତ ୭ଟିରେ ଜିତିଥିଲା ବେଳେ ପାକିସ୍ତାନ ମାତ୍ର ଗୋଟିଏ ମ୍ୟାଚ୍ ଜିତିଛି। ▶ପୃଷ୍ଠା-୭

ବ୍ରିଟେନ ଓ ୟୁରୋପୀୟ ନେତାଙ୍କ ଦାବି

## ବିରୋଧୀ ଦଳ ନେତାଙ୍କୁ ବିଷ ଦେଇ ମାରିଥିଲେ ପୁଟିନ

■ ଲଣ୍ଡନ, ୧୪।୨ (ଏଜେନ୍ସି): ଚୀନ ଓ ଉତ୍ତର କୋରିଆରେ ବିରୋଧୀର ନେତାମାନଙ୍କୁ ରାସ୍ତାରୁ ହଟାଇବା ପାଇଁ ଏକଛତ୍ରବାଦୀ ନେତା ଯେଉଁ ଉପାୟ ଅବଲମ୍ବନ କରନ୍ତି ରୁଷିଆରେ ମଧ୍ୟ ରାଷ୍ଟ୍ରପତି ପୁଟିନ ଠିକ୍ ସେହି ପନ୍ଥା ଆପଣାଇଛନ୍ତି। ରୁଷରେ ବିରୋଧୀ ଦଳ ନେତା



ଜେଲ୍‌ରେ ଦିଆ ଯାଇଥିଲା 'ଡାର୍ଟ ଫ୍ରଗ୍ ଟକ୍ସିନ'

ଆଲେକ୍ସି ନଭଲେନିଙ୍କୁ ରାଷ୍ଟ୍ରପତି ପୁଟିନ ଜେଲ୍‌ରେ ବିଷ ଦେଇ ହତ୍ୟା କରାଇବା ଘଟଣାରୁ ଏହାର ପ୍ରମାଣ ମିଳୁଛି। ନଭଲେନିଙ୍କୁ ମାରିବା ପାଇଁ ଜେଲ୍‌ରେ ତାଙ୍କୁ ଏକ ବିଷ ଇଞ୍ଜେକ୍ସନ ଦିଆଯାଇଥିଲା। ଏହି ବିଷକୁ ଦକ୍ଷିଣ ଆମେରିକାରେ ଦେଖା ଯାଉଥିବା ବିଷାକ୍ତ 'ଡାର୍ଟ ଫ୍ରଗ'ଠାରୁ ବିକଶିତ କରାଯାଇଥିଲା। ବ୍ରିଟେନ ଏବଂ ଏହାର ୟୁରୋପୀୟ ସହଯୋଗୀ ରାଷ୍ଟ୍ରଙ୍କ ପକ୍ଷରୁ ଏଭଳି ଦାବି କରାଯାଇଛି। ଏହା ରୁଷ ରାଷ୍ଟ୍ରପତିଙ୍କ କ୍ରୂର ରୂପକୁ ପଦାରେ ପକାଇ ଦେଇଛି ବୋଲି କୁହାଯାଉଛି। ନଭଲେନିଙ୍କ ମୃତ୍ୟୁର ଦୁଇ ବର୍ଷ ପରେ ପୁଣି ଏହି ପ୍ରସଙ୍ଗ ତାଜା ହୋଇଯାଇଛି। ନିଜ ବିରୋଧୀଙ୍କୁ ରୁଷ ରାଷ୍ଟ୍ରପତି କେମିତି ରାସ୍ତାରୁ ହଟାଇ ଦିଅନ୍ତି ଏହା ତାହାର ଜ୍ୱଳନ୍ତ ଉଦାହରଣ ▶ପୃଷ୍ଠା-୭

# ସେଚ ବିକାଶକୁ କ୍ୟାବିନେଟ ମୋହର

■ ଭୁବନେଶ୍ୱର, ୧୪।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ମଧ୍ୟରେ ୩ଟି ଜଳସମ୍ପଦ ବିଭାଗର ପ୍ରସ୍ତାବ ଥିବା ବେଳେ ଅନ୍ୟଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ଅନ୍ତର୍ଭୁକ୍ତ ରହିଛି। ଜଳସମ୍ପଦ ବିଭାଗର ୩ଟି ପ୍ରସ୍ତାବ ଦ୍ୱାରା ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ୩ଟି ପ୍ୟାକେଜ ନିର୍ମାଣକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ମୋଟ ୧୫୮୬୭ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇପାରିବ। ଏଥିପାଇଁ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି।

ବୈଠକ ଶେଷ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀ ର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ▶ପୃଷ୍ଠା-୭

**୪ ପ୍ରସ୍ତାବକୁ ମଞ୍ଜୁରୀ**

- ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ନିର୍ମାଣ ହେବ ୩ ବିତରଣ ପ୍ରଣାଳୀ
- ଖର୍ଚ୍ଚ ହେବ ୩୫୯ କୋଟି ୭୭ ଲକ୍ଷ ଟଙ୍କା
- ବାଲେଶ୍ୱର ଜିଲ୍ଲାର ୧୫୮୬୭ ହେକ୍ଟର ଜମିରେ ପହଞ୍ଚିବ ପାଣି
- ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା (ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ଅନୁମୋଦନ

ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

## ବଜେଟ ଆକାର ଛୁଇଁବ ୩.୧୦ ଲକ୍ଷ କୋଟି !

■ ଭୁବନେଶ୍ୱର, ୧୪।୨ (ସମିସ): ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ପ୍ରଥମେ ରାଜ୍ୟ ମନ୍ତ୍ରୀ ପରିଷଦ ଏବଂ ପରେ କ୍ୟାବିନେଟ୍ ବୈଠକରେ ପ୍ରାୟ ୩.୧୦ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଆସନ୍ତା ୧୭ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଏଥିସହ ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବା ସହ ବଜେଟ ଗୃହର ▶ପୃଷ୍ଠା-୭

**୨୦ରେ ବଜେଟ, ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଧେୟକ**

ଅଧିକାରୀଙ୍କ ଉପରେ କେନ୍ଦ୍ର ଲଗାଇବ ଅଙ୍କୁଶ

## ଅବସରର ୨୦ ବର୍ଷ ଯାଏଁ ଛାପି ପାରିବେନି ପୁସ୍ତକ

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଭାରତୀୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ର ସରକାର ଅବସରପ୍ରାପ୍ତ ଅଧିକାରୀଙ୍କ ପୁସ୍ତକ ପ୍ରକାଶନ ନେଇ ନୂଆ ଗାଇଡଲାଇନ୍ସ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ତିନି ଦିନ ତଳେ ପ୍ରତିରକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ବୈଠକରେ ଏସଂପର୍କରେ ବିଚାରବିମର୍ଶ ହୋଇଛି। ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେନା ଅଧିକାରୀମାନେ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶ କରିବା ଉପରେ କଟକଣା ଜାରି କରାଯାଇପାରେ। ଏବେ ଏଭଳି କୌଣସି ଗାଇଡଲାଇନ୍ସ ନଥିବା




ବେଳେ ଜାତୀୟ ସୁରକ୍ଷା ଓ ସେନାବାହିନୀର ସ୍ୱାର୍ଥ ଦୃଷ୍ଟିରୁ ଏହା ଜରୁରୀ ହୋଇପଡ଼ିଛି। ଏଭଳି ଯୋଜନା ନେଇ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଛି। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏହା ଉପରେ ଅଧିକ ବିଚାରବିମର୍ଶ କରାଯିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ସେନା- ଧିକାରୀଙ୍କ ଭଳି କେନ୍ଦ୍ର ସରକାରଙ୍କ ବରିଷ୍ଠ ପଦପଦବୀରେ ଥିବା ଅଧିକାରୀଙ୍କ ପାଇଁ ମଧ୍ୟ ଏଭଳି ଗାଇଡଲାଇନ୍ସ ପ୍ରସ୍ତୁତ କରାଯିବ। ଅବସର ପରେ ପୁସ୍ତକ ପ୍ରକାଶନ ଉପରେ ୨୦ ବର୍ଷର 'କୁଲିଂ-ଅଫ୍- ପିରିୟଡ୍' ଲାଗୁ କରିବାକୁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଅଫିସିଆଲ ସିକ୍ରେଟ୍ ଆଇନରେ ଆବଶ୍ୟକ ସଂଶୋଧନ କରାଯିବ। ଅବସରପ୍ରାପ୍ତ ସେନା ▶ପୃଷ୍ଠା-୭

ଚୌଦ୍ୱାର ଜେଲରୁ ବିହାରୀ କଏଦୀ ଫେରାର୍ ମାମଲା

## ବୃନ୍ଦାବନରୁ ଧରାହେଲା ମଧୁକାନ୍ତ

■ ଭୁବନେଶ୍ୱର, ୧୪।୨ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ଚମ୍ପଟ ମାରିଥିବା ଦୁର୍ଦ୍ଦାନ୍ତ ବିହାରୀ କଏଦୀ ମଧୁକାନ୍ତ ରାଣା ପୁଲିସ ହାତରେ ଧରାପଡ଼ିଛି। ବୃନ୍ଦାବନର ଏକ ମଠରେ ସେ ଲୁଚିଥିଲା ବେଳେ ପୁଲିସ ଛଦ୍ମବେଶରେ ତାକୁ ଧରିଛି। ମଧୁକାନ୍ତ ଦିଲ୍ଲୀ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ମିଜୋରାମ, ନାଗାଲାଣ୍ଡ ଏବଂ ଆସାମ୍ ଭଳି ରାଜ୍ୟ ବୁଲିବା ପରେ ଉତ୍ତରପ୍ରଦେଶର ବୃନ୍ଦାବନରେ ଲୁଚିଥିଲା। ତେବେ ଜେଲ୍‌ରୁ ତା' ସହ ଫେରାର୍ ହୋଇଥିବା ଅନ୍ୟ ସହଯୋଗୀ ଅଭିଯୁକ୍ତ ରାଜା ସାହାଣୀ ଏବେ ବି ଫେରାର୍ ରହିଛି। ପୁଲିସ ସେବା ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର୍ ଡ. ଏସ୍. ଦେବଦତ୍ତ ସିଂ ଆଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

୨୦୨୫ ମସିହାରେ ଯାଜପୁର ପାଣିକୋଇଲି ଥାନା ଅଞ୍ଚଳରେ ଘଟିଥିବା ଏକ ଡକାୟତି ମାମଲାରେ ଗିରଫ ହୋଇଥିବା ମଧୁକାନ୍ତ ଓ ରାଜା ଚୌଦ୍ୱାର ସର୍କଲ ଜେଲରେ ଥିଲେ। ଅକ୍ଟୋବର ୨ ତାରିଖରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲା। ଏନେଇ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

ପୁଲିସ ସୂଚନା ମୁତାବକ, ଜେଲରୁ ଚମ୍ପଟ ମାରିବା ପରେ ଏହି ଦୁଇ ଅଭିଯୁକ୍ତ ଏକ ଜଳାଶୟରେ କିଛି ସମୟ ପାଇଁ ଲୁଚି ରହିଥିଲେ। କାହାରି ଯେପରି ସନ୍ଦେହ ନ ହେବ, ସେଥିପାଇଁ ପାଣି ଭିତରେ ବୁଡ଼ି ରହିଥିଲେ। ପରେ



ମଠରେ କେୟାରଟେକର୍ ବେଶରେ ଲୁଚିଥିଲା

ଛଦ୍ମବେଶରେ ଯାଇ ମାଡ଼ିବସିଲା ଓଡ଼ିଶା ପୁଲିସ

ନେପାଳକୁ ଖସି ଯାଇଛି ଫେରାର୍ ଅଭିଯୁକ୍ତ ରାଜା

ଏକ ପାଦଚଲା ରାସ୍ତାରେ ନିକଟସ୍ଥ ରେଳ ଷ୍ଟେସନ୍‌କୁ ଯାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ସେମାନେ ପ୍ରଥମେ ପୁରୀ ପଳାଇଥିଲେ। ପୁରୀରେ ଗୋଟିଏ ଦିନ ରହିବା ପରେ ଦିଲ୍ଲୀ ପଳାଇଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ ରାଜା ନେପାଳ ପଳାଇଥିବା ବେଳେ ମଧୁକାନ୍ତ ଦେଶର ଏକାଧିକ ସ୍ଥାନ ଘୁରି ବୁଲୁଥିଲା। ଏପଟେ, ଅଭିଯୁକ୍ତଦ୍ୱୟଙ୍କୁ ଧରିବା ପାଇଁ କମିସନରେଟ୍ ପୁଲିସ ଏକ ସ୍ୱତନ୍ତ୍ର ଅଣ୍ଡର-କଭର୍ ଟିମ୍ ଗଠନ କରିଥିଲା। ଏହି ଟିମ୍‌କୁ ଉତ୍ତର ଭାରତ ଶୈଳୀରେ ହିନ୍ଦୀ କହିବାକୁ ତାଲିମ୍ ଦିଆଯାଇଥିଲା। ଏହି ▶ପୃଷ୍ଠା-୭

## ଚୋର ସନ୍ଦେହରେ ଯୁବକଙ୍କୁ ହତ୍ୟା

■ ଭଞ୍ଜନଗର, ୧୪।୨ (ସମିସ): ମରିଗଲା ମାନବିକତା। ଚୋର ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ମାରିଦେଲେ। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧୀନ ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଏକ ଲୋମଟାଙ୍କୁରା ଘଟଣା ଘଟିଛି। ମୃତକ ହେଲେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ (୫୪)। ଗାଁ ଲୋକେ ବେଣୁଧରଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ନିସ୍ତୁକ ମାଡ଼ ମାରିଥିଲେ। ଆଜି ସକାଳୁ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭଞ୍ଜନଗର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ ୧୪୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଉଠାଇ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଗକୁ ଏହି ମାମଲାରେ ଆହୁରି ଅନେକ ଗିରଫ ହେବେ ବୋଲି ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି।

**ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ପିଟିଲେ**

**୨୦ ଗିରଫ, ଗାଁରେ ପୁଲିସ ମୁତୟନ**

ସୂଚନାନୁସାରେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ ଓ ତାଙ୍କର କିଛି ସହଯୋଗୀ ଶୁକ୍ରବାର ରାତିରେ ସାର୍ଦ୍ଦୁଳ ଗ୍ରାମର ସୁଶାନ୍ତ ଗୌଡ଼ଙ୍କ ଘରେ ପଶିଥିଲେ। କେହି ନଥିବାର ସୁଯୋଗ ନେଇ ସେମାନେ ଘର ଆସବାବପତ୍ର ଏଣେତେଣେ ଫୋପାଡ଼ିବା ସହ ଟଙ୍କା, ସୁନା ଖୋଜୁଥିଲେ। ଏତିକିବେଳେ, ଗାଁ ଲୋକେ ▶ପୃଷ୍ଠା-୭

ସହରୀ ଭିତ୍ତିଭୂମି ବିକାଶକୁ କେନ୍ଦ୍ର କ୍ୟାବିନେଟ୍‌ର ମୋହର

## ଲକ୍ଷେ କୋଟିର ସହାୟତା ପାଣ୍ଠି

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ) ଶୁଭାରମ୍ଭକୁ ମଞ୍ଜୁରୀ ମିଳିଛି। ଏହା ମାଧ୍ୟମରେ କେନ୍ଦ୍ର ସରକାର ଲକ୍ଷେ କୋଟି ଟଙ୍କାର ସହାୟତା ପ୍ରଦାନ କରିବେ। ମାର୍କେଟ-ଲିଙ୍କ୍‌ଡ ସହରୀ ଭିତ୍ତିଭୂମି ବିକାଶ ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ୪ ଲକ୍ଷ କୋଟିର ପାଣ୍ଠି ନିବେଶକୁ ପ୍ରୋତ୍ସାହନ ଦେବା ଏହାର ଲକ୍ଷ୍ୟ। ଏବେ ବିକାଶ ପାଇଁ ଆଉ ମଞ୍ଜୁରିପ୍ରାପ୍ତ ବଜେଟକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରକଳ୍ପ ମୂଲ୍ୟର ସର୍ବନିମ୍ନ ୫୦ ପ୍ରତିଶତ ବଜାରରୁ ସଂଗ୍ରହ କରାଯାଇଥିଲେ, ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବ। ଏହି ପାଣ୍ଠି ଜରିଆରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳରେ ମୋଟ ୪ ଲକ୍ଷ କୋଟି ନିବେଶ କରାଯିବ। ଏହା ଅନୁଦାନ-ଆଧାରିତ ଆର୍ଥିକ ସହାୟତାରୁ ବଜାର ଆଧାରିତ, ସଂସ୍କାର-ମୁଖୀ ଏବଂ ପରିଣାମ ଅଭିମୁଖୀ ଭିତ୍ତିଭୂମି ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ।

ୟୁସିଏଫ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପାଇଁ ବଜାର ଅର୍ଥ, ଘରୋଇ ଅଂଶଗ୍ରହଣ ଏବଂ ନାଗରିକ-କୈନ୍ଦ୍ରିକ ସଂସ୍କାରକୁ ଉପଯୋଗ କରିବ। ସ୍ଥିର, ▶ପୃଷ୍ଠା-୭




ଚର୍ଚ୍ଚାରେ କେନ୍ଦ୍ରାପଡ଼ାର ନୂଆଗାଁ ଅଙ୍ଗନବାଡ଼ି

## ହଟିଲା ଭେଦଭାବର ପାଚେରି

### ସୋମବାରରୁ ଅଙ୍ଗନବାଡ଼ିକୁ ଆସିବେ ଶିଶୁ

■ ରାଜନଗର, ୧୪।୨ (ସମିସ): ଗାଁରୁ ଦିଲ୍ଲୀ ପର୍ଯ୍ୟନ୍ତ ବିବାଦ ଓ ବିତର୍କ ପରେ ଶେଷରେ ହଟିଛି ଜାତିଆଣକୁ ନେଇ ମୁଣ୍ଡ ଟେକିଥିବା ଭେଦଭାବର ପାଚେରି। ଜିଲ୍ଲା ପ୍ରଶାସନ, ପୁଲିସ ଓ ମହିଳା କମିସନଙ୍କ ମଧ୍ୟସ୍ଥତା ପରେ ସାମାଜିକ କୁପ୍ରଥାକୁ ନାପସନ୍ଦ କରିବା ସହ ସୋମବାରଠାରୁ ନିଜ ନିଜର ପିଲାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଇବା ପାଇଁ ସହମତ ହୋଇଛନ୍ତି। ଆଜି ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ଦେଖିବାକୁ ମିଳିଛି।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି




ରାଜ୍ୟସଭାରେ ଖଡ୍‌ଗେଙ୍କ ଉଦ୍‌ବେଗ ପରେ ତତ୍ପରତା

ଏକାଠି ବସି ଖାଇଲେ ସହାୟିକାଙ୍କ ହାତରନ୍ଧା

ଭେଦଭାବ ଭୁଲି ବିକାଶ ପାଇଁ ନେଲେ ଶପଥ

କେନ୍ଦ୍ରରେ ଜାତିଗତ ଭେଦଭାବ ପ୍ରସଙ୍ଗ କେବଳ ଓଡିଶା ନୁହେଁ; ଜାତୀୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଦିନେ କି ଦୁଇ ଦିନ ନୁହେଁ; ଦୀର୍ଘ ୮୬ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରକୁ ପଢ଼ିବାକୁ କୋମଳମତି ଶିଶୁମାନଙ୍କୁ ଛଡ଼ା ଯାଉ ନ ଥିଲା। ଅନୁସୂଚିତ ଜାତିର ଯୁବତୀ ଶର୍ମିଷ୍ଠା ସେଠୀ ୨୦୨୫ ମସିହା ନଭେମ୍ବର ୨୦ ତାରିଖରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶିଶୁମାନେ ପଢ଼ିବାକୁ ଆସୁ ନ ଥିବା ବେଳେ ସହାୟିକାଙ୍କ ହାତରୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଖାଦ୍ୟ ▶ପୃଷ୍ଠା-୭

# କୋଲକାତା ବିମାନରେ ବୋମା ଆତଙ୍କ

କୋଲକାତା, ୧୪।୨(ଏଜେନ୍ସି): କୋଲକାତାର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୋମା ଆତଙ୍କ ଦେଖାଦେଇଥିଲା। ସିଲଂ ଅଭିମୂଖେ ଯାତ୍ରା କରିବାକୁ



ଥିବା ଇଣ୍ଡିଗୋ ବିମାନ (୬ଇ- ୭୩୦୪)ର ଶୌଚାଳୟ ଭିତରୁ ମିଳିଥିବା ଏକ ସନ୍ଦେହଜନକ ହାତଲେଖା ଚିଠିରେ ବୋମା ଧମକ ଦିଆଯାଇଥିଲା। ବିମାନଟି ସକାଳ ୯.୧୫ରେ କୋଲକାତାରୁ ଉଡ଼ାଣ ଭରିବାର କାର୍ଯ୍ୟକ୍ରମ ଥିଲା। ଉଡ଼ାଣ ପୂର୍ବରୁ ଯାଞ୍ଚ ସମୟରେ କ୍ରୁ ସଦସ୍ୟ ଏହି ଚିଠିକୁ ଦେଖିବାକୁ ପାଇଥିଲେ। ସୂଚନା ମିଳିବା ମାତ୍ରେ ତୁରନ୍ତ ବିମାନକୁ ଆଇସୋଲେସନ ବେ'କୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ବିମାନର କୋଣ ଅନୁକୋଣ ଯାଞ୍ଚ କରାଯାଇଥିଲା। ତେବେ କୌଣସି ବିସ୍ଫୋରକ ପଦାର୍ଥ ମିଳି ନଥିଲା। ଉଲ୍ଲେଖଥାଉ କି, ଗତ ଦୁଇ ସପ୍ତାହ ମଧ୍ୟରେ ଇଣ୍ଡିଗୋ ବିମାନରେ ଏଭଳି ବୋମା ଧମକ ସମସ୍ୟାର ସମ୍ମୁଖୀନ ହୋଇଥିଲା ଓ ଏହା କୁଏତରୁ ଦିଲ୍ଲୀ ଯାତ୍ରା କରିବାର ଥିଲା।

# ନୂଆ ଜେଲ୍‌କୁ ସ୍ଥାନାନ୍ତର ହେବେ ଇମ୍ରାନ

ଇସ୍‌ଲାମାବାଦ୍, ୧୪।୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଇସ୍‌ଲାମାବାଦ୍‌ର ଏକ ନୂଆ ଜେଲ୍‌କୁ ସ୍ଥାନାନ୍ତର କରାଯିବ। ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଓ ତାଙ୍କର ଦୃଷ୍ଟିଶକ୍ତି ହ୍ରାସ ପାଇବା ଭଳି ଗୁରୁତର ଖବର ସାମ୍ନାକୁ ଆସିବା ପରେ, ସରକାର ତାଙ୍କୁ ସୁବିଧାଜନକ ଜେଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭୀ କହିଛନ୍ତି। ଆଗାମୀ ଦୁଇ ମାସ ମଧ୍ୟରେ ଇସଲାମାବାଦ୍‌ରେ ନିର୍ମାଣାଧୀନ ଜେଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଇମ୍ରାନଙ୍କୁ ସେଠାକୁ ନିଆଯିବ ଓ ସେଠାରେ ଉନ୍ନତ ଚିକିତ୍ସା ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଇମ୍ରାନଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ୮୫ ପ୍ରତିଶତ ହ୍ରାସ ପାଇଛି। ପାକିସ୍ତାନ ସୁପ୍ରିମକୋର୍ଟ ଫେବୃଆରୀ ୧୬ ସୁଦ୍ଧା ତାଙ୍କର ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ନିଜ ପିଲାମାନଙ୍କ ସହ କଥା ହେବାକୁ ଅନୁମତି ଦେଇଛନ୍ତି। ଉଲ୍ଲେଖଥାଉ କି, ଇମ୍ରାନ ୨୦୨୩ ଅଗଷ୍ଟ ୫ରୁ ଜେଲ୍‌ରେ ରହିଛନ୍ତି।

# କାନାଡ଼ାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା

ଅମୃତସର, ୧୪।୨(ଏଜେନ୍ସି): କାନାଡ଼ାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଉଛି। ଅମୃତସରର ଜଣ୍ଡିଆଲା ଗୁରୁ ଅନ୍ତର୍ଗତ ଦେବୀଦାସପୁରା ଗ୍ରାମର ୨୪ ବର୍ଷୀୟ ସିମରନଜିତ ସିଂ ସିଦ୍ଧୁ ନାମକ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ପ୍ରାୟ ଏକ ମାସ ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଗୁରୁବାର ଦିନ ତାଙ୍କ ମୃତଦେହ ପଞ୍ଜାବରେ ପହଞ୍ଚିଛି ଓ ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏହା ପରେ ହିଁ ଏହି ଘଟଣା ସାମ୍ନାକୁ ଆସିଛି। ସିମରନଜିତ ବ୍ରିଟିଶ କଲମ୍ବିଆର କମଲୁପ୍ସ



ସହରରେ ରହୁଥିଲେ। ଗତ ଜାନୁଆରୀ ୧୨ରେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ତାଙ୍କ ମୃତଦେହ ଏକ ଜନଶୂନ୍ୟ ବୁଦା ମୂଳରୁ ଉଦ୍ଧାର କରାଯାଇଥିଲା। ସେ ପ୍ରାୟ ଦୁଇମାସ ପୂର୍ବରୁ ୨ ଜଣ ଯୁବକ ଓ ଜଣେ ଯୁବତୀଙ୍କ ସହ ଏକ ନୂଆ ଘରକୁ ସିଫ୍ଟ ହୋଇଥିଲେ। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସିମରନଜିତଙ୍କ ପାଖରେ ୧୦ ଲକ୍ଷ ଟଙ୍କା ଥିଲା ଓ ସେ ଭିଡ଼ିଓ କଲ ସମୟରେ ଦେଖାଇଥିଲେ। ସେହି ଟଙ୍କା ପାଇଁ ତାଙ୍କ ସହ ରହୁଥିବା ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ୨୦୨୩ରେ ଷ୍ଟଡ଼ି ଭିସାରେ କାନାଡ଼ା ଯାଇଥିଲେ। ତାଙ୍କୁ କାନାଡ଼ାରେ ୱାର୍କ ପରିମିଟ୍ ମିଳିସାରିଥିଲା ଓ ତାଙ୍କୁ ଆମେରିକାର ୧୦ ବର୍ଷିଆ ଭିସା ମିଳିଥିଲା। ପୁଅକୁ ବିଦେଶ ପଠାଇବା ପାଇଁ ବାପା ନିଜର ଜମି ବିକ୍ରି କରିଥିଲେ ଓ ଏବେ ତାଙ୍କୁ ପୁଅଙ୍କୁ ହରାଇବାକୁ ପଡ଼ିଛି।

# 'ବନ୍ଦେ ମାତରମ' ବାଧ୍ୟ କରାଗଲେ ସ୍କୁଲ ଛାଡ଼

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): କେନ୍ଦ୍ର ସରକାର ଗତ ଜାନୁଆରୀ ୨୮ରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'କୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନୂଆ ନିୟମ ଅନୁଯାୟୀ, ସରକାରୀ କାର୍ଯ୍ୟକ୍ରମ ଓ ସ୍କୁଲଗୁଡ଼ିକରେ ଏହି ଗୀତ ବୋଲାଯିବା ସହ ସମସ୍ତେ ଛିଡ଼ା ହେବା ବାଧ୍ୟତାମୂଳକ। ଏବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ତେବେ ଉଜ୍ଜୟୀନର ଇମାମ ମୁଫତି ନଦଭୀ କହିଛନ୍ତି ଯେ, 'ବନ୍ଦେ ମାତରମ' ଗୀତର ଶବ୍ଦଗୁଡ଼ିକରେ ମାତୃଭୂମିର ବନ୍ଦନା କରାଯାଇଛି, ଏହା ଇସଲାମର ଏକେଶ୍ୱରବାଦର ବିରୋଧୀ। ଯେଉଁ ସ୍କୁଲ୍‌ରେ ଏହାକୁ ବାଧ୍ୟତାମୂଳକ କରାଯାଇଛି, ସେଠାରୁ ପିଲାମାନଙ୍କୁ ବାହାର କରିନେବାକୁ ସେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ଆରିଫ ମସୁଦ କହିଛନ୍ତି ଯେ, ସମ୍ବିଧାନ ଧାର ୨୫ ଅନୁଯାୟୀ, ପ୍ରତ୍ୟେକ ନାଗରିକଙ୍କୁ ଧାର୍ମିକ ସ୍ୱାଧୀନତା ମିଳିଛି। 'ବନ୍ଦେ ମାତରମ' ପ୍ରତି ସମ୍ମାନ ଅଛି, କିନ୍ତୁ ଏହାର କିଛି ଧାଡ଼ି ଧାର୍ମିକ ବିଶ୍ୱାସ ସହ ସଂଘର୍ଷ କରୁଛି। ସେପଟେ ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ରାଓ ଉଦୟ ପ୍ରତାପ ସିଂ କହିଛନ୍ତି ଯେ, ଦେଶର ନିୟମ ସମସ୍ତଙ୍କ ପାଇଁ ସମାନ। ମାଦ୍ରାସା ହେଉ ବା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ, ସରକାରଙ୍କ ନିର୍ଦ୍ଦେଶ ମାନିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ଉଲ୍ଲେଖଥାଉ କି, 'ବନ୍ଦେ ମାତରମ'କୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୮୭୫ରେ ରଚନା କରିଥିଲେ ଓ ୧୮୮୨ରେ ତାଙ୍କ ଉପନ୍ୟାସ 'ଆନନ୍ଦମଠ'ରେ ଏହା ପ୍ରକାଶିତ ହୋଇଥିଲା।

# ଏସି ପ୍ରଥମ ଶ୍ରେଣୀ କୋଚ୍‌ରୁ ୩୧୧ ବିରଳ କଇଁଛ ଉଦ୍ଧାର



ଭୋପାଳ, ୧୪।୨(ଏଜେନ୍ସି): ଭୋପାଳର ସନ୍ଥ ହରିଦାରାମ ରେଳ ଷ୍ଟେସନଠାରେ ଏକ ବଡ଼ ଧରଣର ବନ୍ୟପ୍ରାଣୀ ଚୋରାଚାଲାଣ କାରବାରକୁ ପଣ୍ଡ କରିଛି ମଧ୍ୟପ୍ରଦେଶ ଷ୍ଟେଟ୍ ଟାଇଗର ଷ୍ଟ୍ରାଇକ ଫୋର୍ସ (ଏସ୍‌ଟିଏସ୍‌ଏଫ୍)। ପାଟନା- ଇନ୍ଦୋର ଏକ୍ସପ୍ରେସ୍‌ର ଏକ ଏସି ଫାର୍ଷ୍ଟକ୍ଲାସ କୋଚ୍‌ରୁ ୩୧୧ଟି ବିରଳ ଓ ସଙ୍କଟାପନ୍ନ ପ୍ରଜାତିର କଇଁଛ ଜବତ କରାଯାଇଛି। ଟ୍ରେନ୍‌ର କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତ ଏହି ଚୋରାଚାଲାଣର କୋରିୟର ଭାବେ କାମ କରୁଥିଲେ। ସେ ମାତ୍ର ୨୫୦୦ ଟଙ୍କା ଲୋଭରେ ଏହି ବିରଳ କଇଁଛଗୁଡ଼ିକୁ ଦୁଇଟି ବ୍ୟାଗ୍‌ରେ ଭର୍ତ୍ତି କରି ନିଜ ସିଟ୍ ତଳେ ଲୁଚାଇଥିଲେ। ଏହି କଇଁଛଗୁଡ଼ିକୁ ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଆଣି ମଧ୍ୟପ୍ରଦେଶର ଦେୱାସ ଓ ଇନ୍ଦୋରରେ ଡେଲିଭରି ଦେବାର ଥିଲା। କଇଁଛଗୁଡ଼ିକ ଶ୍ୱାସରୁଦ୍ଧ ଅବସ୍ଥାରେ ଭର୍ତ୍ତି ଥିଲେ। ଏହି କଇଁଛଗୁଡ଼ିକ କ୍ରାଉନଡ ରିଭର ଟର୍ଟଲ, ଇଣ୍ଡିଆନ ଟେଣ୍ଟ ଟର୍ଟଲ ଓ ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ପ୍ରଜାତିର ବୋଲି କୁହାଯାଇଛି। ଏଗୁଡ଼ିକୁ ଉତ୍ତରପ୍ରଦେଶର ଗଙ୍ଗା ଓ ଗୋମତୀ ନଦୀରୁ ଧରାଯାଇଥିଲା। ଏହି ପୂରା କାରବାରର ମୁଖ୍ୟ ଅଭିଯୁକ୍ତ ଆସିଫ ଖାନ୍‌କୁ ଗତ ୧୦ ତାରିଖରେ ଗିରଫ କରାଯାଇଥିଲା। ସେହିପରି ଲକ୍ଷ୍ନୌର ଜଣେ ୧୭ ବର୍ଷର କିଶୋରକୁ ମଧ୍ୟ ହେପାଜତକୁ ନିଆଯାଇଛି। ସେ ଏହି ଶିକାରୀ ନେଟୱାର୍କର ଅଂଶ ଥିଲା।

# ଭେନେଜୁଏଲାରେ ଗୁପ୍ତ ଅସ୍ତ୍ର ବ୍ୟବହାର କରାଯାଇଛି

ନ୍ୟୁୟର୍କ, ୧୪।୨(ଏଜେନ୍ସି): ଗତ ଜାନୁଆରୀ ୩ରେ ଭେନେଜୁଏଲାରେ ହୋଇଥିବା ସାମରିକ ଅଭିଯାନରେ ଆମେରିକା ଏକ ସ୍ୱତନ୍ତ୍ର ଗୁପ୍ତ ଅସ୍ତ୍ର ବ୍ୟବହାର କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ନେଇ ସ୍ପଷ୍ଟ କରିଛନ୍ତି। ଏହି ଅସ୍ତ୍ରର ପ୍ରୟୋଗ ନିର୍ଣ୍ଣାୟକ ଥିଲା ଓ ଏହି ଅସ୍ତ୍ର ଯୋଗୁଁ



ରୁଷ୍ ଓ ଚୀନର ଶକ୍ତିଶାଳୀ ଡିଫେନ୍ସ ସିଷ୍ଟମ ମଧ୍ୟ ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ଏହି ଅସ୍ତ୍ରର ନାମ 'ଡିସକମ୍ବୋବୁଲେଟର' ବୋଲି ଟ୍ରମ୍ପ କହିଛନ୍ତି। ଏହା ଶତ୍ରୁ ପକ୍ଷକୁ ଭ୍ରମିତ କରିବା ସହ ଅକାମୀ କରି ଦେଇଥାଏ। ଭେନେଜୁଏଲା ସେନା ପାଖରେ ଥିବା ରୁଷିଆ ଓ ଚୀନ୍ ଯନ୍ତ୍ରପାତି କାମ କରି ନଥିଲା, ଯାହା ଫଳରେ ସେମାନେ ଗୋଟିଏ ବି ଗୁଳି ଚଳାଇବାର ସୁଯୋଗ ପାଇ ନଥିଲେ। ଭେନେଜୁଏଲାରେ ହୋଇଥିବା ଏହି ସେନା ଅପରେସନରେ ପ୍ରାୟ ୧୫୦ରୁ ଅଧିକ ବିମାନ (ବମ୍ବର ଓ ଫାଇଟର ଜେଟ୍) ସାମିଲ ହୋଇଥିଲେ। ରାତିର ଅନ୍ଧକାରରେ ଆମେରିକୀୟ ସୈନିକମାନେ ହେଲିକପ୍ଟର ଯୋଗେ କାରାକାସ ଅଞ୍ଚଳରେ ପହଞ୍ଚି ତତ୍କାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା। ତେବେ ନ୍ୟୁୟର୍କ ଟାଇମ୍ସ ଓ ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଏହି ଅପରେସନରେ ସୋନିକ କିମ୍ବା ଡାଇରେକ୍ଟେଡ୍ ଏନର୍ଜି ୱିପନ ପ୍ରୟୋଗ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଅସ୍ତ୍ର ଦ୍ୱାରା ସୋନିକ ଓ ହିଟ୍‌ରେ ପ୍ରଭାବ ରହିଥାଏ। ସୋନିକ ପ୍ରଭାବ ଦ୍ୱାରା ସୈନିକମାନଙ୍କୁ ଅତି ତୀବ୍ର ତରଙ୍ଗ ଦ୍ୱାରା ଆକ୍ରମଣ କରାଯାଇଥାଏ, ଯାହାଫଳରେ ସେମାନଙ୍କ ମୁଣ୍ଡ ବିନ୍ଧିବା ସହ ନାକରୁ ରକ୍ତ ବାହାରିଥାଏ। ସେହିପରି ହିଟ୍‌ରେ ଅଦୃଶ୍ୟ ଇଲେକ୍ଟ୍ରୋମ୍ୟାଗ୍ନେଟିକ ତରଙ୍ଗ ଛଡ଼ା ଯାଇଥାଏ। ଏହା ଚର୍ମରେ ଅତ୍ୟଧିକ ଗରମ ଅନୁଭବ କରାଏ, ଯାହା ଫଳରେ ସୈନିକମାନେ ପଛକୁ ହଟିବାକୁ ବାଧ୍ୟ ହୋଇଥାନ୍ତି।

# ଭାରତ ସହ ସଂପର୍କ ନେଇ ମୁହଁ ଖୋଲିଲେ ତାରିକ୍



ଢାକା, ୧୪।୨(ଏଜେନ୍ସି): ସାଧାରଣ ନିର୍ବାଚନ ପରେ ବାଂଲାଦେଶ ।।ନେସନାଲ ପାର୍ଟି (ବିଏନ୍‌ପି)ର ଐତିହାସିକ ବିଜୟ ପରେ, ପାର୍ଟିର ଅଧ୍ୟକ୍ଷ ତାରିକ ର।।ହେମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମ ସହ କଥା ହୋଇଛନ୍ତି। ସେ ଭାରତ ସହ ସମ୍ପର୍କ ଓ ଦେଶର ଭବିଷ୍ୟତକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ଭାରତ ସହ ସମ୍ପର୍କକୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ।।ଯେ ବାଂଲାଦେଶର ସ୍ୱାର୍ଥକୁ ସବୁଠାରୁ ଉପରେ ରଖିବେ। ସେ 'ବାଂଲାଦେଶ ଫାଷ୍ଟ' ଏଜେଣ୍ଡା ତଥା ନୀତିକୁ ଗୁରୁତ୍ୱ ଦେଇଛନ୍ତି। ବାଂଲାଦେଶ ଭାରତ, ଚୀନ୍ ଓ ପାକିସ୍ତାନ ସହ ସମାନ ଦୂରତା ବଜାୟ ରଖିବା ସହ ପାରସ୍ପରିକ ସମ୍ମାନ ଆଧାରରେ ବନ୍ଧୁତା ଚାହୁଁଛନ୍ତି। 'ଆମେ ବନ୍ଧୁ ଚାହୁଁ, କିନ୍ତୁ କୌଣସି ପ୍ରଭୁ ଚାହୁଁନାହୁଁ'। ବାଂଲାଦେଶର ସ୍ୱାର୍ଥ ଓ ଜନସାଧାରଣଙ୍କ ଆଶା-ଆକାଂକ୍ଷା ହିଁ ଭାରତ ସହ ବୈଦେଶିକ ନୀତିର ମୂଳଦୁଆ ହେବ। ଭାରତ ଆମର ଏକ ଗୁରୁତ୍ୱପୂର୍ଣ୍ଣ ପଡୋଶୀ ଓ ନୂଆ ସରକାର ଗଠନ ପରେ ଯେଉଁ ଦେଶଗୁଡ଼ିକୁ ପ୍ରଥମେ ଗସ୍ତ କରାଯିବ, ସେଥିମଧ୍ୟରେ ଭାରତ ଅନ୍ୟତମ ହେବ। ନୂଆ ସରକାର ଦୁଇ ଦେଶ ମଧ୍ୟରେ ସାଧାରଣ ଜନତାଙ୍କ ସମ୍ପର୍କ ବୃଦ୍ଧି କରିବାକୁ, ବାଣିଜ୍ୟ ଓ ପୁଞ୍ଜିନିବେଶକୁ ଅଧିକ ଗୁରୁତ୍ୱ ଦେବ। ପାକିସ୍ତାନ

**ବାଂଲାଦେଶର ସ୍ୱାର୍ଥ ସର୍ବୋପରି**

ସହ ସମ୍ପର୍କକୁ ନେଇ ସେ କହିଛନ୍ତି ଯେ ଆଞ୍ଚଳିକ ସ୍ଥିରତା ପାଇଁ ସମସ୍ତଙ୍କ ସହ ସମ୍ପର୍କ ସ୍ୱାଭାବିକ ରଖିବା ଜରୁରୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ତିକ୍ତତା କ୍ଷେତ୍ରରେ ବାଂଲାଦେଶ କୌଣସି ପକ୍ଷ ନେବ ନାହିଁ ବୋଲି ସେ କହିଛନ୍ତି।

ଦୀର୍ଘ ୧୫ ବର୍ଷର ଏକଛତ୍ରବାଦୀ ଶାସନ ପରେ ଆଜିଠାରୁ ଦେଶରେ ପ୍ରକୃତ ଅର୍ଥରେ ସ୍ୱାଧୀନତା ଓ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି ବୋଲି ତାରିକ କେତେକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଆମର ବିଚାରଧାରା ଭିନ୍ନ ହୋଇପାରେ, କିନ୍ତୁ ଦେଶର ସ୍ୱାର୍ଥ ପାଇଁ ଓ ଅର୍ଥନୀତିକୁ ସଜାଡ଼ିବା ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଭାରତ ବର୍ତ୍ତମାନର ସ୍ଥିତିକୁ 'ସତର୍କ ଆଶାବାଦ' ସହ ଦେଖୁଛି। ଯଦିଓ ପୂର୍ବରୁ ବିଏନ୍‌ପି ସରକାର ସମୟରେ କିଛି ସମସ୍ୟା ଥିଲା, କିନ୍ତୁ ବର୍ତ୍ତମାନର ଅର୍ଥନୈତିକ ବାସ୍ତବତାକୁ ଦେଖି ତାରିକ ଏକ ବ୍ୟବହାରିକ ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଭାରତ ଆଶା ରଖିଛି। ସୂଚନାଯୋଗ୍ୟ ଯେ, ନିର୍ବାଚନରେ ୨୯୯ଟି ଆସନରୁ ବିଏନ୍‌ପି ଓ ତା'ର ସହଯୋଗୀ ମେଣ୍ଟ ୨୧୨ଟି ଆସନ ହାସଲ କରିଛନ୍ତି। ସେହିପରି ଜମାତ-ଇ- ଇସଲାମୀ ୭୭ ଆସନ ଓ ଅନ୍ୟାନ୍ୟ ୧୦ଟି ଆସନ ଜିତିଛନ୍ତି।



ଆସାମ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ବିଚାରପତିମାନେ ନିଜର ସୀମା ଜାଣିବା ଉଚିତ

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ନୂଆଦିଲ୍ଲୀରେ ଆୟୋଜିତ ଏକାଦଶ 'କମନୱେଲଥ ଜୁଡ଼ିସିଆଲ ଏଜୁକେଟର୍ସ' (ସିଜେଇ) ବୈଠକରେ ଯୋଗ ଦେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ବିଚାର ବିଭାଗୀୟ ନେତୃତ୍ୱ ଓ ବିଚାରପତିମାନଙ୍କ କାର୍ଯ୍ୟଶୈଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ, ବିଚାରପତିମାନେ ନିଜକୁ ସର୍ବଗୁଣ ସମ୍ପନ୍ନ



ମନେ କରିବା ଅପେକ୍ଷା ନିଜର ଭୁଲରୁ ଶିକ୍ଷା କରିବା ଓ ନମ୍ରତା ବଜାୟ ରଖିବା ଆବଶ୍ୟକ। ସେ କହିଛନ୍ତି ଯେ, ଇତିହାସରେ ସେହି ବିଚାରପତିମାନେ ସବୁଠାରୁ ଅଧିକ ସମ୍ମାନୀତ ହୋଇଛନ୍ତି, ଯେଉଁମାନେ ନିଜର ଅପୂର୍ଣ୍ଣତାକୁ ସ୍ୱୀକାର କରିଛନ୍ତି। ବିଚାରପତିମାନେ ନିଜର ସୀମା ଜାଣିବା ଉଚିତ ଓ ଭୁଲ ହେବାର ସମ୍ଭାବନାକୁ ସ୍ୱୀକାର କରିବା ଉଚିତ। ଯଦି ଜଣେ ବିଚାରପତି ଅପୂର୍ଣ୍ଣ ହୁଅନ୍ତି, ତେବେ ନ୍ୟାୟିକ ନେତୃତ୍ୱ ଦୁର୍ବଳ ହୁଏ ନାହିଁ। କିନ୍ତୁ ଯେତେବେଳେ ବିଚାରପତି ନିଜକୁ ସମ୍ପୂର୍ଣ୍ଣ ମନେ କରନ୍ତି, ସେତେବେଳେ ଏହା ପ୍ରଭାବିତ ହୋଇଥାଏ। ପ୍ରତ୍ୟେକ ବିଚାରପତି ନମ୍ରତାର ଗୁଣ ଆପଣାଇବା ଉଚିତ। ଆଇନ୍ ହେଉଛି ଏକ ଗତିଶୀଳ ବ୍ୟବସ୍ଥା, ଯାହା ସମାଜ ସହ ପରିବର୍ତ୍ତନ ହୋଇଥାଏ। ତେଣୁ ବିଚାରପତିମାନେ କେବଳ ପୁରୁଣା ରାୟ ଉପରେ ନିର୍ଭର ନ କରି ଆଜିର ସମୟ ଅନୁସାରେ ନ୍ୟାୟ ପ୍ରଦାନ କରିବା ଉଚିତ। ପୁଣି ଅନେକ ଲୋକ ବିଚାର କରନ୍ତି ଯେ, ବିଚାରପତି ପଦରେ ନିଯୁକ୍ତି ପାଇବା ପରେ ଶିକ୍ଷାର ସମାପ୍ତି ଘଟେ, କିନ୍ତୁ ଏହା ଏକ ବଡ଼ ଭୁଲ। ବିଚାରପତିମାନେ ସବୁବେଳେ ନୂଆ ଜିନିଷ ଶିଖିବା ପାଇଁ ପ୍ରସ୍ତୁତ ରହିବା ଉଚିତ ବୋଲି ସେ କହିଛନ୍ତି। ଏଥିସହ ସେ କମନୱେଲଥ ଅର୍ଥାତ ରାଜ୍ୟଗୋଷ୍ଠୀରେ ସାମିଲ ଥିବା ଦେଶଗୁଡ଼ିକ ମଧ୍ୟରେ ଏକ ଅନୁଷ୍ଠାନ ଗଠନ କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ବାର (ଓକିଲ), ବେଞ୍ଚ୍ (ବିଚାରପତି) ଓ ନ୍ୟାୟିକ ଶିକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବ।

# ପ୍ରେମିକାକୁ ହତ୍ୟା କରିବା ପରେ ଜୀବନ ହାରିଲେ ପ୍ରେମିକ

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଶୁକ୍ରବାର ଅର୍ଥାତ ଫେବୃଆରୀ ୧୪ରେ ସାରା ବିଶ୍ୱରେ ଭାଲେଣ୍ଟାଇନ ଡେ' ପାଳନ କରାଯାଉଛି। କିନ୍ତୁ ଏହି ଦିନ ନୋଏଡ଼ାର ସେକ୍ଟର-୩୯ ଅଞ୍ଚଳରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ନିଜ ପ୍ରେମିକାକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ସକାଳ ୧୧ଟାରେ ଏହି ଘଟଣା ଘଟିଛି। ଗୋଟିଏ କାର୍ ଭିତରୁ ପୁଲିସ ଏହି ଯୁବକ ଓ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ଓ ପରେ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକ ଗୁଳି ଫୁଟିବା ଶବ୍ଦ ଶୁଣି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଟାଟା ଆଲଟ୍ରୋଜ କାର୍‌ର କାଚ ଭାଙ୍ଗି ମୃତଦେହଗୁଡ଼ିକୁ ବାହରକୁ ବାହାର କରିଥିଲା। କାର୍‌ଟି ଭିତରପଟୁ ଲକ୍ କରାଯାଇଥିଲା। ମୃତ ଯୁବତୀ ହେଉଛନ୍ତି ରେଖା। ସେ ନୋଏଡ଼ାର ବାସିନ୍ଦା। ସେହିପରି ମୃତ ଯୁବକ ହେଉଛନ୍ତି ସୁମିତ ଓ ସେ ଦିଲ୍ଲୀର ବାସିନ୍ଦା। ସୁମିତଙ୍କ ହାତରେ ଏକ ପିସ୍ତଲ ଥିଲା ଓ କାର୍ ଭିତର ଦୁଇଟି ଖାଲି ଗୁଳି ଜବତ କରାଯାଇଛି। ପରିବାରର ଲୋକଙ୍କ କହିବା ଅନୁଯାୟୀ, ଦୁହେଁ ପରସ୍ପରକୁ ୧୫ ବର୍ଷ ହେବା ଜାଣିଥିଲେ ଓ ଖୁବଶୀଘ୍ର ବିବାହ କରିବାକୁ ଯୋଜନା କରୁଥିଲେ। ସୁମିତଙ୍କ ପରିବାର ଦାବି କରିଛି ଯେ ସେ ରେଖାଙ୍କ ପାଇଁ ପ୍ରାୟ ୧ କୋଟି ଟଙ୍କାର ଏକ ଫ୍ଲାଟ୍ ମଧ୍ୟ କିଣିଥିଲେ। ସୁମିତଙ୍କ ସମ୍ପର୍କୀୟ ଭାଇ ଅଭିଯୋଗ କରିଛନ୍ତି ଯେ ରେଖାଙ୍କ ପରିବାର ଲୋକ ରେଖାଙ୍କୁ ସୁମିତଙ୍କ ବିରୋଧରେ ଉସୁକାଉଥିଲେ ଓ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଫୋରେନସିକ ଦଳ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିଛି।

# ମଧ୍ୟ ଭାରତରେ ପାରଦ ୩୦ ଡିଗ୍ରୀ ପାର

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଦେଶର ମଧ୍ୟ ଭାଗରେ ଥିବା ରାଜ୍ୟଗୁଡ଼ିକରେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ୫ଟି ରାଜ୍ୟରେ ପାରଦ ୩୦ ଡିଗ୍ରୀ ପାର କରିଛି। ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ, ଏହି ଦୁଇଟି ରାଜ୍ୟରେ ଅଧିକାଂଶ ସହରରେ ଦିନର ତାପମାତ୍ରା ୩୦ ଡିଗ୍ରୀ ଅତିକ୍ରମ କରିଛି। ୟୁପିର ବାନ୍ଦା ସହରରେ ସର୍ବାଧିକ ତାପମାତ୍ରା ୩୧.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଛତିଶଗଡ଼ରେ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇଛି। ଜଗଦଲପୁରରେ ସବୁଠାରୁ ଅଧିକ ୩୨.୭ ସେଲସିୟସ ଅନୁଭୂତ ହୋଇଛି। କିନ୍ତୁ ଦେଶର ପଶ୍ଚିମ ହିମାଳୟ ଅଞ୍ଚଳରେ ଫେବୃଆରୀ ୧୩ରୁ ୧୬ ମଧ୍ୟରେ ଦୁଇଟି ପଶ୍ଚିମା ଝଡ଼ (ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ) ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇଦିନ ମଧ୍ୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ବର୍ଷା ଓ ବରଫପାତ ହେବାର ସମ୍ଭାବନା ରହିଛି। ସେହିପରି ରାଜସ୍ଥାନର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତରାଖଣ୍ଡରେ କଠୋର ଶୀତ ଜାରି ରହିଛି। ମୁନସ୍ୟାରୀରେ ତାପମାତ୍ରା ବିୟୁକ୍ତ ୨୬ ଡିଗ୍ରୀକୁ ଖସିଥିବା ବେଳେ ଗଙ୍ଗୋତ୍ରୀରେ ବିୟୁକ୍ତ ୨୧ ଓ ବଦ୍ରିନାଥରେ ବିୟୁକ୍ତ ୧୯ ଡିଗ୍ରୀ ରହିଛି। କଶ୍ମୀର ଉଚ୍ଚ ଅଞ୍ଚଳଗୁଡ଼ିକରେ ବରଫପାତ ଯୋଗୁଁ 'ମୁଗଲ ରୋଡ଼' ବନ୍ଦ ରହିଛି। ଝାଡ଼ଖଣ୍ଡର ଚାରୋଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରହିଛି।

# ଭାରତରେ ୨୫,୦୦୧ ଲାଇସେନ୍ସପ୍ରାପ୍ତ ପାଇଲଟ ଅଛନ୍ତି

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଭାରତରେ ବର୍ତ୍ତମାନ ୨୫, ୦୦୧ ଜଣ ଲାଇସେନ୍ସପ୍ରାପ୍ତ ପାଇଲଟ ଅଛନ୍ତି, ଅର୍ଥାତ ସେମାନଙ୍କ ପାଖରେ ବୈଧ ଲାଇସେନ୍ସ ରହିଛି ବୋଲି ସରକାର ଲୋକସଭାରେ ସୂଚନା ଦେଇଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କେତେଜଣ ଚାକିରି କରୁଛନ୍ତି ବା ନିଯୁକ୍ତି ଦିଆଯାଇଛି, ସେ ନେଇ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ରେକର୍ଡ ନାହିଁ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କେବଳ ଲାଇସେନ୍ସର ହିସାବ ରଖେ, କିନ୍ତୁ ନିଯୁକ୍ତି ସ୍ଥିତିର ନୁହେଁ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି। ଲାଇସେନ୍ସ ୩ ପ୍ରକାର ରହିଛି। ଏଟିପିଏଲ୍ (ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ ଲାଇସେନ୍ସ), ସିପିଏଲ (କମର୍ସିଆଲ ପାଇଲଟ ଲାଇସେନ୍ସ) ଓ ପିପିଏଲ୍ (ପ୍ରାଇଭେଟ ପାଇଲଟ ଲାଇସେନ୍ସ)। ୧୦, ୨୬୧ ଜଣ ପାଇଲଟଙ୍କ ପାଖରେ ଏଟିପିଏଲ, ୧୨, ୪୮୦ ଜଣଙ୍କ ପାଖରେ ସିପିଏଲ ଏବଂ ୧, ୪୭୭ ଜଣଙ୍କ ପାଖରେ ପିପିଏଲ ଅଛି। ଏଟିପିଏଲ ହେଉଛି ସବୁଠାରୁ ଉଚ୍ଚସ୍ତରୀୟ ପ୍ରମାଣପତ୍ର ଓ ଏହା ବାଣିଜ୍ୟିକ ବିମାନର କମାଣ୍ଡ ସମ୍ଭାଳିବା ପାଇଁ ଆବଶ୍ୟକ ହୋଇଥାଏ।

# ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ହତ୍ୟା ଷଡ଼ଯନ୍ତ୍ର: ଭାରତୀୟ ନାଗରିକଙ୍କୁ ୨୪ ବର୍ଷ ଜେଲ୍

ନ୍ୟୁୟର୍କ, ୧୪।୨(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କୁ ୨୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଶୁକ୍ରବାର ଦିନ ନ୍ୟୁୟର୍କର ଏକ କୋର୍ଟରେ ହାଜର ହୋଇ ନିଖିଲ ନିଜର ଅପରାଧ ସ୍ୱୀକାର କରିଥିଲେ। ଆସନ୍ତା ମେ ମାସ ୨୯ ତାରିଖରେ ଏହି ଦଣ୍ଡାଦେଶର ଆନୁଷ୍ଠାନିକ ଘୋଷଣା କରାଯିବ। ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ମୁତାବକ, ଏହି ଷଡ଼ଯନ୍ତ୍ର ଜଣେ ଆମେରିକୀୟ ନାଗରିକଙ୍କୁ ହତ୍ୟା କରାଯିବା ପାଇଁ ରଚାଯାଇଥିଲା, ଯାହାକୁ ଆମେରିକାର ଏଜେନ୍ସିଗୁଡ଼ିକ ସମୟ ପୂର୍ବରୁ ହିଁ ବିଫଳ କରିଦେଇଥିଲେ। ନିଖିଲ ଗୁପ୍ତା ଓରଫ ନିକ୍ ହତ୍ୟା ପାଇଁ ଚୁକ୍ତି, ଏହାର ଷଡ଼ଯନ୍ତ୍ର ଓ ମନି ଲଣ୍ଡରିଂ ଭଳି



୩ଟି ଗୁରୁତର ଅଭିଯୋଗକୁ ସ୍ୱୀକାର କରିଛନ୍ତି। ପନ୍ନୁ ମୂଳତଃ ପଞ୍ଜାବର ଖାନକୋଟ ବାସିନ୍ଦା। ସେ ବର୍ତ୍ତମାନ ଆମେରିକାରେ ରହି 'ଶିଖ ଫର ଜଷ୍ଟିସ' (ଏସ୍‌ଜେଏଫ୍) ନାମକ ସଂଗଠନ ପରିଚାଳନା କରୁଛି। ତା ପାଖରେ ଆମେରିକା ଓ କାନାଡ଼ାର ଦ୍ୱୈତ ନାଗରିକତା ଅଛି। ଭାରତ ସରକାର ତାକୁ ୨୦୨୦ ଜୁଲାଇ ୧ରେ ୟୁଏପିଏ ଅଧୀନରେ ଆତଙ୍କବାଦୀ ଘୋଷଣା କରିଥିଲେ।

ଅଭିଯୋଗ ହୋଇଛି ଯେ ୨୦୨୩ ମେ'ରେ ବିକାଶ ଯାଦବ ନାମକ ଜଣେ ଭାରତୀୟ ଅଧିକାରୀ ନିଖିଲ ଗୁପ୍ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ ନିୟୋଜିତ କରିଥିଲେ। ମେ ୨୯ରେ ନିଖିଲ ଜଣେ ସୁପାରି କିଲର ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ସେ ଯାହାକୁ ଯୋଗାଯୋଗ କଲେ, ସେ ଜଣେ ଆମେରିକୀୟ ଅଣ୍ଡରକଭର ଏଜେଣ୍ଟ ଥିଲେ। ଜୁନ୍ ୯ରେ ହତ୍ୟା ପାଇଁ ଅଗ୍ରିମ ବାବଦରେ ୧୫ ହଜାର ଡଲାର (୧୨.୫ ଲକ୍ଷ ଟଙ୍କା) ପଠାଇଥିଲେ। ସମୁଦାୟ ଚୁକ୍ତି ଏକ ଲକ୍ଷ ଡଲାରରେ ହୋଇଥିଲା। ଜୁନ୍ ୧୮ରେ କାନାଡ଼ାରେ ଅନ୍ୟତମ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରକୁ ହତ୍ୟା କରାଯାଇଥିଲା। ନିଖିଲ ସେହି ହତ୍ୟାର ଭିଡ଼ିଓ ସମ୍ପୃକ୍ତ ସୁପାରି କିଲରଙ୍କୁ ପଠାଇ କହିଥିଲେ ଯେ, ଏହା ଏକ ଶୁଭ ଖବର, ଏବେ ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। ଜୁନ୍ ୩୦ରେ ନିଖିଲଙ୍କୁ ଚେକ ଗଣରାଜ୍ୟରୁ ଗିରଫ କରାଯାଇଥିଲା ଓ ପରେ ଆମେରିକାକୁ ହସ୍ତାନ୍ତର କରାଯାଇଥିଲା। ଏଫ୍‌ବିଆଇ କହିଛି ଯେ, ଭାରତୀୟ ଗୁଇନ୍ଦା ସଂସ୍ଥା (ଆରଏଡବ୍ଲ୍ୟୁ) ସହ ଜଡ଼ିତ ଥିବା ବିକାଶ ଯାଦବ ଏହି ପୂରା ଯୋଜନାର ମୁଖ୍ୟ ଥିଲେ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ନିଜର ସ୍ପଷ୍ଟୀକରଣ ଦେଇ କହିଛି ଯେ, ଅଭିଯୋଗପତ୍ରରେ ନାମ ଥିବା ବ୍ୟକ୍ତି ଏବେ ଆଉ ଭାରତ ସରକାରଙ୍କ କର୍ମଚାରୀ ନୁହନ୍ତି।

## ରାମତୀର୍ଥରେ ବୁଡ଼ି ନାବାଳକ ନିଖୋଜ



ରାଇରଙ୍ଗପୁର/କରଞ୍ଜିଆ, ୧୪।୨ (ସମିସ): ରାମତୀର୍ଥ ନିକଟ ନଦୀରେ ଜଣେ ନାବାଳକ ବୁଡ଼ି ନିଖୋଜ ହୋଇଯାଇଛି। ନାବାଳକଜଣଙ୍କ ସ୍ଥାନୀୟ ଅଞ୍ଚଳର। ସେ ଆଜି ରାମତୀର୍ଥ ବୁଲିବାକୁ ଆସିଥିବା ବେଳେ ଅସାବଧାନତାରୁ ଖଇରୀ-ଭଣ୍ଡନ ନଦୀକୁ ଖସି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ଉଦ୍ଧାର କରିପାରିନଥିଲେ। ତେବେ ସଂଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। ଆସନ୍ତାକାଲି ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଅଗ୍ନିଶମ ବିଭାଗ କହିଛି।

### ନବୀନ ନିବାସରେ ବ୍ୟାସନଗର ମ୍ୟୁନିସିପାଲିଟିର ମିଶନ ଶକ୍ତି ମା'

# ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖ: ନବୀନ

ଭୁବନେଶ୍ୱର,୧୪।୨(ସମିସ): ଯାଜପୁର ବ୍ୟାସନଗର ମୁନିସିପାଲଟି ଅଞ୍ଚଳର ମିଶନ ଶକ୍ତି ମାମାନେ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସବୁ ଆହ୍ୱାନର ସାମ୍ନା କରି ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ମିଶନ ଶକ୍ତି ମାମାନଙ୍କୁ ପରାମର୍ଶ ଦେଇଥିଲେ।



## ୫ ନକ୍ସଲ ସ୍ମାରକୀ ଧ୍ୱଂସ କଲେ ଯବାନ

ମାଲକାନଗିରି,୧୪।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀ ୫ ନକ୍ସଲ ସ୍ମାରକୀ ଭାଙ୍ଗି ନଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲାର ତାରେମ ଥାନା ଅଞ୍ଚଳର ମାଣ୍ଡିମାର୍କା ଜଙ୍ଗଲରେ ସିଆରପିଏଫର ୧୬୮ ଏବଂ ୧୫୩ ବାଟାଲିୟନର ଏକ ମିଳିତ ଦଳ ମାଓ ଦମନ ପାଇଁ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଯବାନମାନେ ନକ୍ସଲ ସ୍ମାରକୀ ଦେଖି ଏହାକୁ ଭାଙ୍ଗି ନଷ୍ଟ କରିଥିଲେ। ସେହିପରି ଉସୁର ଥାନା ଅଞ୍ଚଳର ମାରୁଧବାକା ଜଙ୍ଗଲରେ ମଧ୍ୟ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଦୁଇଟି ସ୍ମାରକୀକୁ ଠାବ କରି ଏହାକୁ ଭାଙ୍ଗି ଦେଇଥିଲେ। ସେହିପରି ପୌରରଗୁଡ଼ା ଏବଂ ସିଙ୍ଗାନାପାଲି ଜଙ୍ଗଲ ଅଞ୍ଚଳରେ ଅନ୍ୟ ଦୁଇଟି ନକ୍ସଲ ସ୍ମାରକୀକୁ ନଷ୍ଟ କରାଯାଇଛି। ଦକ୍ଷିଣ ବସ୍ତର୍ ଅଞ୍ଚଳରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀର ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ମାଓ ଭୟକୁ ଦୂର କରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁଷ୍କର୍ମ ଅଭିଯୋଗରେ ଯୁବନେତା ଗିରଫ

ବାରିପଦା, ୧୪।୨(ସମିସ): ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରିପଦା ସଦର ଥାନା ପୁଲିସ୍ ଜଣେ ଯୁବନେତାଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗାଁର ଶିରୀଶ ଚନ୍ଦ୍ର ହେମ୍ବ୍ରମ(୩୨)। କୁଳିଅଣା ବ୍ଲକର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ସଂପର୍କ ରଖିଥିଲେ। କିନ୍ତୁ ପରେ ସେ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ଯୁବତୀଜଣଙ୍କ ବାରିପଦା ସଦର ଥାନାରେ ଗତ ୧୨ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ଗତରାତିରେ ଶିରୀଶଙ୍କୁ ଗିରଫ କରିଥିବା ବେଳେ ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ମା' ଜଣେ ପ୍ରାକ୍ତନ ଲୋକପ୍ରତିନିଧି ହୋଇଥିବା ବେଳେ ଅଭିଯୁକ୍ତ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଆଶାୟୀ ରହି ଆସିଥିଲେ। ଶିରୀଶ ଏହି ଅଭିଯୋଗକୁ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।

# ମିଶନ୍ ମୋଡ୍‌ରେ କର ଜମିପଟ୍ଟା ସମ୍ବନ୍ଧୀୟ ସମସ୍ତ ସଂଶୋଧନ

ଭୁବନେଶ୍ୱର, ୧୪।୨ (ସମିସ): ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଆର୍‌ଓଆର୍)ର ୨ ଖାନା (କଲମ-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ରାଜ୍ୟ ସରକାର। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡ୍‌ରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଚିଠିରେ ଡ. ପାଢ଼ୀ କହିଛନ୍ତି ଯେ କଲମ-୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ; ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବେ ସମ୍ପୃକ୍ତ। ସଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ। ମାତ୍ର, ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ ଏବଂ ପ୍ରଶାସନିକ କାର୍ଯ୍ୟ କୁଶଳତା ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ଜାରି ହୋଇଥିବା ପ୍ରମୁଖ ନିର୍ଦ୍ଦେଶାବଳୀଗୁଡ଼ିକ ମଧ୍ୟରେ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେଇ ସମସ୍ତ ଅପେକ୍ଷିତ ବା ବଳକା ମାମଲାକୁ ମିଶନ୍ ମୋଡ୍‌ରେ ସଠିକ୍ ସମୟରେ ସାରିବାକୁ ଗୁରୁତ୍ୱ ଦିଆଯାଇଛି। ଅଧିକ ବଳକା ମାମଲା ଥିବା ତହସିଲଦାରମାନଙ୍କୁ ଚିହ୍ନଟ କରି ଆବଶ୍ୟକ ନିର୍ଦ୍ଦେଶ ତଥା ଚେତାବନୀ ଜାରି କରିବା ସହ ଅସନ୍ତୋଷଜନକ କାର୍ଯ୍ୟଦକ୍ଷତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଉପଜିଲ୍ଲାପାଳମାନେ ନିୟମିତ ନିରୀକ୍ଷଣ ପାଇଁ ଉତ୍ତରଦାୟୀ ରହିବା ସହ ବଳକା ମାମଲା ଶୀଘ୍ର ସାରିବା ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ଡ୍ୟାସବୋର୍ଡ ବ୍ୟବସ୍ଥା ଆରମ୍ଭ ହେବ। ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସଂଯୁକ୍ତ ରିପୋର୍ଟ ନିୟମିତ ଭାବେ ଦାଖଲ କରିବା ସହ ଏଥିସହ ସମ୍ପୃକ୍ତ ସମସ୍ୟାଗୁଡ଼ିକୁ ବିଭାଗକୁ ଅବଗତ କରାଇବା ପାଇଁ କୁହାଯାଇଛି। ଏହାକୁ ପ୍ରାଥମିକତା ଭାବେ ଗ୍ରହଣ କରି ଜିଲ୍ଲାସ୍ତରରେ କାର୍ଯ୍ୟକାରୀ କରିବାକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ଆର୍‌ଡିସିଙ୍କୁ ବ୍ୟକ୍ତିଗତ ଭାବେ ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୧୪ ଆଇଇଡି ସହ ବିପୁଳ ବିସ୍ଫୋରକ ଜବତ

ମାଲକାନଗିରି, ୧୪।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ଦମନ ଅଭିଯାନ ବେଳେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ୧୪ ଆଇଇଡି ବୋମାକୁ ସୁରକ୍ଷାବାହିନୀ ଜବତ କରିବା ସହ ତାହାକୁ ନିଷ୍କ୍ରିୟ କରିଛନ୍ତି। ଘଟଣାସ୍ଥଳରୁ ବିପୁଳ ବିସ୍ଫୋରକ ସାମଗ୍ରୀ ସହ ଦୁଇଟି ମାଓଡମ୍ପ ମଧ୍ୟ ଠାବ କରାଯାଇଛି। ସୂଚନାନୁଯାୟୀ, ସିଆର୍‌ପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ତାଡପାଲା ପାହାଡ଼ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଲଗାଇଥିବା ୧୪ଟି ଆଇଇଡି ବୋମାକୁ ଠାବ କରି ଏହାକୁ ନିଷ୍କ୍ରିୟ କରିବା ସହ ଜବତ କରିଥିଲେ। ଅଞ୍ଚଳରେ ଅଧିକ ତଲାସି ସମୟରେ ମାଓବାଦୀମାନେ ମାଟି ତଳେ ଦୁଇଟି ସ୍ଥାନରେ ଲୁଚାଇ ରଖିଥିବା ବିପୁଳ ବିସ୍ଫୋରକ, ମାଓ ସାମଗ୍ରୀକୁ ମଧ୍ୟ ଜବତ କରିଥିଲେ।

## ବିକ୍ରି ଶିଶୁପୁତ୍ର ଉଦ୍ଧାର, ୨ ଅଟକ

**ଅଢ଼େଇ ବର୍ଷର ପୁଅକୁ ବିକି ଦେଇଥିଲା ବାପା**

ନୀଳଗିରି, ୧୪।୨ (ସମିସ): ଟଙ୍କା ପାଇଁ ଜନ୍ମ କଲା ଅଢ଼େଇ ବର୍ଷର ପୁଅକୁ ମାତ୍ର ୧ ଲକ୍ଷ ଟଙ୍କାରେ ବିକିଦେଲା ବାପା। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଘଟଣା ପଦାକୁ ଆସିବା ପରେ ନୀଳଗିରି ପୁଲିସ ତତ୍ପରତା ଦେଖାଇ ଶିଶୁଟିକୁ ଉଦ୍ଧାର କରିବା ସହ ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି। ନୀଳଗିରି ଏନ୍ଏସି ଅନ୍ତର୍ଗତ ବରିସାହି ଗ୍ରାମର ରାକେଶ କୁମାର ବେହେରା ଓରଫ୍ କୁଆ ଦୁଇଟି ବିବାହ କରିଥିଲେ। କୁଆର ଅତ୍ୟାଚାର ସହିନପାରି ଦ୍ୱିତୀୟ ସ୍ତ୍ରୀ ତାଙ୍କଠାରୁ ଅଲଗା ହୋଇଯାଇଥିଲେ। ତେବେ ତାଙ୍କ ଔରସରୁ ଜାତ ଅଢ଼େଇ ବର୍ଷର ଏକ ଶିଶୁପୁତ୍ର ରାକେଶଙ୍କ ପାଖରେ ରହୁଥିଲା। ଉକ୍ତ ଶିଶୁପୁତ୍ରକୁ ରାକେଶ କିଛି ଦିନ ତଳେ ୧ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହା ଘୂରି ବୁଲିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ନୀଳଗିରି ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଘଟଣାକୁ ଗୁରୁତ୍ୱର ସହ ନେଇ ରାକେଶଙ୍କ ଘରେ ପହଞ୍ଚି ସତ୍ୟାସତ୍ୟ ଜାଣିବା ପରେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ରାକେଶ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ମୂଲଚାଲ କରି ଶିଶୁପୁତ୍ରକୁ ନିକଟସ୍ଥ କ୍ଷେତ୍ରସନସାହି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଅଭିଯୋଗ ପାଇ ପୁଲିସ ଶିଶୁପୁତ୍ରର ଖୋଜଖବର ନେଇଥିଲା। ପରେ ଶିଶୁପୁତ୍ରକୁ ଚିମିନିଭାଟି ଅଞ୍ଚଳରୁ ଉଦ୍ଧାର କରି ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କୁ ପୁଲିସ ଅଟକ ରଖିଛି।

### ଟେକ୍ସଟାଇଲ୍ ପାର୍କ, ବିପର୍ଯ୍ୟୟ ପୁନରୁଦ୍ଧାର ଡାଟାସେଣ୍ଟର୍ ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝର ହେବ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ



କେନ୍ଦୁଝର, ୧୪।୨ (ସମିସ): ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ହେବ କେନ୍ଦୁଝର। ବଳଭଦ୍ରପୁରଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ିଛନ୍ତି। ସେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର୍‌ର ଶିଳାନ୍ୟାସ କରିଛନ୍ତି। ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି, ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରିଥାଏ। ସେ ଆହୁରି କହିଥିଲେ ଯେ ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଟେକ୍ସଟାଇଲ୍ କନକ୍ଲେଭ୍ ସମୟରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ତାହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି।

ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, ଗଞ୍ଜାମ, କଟକ ଏବଂ ଜଗତସିଂହପୁରଠାରେ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର୍ ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟର୍‌ର ଏକ ବ୍ୟାକ-ଅପ୍ ଭାବେ କାର୍ଯ୍ୟ କରିବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର୍ ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ଏହା ନିରବଚ୍ଛିନ୍ନ ବିତରଣ ଜାରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ହାତୀ ମାରି ଦାନ୍ତ ନେଇଗଲେ ଶିକାରୀ

**କୁଶପଲ୍ଲା ଜଙ୍ଗଲରୁ ଗଳିତ ଶବ ଜବତ**



ଖୋର୍ଦ୍ଧା/ଟାଙ୍ଗୀ/ନିରାକାରପୁର, ୧୪।୨(ସମିସ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ପଟିଆ ସେକ୍ସନ୍ କୁଶପଲ୍ଲା ଗାଁ ନିକଟ ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ଗଳିତ ଶବ ଜବତ ହୋଇଛି। ହାତୀଟିର ବୟସ ୧୫ବର୍ଷ ହେବ ବୋଲି କୁହାଯାଉଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ କେହି ଦୁର୍ବୃତ୍ତ ହାତୀକୁ ଶିକାର କରିବା ପରେ ତା'ର ମୂଲ୍ୟବାନ୍ ଦାନ୍ତ ଦୁଇଟିକୁ କାଟି ନେଇଯାଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ, ବନ ବିଭାଗ ଗଣମାଧ୍ୟମକୁ ଅନ୍ଧାରରେ ରଖି ତରବରିଆ ଭାବେ ହାତୀ ଶବକୁ ଜଙ୍ଗଲରେ ପୋତି ଦେଇଥିବାରୁ ଏହି ସନ୍ଦେହ ଅଧିକ ଘନୀଭୂତ ହୋଇଛି।

ସୂଚନାନୁଯାୟୀ, ଆଜି ଜଙ୍ଗଲରୁ ପ୍ରବଳ ଦୁର୍ଗନ୍ଧ ଆସିବାରୁ କୁଶପଲ୍ଲା ଗ୍ରାମବାସୀଙ୍କଠାରୁ ଖବର ପାଇ ବନବିଭାଗ ଛାନଭିନ୍ କରିଥିଲା। ଗାଁଠାରୁ କିଛି ଦୂରରେ ଜଙ୍ଗଲ ଭିତରୁ ଏକ ହାତୀର ଗଳିତ ଶବ ଠାବ ହୋଇଥିଲା। ହାତୀଟିର ଶବ ପୂରା ପଚି ଯାଇଥିବା ବେଳେ କେବଳ ଅସ୍ଥି ଓ କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଥିଲା। ରଣପୁର ବ୍ଲକ୍ ପ୍ରାଣୀଧନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପଞ୍ଚନାମା କରିବା ପରେ ହାତୀଟିକୁ ସେଠାରେ ଗାତ ଖୋଳି ପୋତି ଦିଆଯାଇଥିଲା ବୋଲି ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ନେଇ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହାତୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଓ ସେମାନଙ୍କ ସୁରକ୍ଷା ପାଇଁ ଗଜସାଥୀ ନିଯୁକ୍ତ ହୋଇଥିବା ବେଳେ ଜଙ୍ଗଲ ଭିତରେ ହାତୀ ମରି ଶବ ପଚିଯିବା ପରେ ବି ବନ ବିଭାଗ ଜାଣି ନପାରିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି।

# ବାର୍ ଆସୋସିଏସନ୍‌ରେ ମହିଳା ଆଇନଜୀବୀଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ

**ମତାମତ ଲୋଡ଼ିଲା ବାର୍ କାଉନସିଲ୍**

କଟକ,୧୪।୨ (ସମିସ): ଓଡ଼ିଶାର ସମସ୍ତ ବାର୍ ଆସୋସିଏସନ୍‌ରେ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷଣ ରହିବ। ଏଣିକି ଜିଲ୍ଲା ଓ ତାଲୁକସ୍ତରୀୟ ଓକିଲ ସଂଘର କର୍ମକର୍ତ୍ତା ପଦବୀରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ବା ପ୍ରତିନିଧିତ୍ୱ ରହିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟଙ୍କ ଗତ ୨୦୨୫ ମାର୍ଚ୍ଚ ୨୪ ଏବଂ ୨୦୨୬ ଜାନୁଆରି ୧୬ ତାରିଖର ଆଦେଶ ଅନୁଯାୟୀ ଏହି ନିୟମ ଲାଗୁ କରାଯାଇଛି। ଫଳରେ ଆସନ୍ତା ଜିଲ୍ଲା, ତାଲୁକ କିମ୍ବା ଯେକୌଣସି ପ୍ରକାରର ବାର୍ ଆସୋସିଏସନ୍‌ର କାର୍ଯ୍ୟକାରୀ କମିଟିରେ ମହିଳା ଓକିଲଙ୍କୁ ୩୦ ପ୍ରତିଶତ ସ୍ଥାନ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ହାଇକୋର୍ଟର ସମସ୍ତ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ଏହା ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବାର୍ କାଉନସିଲ ପକ୍ଷରୁ ସମସ୍ତ ସଂଘକୁ ଏନେଇ ଚିଠି ଲେଖାଯାଇଛି। ଏହି ନିୟମର ଅନୁପାଳନ ପାଇଁ ବାର୍ ଆସୋସିଏସନ୍‌ଗୁଡ଼ିକ କ'ଣ ପଦକ୍ଷେପ ନେଇଛନ୍ତି, ତାହାର ସୂଚନା ମଗାଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ଆସୋସିଏସନ୍‌କୁ ସେମାନଙ୍କ ମତାମତ ଦେବାକୁ କୁହାଯାଇଛି। ଏହି ମତାମତଗୁଡ଼ିକୁ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କାଉନସିଲ୍ ବୈଠକରେ ଉପସ୍ଥାପନ କରାଯିବ।

### ଜାଗର ପୂର୍ବରୁ ଅବ୍ୟବସ୍ଥା ଜଳଜଳ

# ଶ୍ରୀଲୋକନାଥ ମନ୍ଦିର ଘଣ୍ଟାଏ ଅନ୍ଧାର

ପୁରୀ,୧୪।୨(ସମିସ): ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ଏବେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ପଙ୍କୋଦ୍ଧାର ଏକାଦଶୀରେ ହଜାରହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଆସି ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ। ରବିବାର ମହାଶିବରାତ୍ରୀ। ଶ୍ରୀଲୋକାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ହେଲେ ଏହାର ଅବ୍ୟବହିତ ପୂର୍ବରୁ ଶନିବାର ଦେଖିବାକୁ ମିଳିଛି ଅବ୍ୟବସ୍ଥା। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଯୋଗୁଁ ସେବକମାନଙ୍କ କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜିଛି। ଏପରିକି, ଇନ୍‌ଭର୍ଟର୍ ଥାଇ ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ବ୍ୟାଘାତ ସମସ୍ୟା ଉପୁଜିଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ କରାଯାଉଥିଲେ ହେଁ ଭିତର ପାର୍ଶ୍ୱରେ ଉନ୍ନତୀକରଣ ପାଇଁ ସେଭଳି କୌଣସି ତତ୍ପରତା ଦେଖାଯାଉନାହିଁ। ମନ୍ଦିର ଭିତରେ ଉନ୍ନତୀକରଣ ନେଇ ପ୍ରାୟ ବର୍ଷେ ହେବ ପ୍ରସ୍ତାବ ପଠାଯାଇଛି। ପ୍ରତ୍ନତତ୍ତ୍ୱ ବିଭାଗକୁ ସର୍ବେକ୍ଷଣ ପାଇଁ ଚିଠି ହୋଇଛି। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ।

ଶ୍ରୀଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ ପଣ୍ଡା କହିଛନ୍ତି, ମନ୍ଦିରର ଭିତର ପାର୍ଶ୍ୱ ଅବସ୍ଥା ଦୟନୀୟ। ଶନିବାର ଲାଇନ୍ କଟିଯିବାରୁ ସମସ୍ୟା ଉପୁଜିଲା। ପାଣି ପାଇଁ ସମସ୍ୟା ହେଲା। ଲାଇନ୍ ନ ଥିବାରୁ ଭିତର ପାର୍ଶ୍ୱରେ ଭକ୍ତମାନେ ପିଇବା ପାଣି ଟୋପେ ପାଇଲେ ନାହିଁ। ବାରମ୍ବାର ମନ୍ଦିର ଭିତରେ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଛୁ। କିଛି ଲାଭ ହେଉନାହିଁ। ବାହାର ପାର୍ଶ୍ୱ ଉନ୍ନତୀକରଣ ଆବଶ୍ୟକତା ରହିଛି। କିନ୍ତୁ, ମୁଖ୍ୟ ମନ୍ଦିର, ଭିତର ପାର୍ଶ୍ୱ ମରାମତି କାର୍ଯ୍ୟ ନେଇ ଯେତେ ପ୍ରସ୍ତାବ ଓ ନିବେଦନ କଲେ ମଧ୍ୟ ସେ ବାବଦରେ ଗୁରୁତ୍ୱ ଦିଆଯାଉନାହିଁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ପଣ୍ଡା।



ପୁରୀ ଲୋକନାଥ ମନ୍ଦିରରେ ବୃହତ୍ ଜଗତ ମଙ୍ଗଳ ଦୀପ

### ବାର୍ ଆସୋସିଏସନ କଲ୍ୟାଣ ପାଣ୍ଠି ହେରଫେର୍ ଘଟଣା

# ମହିଳା ଆକାଉଣ୍ଟାଣ୍ଟ ଗିରଫ

କଟକ,୧୪।୨(ସମିସ): କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ, କଟକ ବାର ଆସୋସିଏସନ, ଏମ.ଭି. ଲୟର ଆସୋସିଏସନ୍ ଓ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ୍ ସଦସ୍ୟଙ୍କ କଲ୍ୟାଣ ପାଣ୍ଠିରୁ ବଡ଼ଧରଣର ଆର୍ଥିକ ହେରଫେର୍ ହୋଇଥିବା ଅଭିଯୋଗ ହୋଇଥିଲା। ଆସୋସିଏସନ୍‌ର ମହିଳା ଆକାଉଣ୍ଟାଣ୍ଟ ଜାଲିଆତି କରି ପ୍ରାୟ ୩୧ରୁ ୪୦ଲକ୍ଷ ଟଙ୍କା ହରିଲୁଟ୍ କରିଥିବା ନେଇ ଲାଲବାଗ ଥାନାରେ ଏକ ଏତଲା ଦାୟର ହୋଇଥିଲା। ଏହି ଘଟଣାରେ ବାଦାମବାଡ଼ି ଥାନା ଅନ୍ତର୍ଗତ ମହତାବ୍ ରୋଡ୍‌ସ୍ଥିତ ବିମଳ ତ୍ରିପାଠୀ ଲେନ୍ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ତଥା ମହିଳା ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ବେହେରା(୨୭)ଙ୍କୁ ଗିରଫ କରାଯାଇଛି। ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଯୋଜନାବଦ୍ଧ ଭାବେ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ର ନଷ୍ଟ କରିବା ସହ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଡିପୋଜିଟ୍ ସ୍ଲିପ୍‌ରେ ତଥ୍ୟ ବଦଳାଇ ବିପୁଳ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। କ୍ରିମିନାଲ କୋର୍ଟ ବାର ଆସୋସିଏସନର ସମ୍ପାଦକ ପୁନୀଲ କୁମାର ସ୍ୱାଇଁଙ୍କ ତରଫରୁ ଏହି ଏତଲା ପ୍ରଦାନ କରାଯାଇଥିଲା।

ପ୍ରକାଶ ଥାଉକି, ୨୦୧୬ ମସିହାରେ କଟକର ୪ଟି ପ୍ରମୁଖ ବାର୍ ଆସୋସିଏସନ୍ ଯଥା କଟକ ବାର୍, କ୍ରିମିନାଲ କୋର୍ଟ ବାର୍, ଏମ୍.ଭି ଲୟର୍ସ ଆସୋସିଏସନ୍ ଏବଂ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ମିଳିତ ଭାବେ ସେମାନଙ୍କ ସଦସ୍ୟଙ୍କ ପାଇଁ କଲ୍ୟାଣ ପାଣ୍ଠି ଯୋଜନା ଆରମ୍ଭ କରିଥିଲେ। ଅସୁସ୍ଥ ଆଇନଜୀବୀଙ୍କୁ ଚିକିତ୍ସା ସହାୟତା ଏବଂ ସଦସ୍ୟଙ୍କ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା। ସଦସ୍ୟତା ଶୁଳ୍କ ଏବଂ ଓକାଲତିନାମାରେ ବ୍ୟବହୃତ 'ଲୋଗୋ'ରୁ ସଂଗୃହୀତ ଅର୍ଥ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଥିଲା। ଏହି ପାଣ୍ଠିରେ ଆର୍ଥିକ ଅନିୟମିତତା ସନ୍ଦେହ କରି ଗତ ୨୦୨୫ ଅଗଷ୍ଟ ୮ରେ ଏକ ଯୁଗ୍ମ ତଦନ୍ତ କମିଟି ଗଠନ କରାଯାଇଥିଲା। କମିଟିର ରିପୋର୍ଟ ଅନୁସାରେ, ଅଗଷ୍ଟ ୨୦୨୧ରୁ ଜୁଲାଇ ୨୦୨୫ ମଧ୍ୟରେ ପ୍ରାୟ ୩୧ଲକ୍ଷ ଟଙ୍କାରୁ ୪୦ଲକ୍ଷ ୭୩ହଜାର ଟଙ୍କା ମଧ୍ୟରେ ହେରଫେର୍ କରାଯାଇଛି ବୋଲି ଜଣାପଡ଼ିଥିଲା। କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତିକ୍ରମେ ସମ୍ପାଦକ ପୁନିଲ୍ ଲାଲବାଗ ଥାନା ଆଇଆଇସିଙ୍କୁ ଏକ ଏତଲା ଦେଇଥିଲେ। ଏହା ପରଠାରୁ ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ଫେରାର୍ ହୋଇଯାଇଥିଲେ। ଆଜି ସେ ନିଜ ଘରକୁ ଆସିଥିବା ଖବର ପାଇ ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରିଛି।

### ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା

# ସିଡିପିଓଙ୍କୁ ଅଭିଯୋଗ କଲେ ଅଭିଭାବକ

ପାତ୍ରପୁର,୧୪ ।୨(ସମିସ)



ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କୁ ନିୟମିତ ଖାଇବାକୁ ମିଳୁନଥିବା ନେଇ ଅଭିଭାବକ ମାନେ କେନ୍ଦ୍ରରେ ତାଲା ପକାଇବା ସହ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ସୁନାରୀବାଡ଼ ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ସମସ୍ୟା କିଛି ଦିନ ହେଲା ଲାଗିଥିବା ବେଳେ ପାତ୍ରପୁର ସିଡିପିଓଙ୍କୁ ଦେଖା କରି ସ୍ଥାୟୀ ସମାଧାନ ଚାହିଁଛନ୍ତି ଗ୍ରାମବାସୀ। ଅଭିଭାବକ ମାନଙ୍କ କହିବା ଅନୁସାରେ ସୁନାରିବାଡ ଅଙ୍ଗନବାଡ଼ି କେନ୍ଦ୍ରରେ ବହୁ ଦିନ ଧରି କୁନି କୁନି ପିଲା ମାନଙ୍କୁ ସଠିକ ଭାବରେ ଖାଦ୍ୟ ପ୍ରଦାନ କରାଯାଉ ନାହିଁ। ଏଥି ସହିତ କିଶୋରୀ ବାଳିକା ମାନଙ୍କୁ ସଠିକ ସମୟରେ ପୃଷ୍ଟିକର ଖାଦ୍ୟ ମଧ ବଣ୍ଟନ କରୁନଥିବା ଯୋଗୁଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ମଧ ଅଙ୍ଗନବାଡ଼ି କର୍ମୀ ଏଥି ପ୍ରତି ଦୃଷ୍ଟି ଦେଇନଥିଲେ। ଫଳରେ ଗୁରୁବାର ଦିନ ଅଭିଭାବକ ଓ ଗ୍ରାମବାସୀ ଏକତ୍ରିତ ହୋଇ ସୁନାରିବାଡ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ଉପସ୍ଥିତ ପାଚିକା ତଥା ସହାୟିକା ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ। ଶୁକ୍ରବାର ସକାଳ ସମୟରେ ପୁଣି ଅଭିଭାବକ ମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସି ପିଲାମାନଙ୍କୁ ରନ୍ଧା ଖାଦ୍ୟ ଓ ଅଣ୍ଡା ସଠିକ୍ ଭାବରେ କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ଅଙ୍ଗନବାଡ଼ି କର୍ମୀଙ୍କ ସହିତ ଆଲୋଚନା କରୁଥିବା ସମୟରେ ସେଠାରେ ଉପସ୍ଥିତ ଥିବା ସହାୟିକା ଓ ଅଭିଭାବକ ମାନଙ୍କ ମଧ୍ୟରେ କଥା କଟାକଟି ଓ ଧସ୍ତାଧସ୍ତି ହୋଇଥିଲା। ସହାୟିକାଙ୍କ ଚିତ୍କାର ଓ ଓହାଲ୍ଲା ଶୁଣି ଅଭିଭାବକ ଓ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ସେଠାରୁ ସିଧାସଳଖ ପାତ୍ରପୁର ସିଡ଼ିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ କିଛି ଅଭିଭାବକଙ୍କୁ ସିଡ଼ିପିଓ ତାଙ୍କ କାର୍ଯ୍ୟାଳୟ ଭିତରକୁ ଡାକି ପଚରାଉଚରା କରିବା ସହିତ ଆପଣଙ୍କ ସମସ୍ୟା ସମାଧାନ କରାଯିବ କହି ଗୋଟିଏ ଧଳା କାଗଜରେ ଅଭିଭାବକ ମାନଙ୍କ ଦସ୍ତଖତ କିମ୍ବା ଟିପ ଦେବାକୁ କହିଥିଲେ। ନିରିହ ମହିଳା ମାନେ କିଛି ଜାଣି ନପାରି ଧଳା କାଗଜରେ ଦସ୍ତଖତ କରି ପଦାକୁ ଆସିଥିଲେ। ଏହି ବିଷୟକୁ ନେଇ ସିଡ଼ିପିଓଙ୍କ ସହିତ ଯୋଗାଯୋଗ କରି ଅଭିଭାବକ ମାନଙ୍କ ଠାରୁ କାହିଁକି ଧଳା କାଗଜରେ ଦସ୍ତଖତ ନେଇଛନ୍ତି ବୋଲି ପଚାରିବାରୁ ସେମାନଙ୍କ ଅଭିଯୋଗ ଲେଖିବା ପାଇଁ ବୋଲି କହି ଦସ୍ତଖତ ଧଳା କାଗଜକୁ ଚିରିଦେଲେ। ଏହି ବିଷୟରେ ଗ୍ରାମବାସୀ ଓ ସିଡ଼ିପିଓଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ମଧ ହୋଇଥିଲା। ପରେ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ସିଡ଼ିପିଓଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ ପ୍ରଦାନ ପରେ ସିଡିପିଓ ଉପସ୍ଥିତ ମହିଳା ମାନଙ୍କ ଦସ୍ତଖତ ତଦାରଖ କରି ଅଭିଯୋଗ ସ୍ୱୀକାର କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ପକ୍ଷରେ ଅଭିଯୋଗ କରିବା ପାଇଁ ଆସିଥିବା ଅଭିଭାବକ ମାନଙ୍କ ପାଖରେ ସିଡ଼ିପିଓ ନମିତା ପଣ୍ଡା କାହିଁକି ଧଳା କାଗଜରେ ଦସ୍ତଖତ କରିବାକୁ ବାଧ କରିଥିଲେ। ଏଠାରେ ଘଟିଥିବା ଏପରି ଘଟଣାକୁ ନେଇ ଅନେକ ସନ୍ଦେହ ସୃଷ୍ଟି କରୁଛି।

## ପଞ୍ଚୁ ଦଣ୍ଡ ମିଳନ ପାଇଁ ପ୍ରସ୍ତୁତି ବୈଠକ



ଧରାକୋଟ,୧୪ ।୨(ସମିସ): ଧରାକୋଟ ଗ୍ରାମରେ ଆସନ୍ତା ଏପ୍ରିଲ ୭ ତାରିଖରେ ପଞ୍ଚୁ ଦଣ୍ଡ ମିଳନ ନେଇ ଏକ ପ୍ରସ୍ତୁତି ବୈଠକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ସରପଞ୍ଚ ଦିଲିପ୍ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇ ଥିବାବେଳେ ଏଥିରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ପଞ୍ଚୁ ଦଣ୍ଡର ସୁପରିଚାଳନା ପଞ୍ଚ ଠାକୁରାଣୀଙ୍କ ମହାମେଳଣ, ଶାନ୍ତି ଶୃଙ୍ଖଳା, ପ୍ରସାଦ ସେବନ, ପାଣି ଦଣ୍ଡର ପରିଚାଳନା ଉପରେ ଆଲୋଚନା କରିଥିଲେ। ଏହି ପଞ୍ଚୁ ଦଣ୍ଡ କାର୍ଯ୍ୟକ୍ରମ ପାଇଁ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ସଭାପତି ଏବଂ ଉପ ସଭାପତି ଭାବେ ପଦ୍ମନାଭ ବାରିକ, ପ୍ରଫୁଲ୍ଲ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ବିଷ୍ଣୁ କେଶରୀ ଆଚାର୍ଯ୍ୟ, ଉପ ସମ୍ପାଦକ ଭାବେ ସୋମନାଥ ମହାନ୍ତି, କୋଷାଧ୍ୟକ୍ଷ ଭାବେ ଗୋଲକ ବିହାରୀ ସାହୁ, ଉପ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର ନାୟକଙ୍କୁ ମନୋନୀତ କରାଯିବା ସହ ପ୍ରତି ସାହିରୁ ସଭ୍ୟ ଚୟନ କରାଯାଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଦୀର୍ଘ ଚାଳିଶି ବର୍ଷ ପରେ ଧରାକୋଟ ଗଡ଼ରେ ପଞ୍ଚୁ ଦଣ୍ଡ ଅନୁଷ୍ଠିତ ହେଉଥିବାରୁ ଗ୍ରାମବାସୀଙ୍କ ମନରେ ଉତ୍ସାହ ଦେଖାଦେଇଛି।

## କାମରେ ଆସୁନି ଶୌଚାଳୟ, ଲୋକଙ୍କ ଅସନ୍ତୋଷ

ବୁଗୁଡ଼ା,୧୪ ।୨(ସମିସ): ବୁଗୁଡ଼ା ସହର ଅନ୍ତର୍ଗତ ମଦନ ମୋହନ ଛକସ୍ଥିତ ଶୌଚାଳୟଟି ଗତ ମାସ ଠାରୁ ଲୋକଙ୍କ କାମରେ ଆସୁନଥିବା ଜଣାଯାଇଛି। ଶୌଚାଳୟର ପାଣି ପମ୍ପଟି ଖରାପ ହୋଇଯାଇଥିବାରୁ ଜଳର ଅଭାବ ହେଉଛି। ଫଳରେ ଶୌଚାଳୟ ଲୋକଙ୍କ କାମରେ ଆସୁନି। ଲୋକେ ଶୌଚାଳୟକୁ ଆସି ନିରାଶରେ ଫେରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପାଣି ପମ୍ପଟିକୁ ସଜାଡ଼ି ଶୌଚାଳୟରେ



ଜଳର ସୁବିଧା କରାଇ ଶୌଚାଳୟଟିକୁ କାର୍ଯ୍ୟକ୍ଷମ ଏନ୍ଏସି କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଆପଣାଇଥିବାରୁ ଲୋକେ ହଇରାଣ ହେଉଛନ୍ତି। ଲୋକେ ବାଧ ହୋଇ ଏଣେତେଣେ ପାଚେରୀକଡେ ପରିସ୍ରା କରୁଥିବାରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଧରାକୋଟ ଚାମ୍ପିଅନ



ଶେରଗଡ଼,୧୪ ।୨(ସମିସ): ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍ଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଆସିକା ପାନାସୋନିକ ଏବଂ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବ ମଧ୍ୟରେ ଉଦ୍ଯାପନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକାକୁ ହରାଇ ଧରାକୋଟ ଚାମ୍ପିଅନ ହୋଇଥିଲା। ଆସିକା ଦଳ ଟସ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୦୮ ୱିକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲେ। ୨୨୬ ରନର ବିଜୟ ଲକ୍ଷ୍ୟ ନେଇ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବ ପଡିଆକୁ ଓହ୍ଲାଇଥିଲା। ଧରାକୋଟ ପକ୍ଷରୁ ସନ୍ତୋଷ ପାତ୍ରଙ୍କ ୧୨୬, ଚିନୁଙ୍କ ୯୬ ରନ ସହାୟତାରେ କୌଣସି ୱିକେଟ ନ ହରାଇ ୧୫.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଉଦ୍ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଆସିକା ଲୋକସଭା କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଉପସଭାପତି ଶିବରାମ ପ୍ରଧାନ, ଶେରଗଡ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ବିଷୋୟୀ ଯୋଗଦେଇ ବିଜୟୀ ଏବଂ ପରାଜିତ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଆଜି ଅନ୍ତିମ ଦିବସରେ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବର ଓପନର ସନ୍ତୋଷ ପାତ୍ର ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବର ଚିନୁଙ୍କୁ ପୁରସ୍କୃତ କରାଯାଇଥିଲା।

## ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଛତ୍ରପୁର,୧୪ ।୨(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ବାର୍ଷିକୀ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ଉତ୍ସବରେ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ସରପଞ୍ଚ ବି. ସୁଦାମ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ପଞ୍ଚାୟତ ପାଣ୍ଠିରୁ ଆର୍ଥିକ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ସ୍ୱର୍ଗତ ରାମଚନ୍ଦ୍ର ସେଠୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ବିଦ୍ୟାଳୟ ପ୍ରତିଷ୍ଠା ବିବରଣୀ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୋରା ମହାରଣା, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଦାଧର ରାଉଳ, ସମିତି ସଭ୍ୟା ମୀନାକୁମାରୀ ସାହୁ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା କୁମାରୀ ଦେବୀ, ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, ନୀଳକଣ୍ଠେଶ୍ୱର ବିଦ୍ୟପୀଠ ଏନସିସି ଫାଷ୍ଟ ଅଫିସର ସୁଧାକର ବୋଳି, ମାୟା ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଧର୍ମେନ୍ଦ୍ର ପ୍ରଧାନ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ଅତିଥି ମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାସିନୀ ସାହୁ, ଶୁଭ୍ରଚଳା ବକ୍ସି, ସାଗରିକା ପାଢ଼ୀ, ଜି. ବିଜୟାଲକ୍ଷ୍ମୀ, ନମିତା ଆଚାର୍ଯ୍ୟ, ସୁଧୀର ସେଠି, ପଦ୍ମଚରଣ ଦାସ, ବିନୋଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍‌ଘାଟିତ

ଆସିକା,୧୪ ।୨(ସମିସ): ପ୍ରଜପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ପ୍ରଦର୍ଶନୀ ପଡ଼ିଆରେ ତ୍ରିଦିବସୀୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍‌ଘାଟିତ ହୋଇଯାଇଛି। ମେଳାର ଉଦ୍‌ଘାଟନୀ ସମାରୋହରେ ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ ଜ୍ୟୋତିର୍ଲିଙ୍ଗଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଆସ୍କା ଚିନି କାରାଖାନାର ମ୍ୟାନେଜିଂ ଡାଇରେକ୍ଟର ଡଃ ସୁଶାନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଓ ଚିନ୍ମୟ ମିଶନ ଆସ୍କାର ସାଙ୍ଗଠନିକ ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା, କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ପ୍ରଭାତୀ ଉପସ୍ଥିତ ସଭାକୁ ଜ୍ୟୋତିର୍ଲିଙ୍ଗ ଦର୍ଶନ କରି ଗୁଣର ସାଗର ଶିବ ପିତାଙ୍କ ଠାରୁ ଗୁଣରୂପୀ ଖଜଣାରେ ଭରପୁର ହେବା ଆମ ଜୀବନର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଏକ ବିରଳ ପରିକଳ୍ପନା ଏବଂ ଚିନ୍ତାମୁକ୍ତ ଜୀବନଶୈଳୀ ପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ସମୟର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ।

## ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ

ବେଲଗୁଣ୍ଠା,୧୪ ।୨(ସମିସ): ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ପଞ୍ଚାୟତର ବୋରୀ ପିଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦିଲ୍ଲୀପ୍ କୁମାର ଖୁଣ୍ଟିଆ, ସମ୍ମାନିତ ଅତିଥି ରୂପେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର,କବି ପ୍ରଶାନ୍ତ ମହାନ୍ତି, ଲୋହରାଖଣ୍ଡି ସାହିତ୍ୟ ସଂସଦ ସମ୍ପାଦକ ଚିନ୍ମୟ ବେବର୍ତ୍ତା, ଗାଙ୍ଗପୁର ନାଏବ ସରପଞ୍ଚ ଦ୍ୱିତୀକୃଷ୍ଣ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ପାଣି, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ଚନ୍ଦ୍ର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ ଶିଶିର କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷକ ଲକ୍ଷ୍ମୀଧର ଗୌଡ଼, ଅଶୋକ କୁମାର ବେହେରା, ପ୍ରମୋଦ କୁମାର ସାହୁ, ମନୋରଞ୍ଜନ ବିଷୋୟୀ, ଭୀଷ୍ମ ପ୍ରଧାନ, ଅଭୟ ପୃଷ୍ଟି, ଗୌତମ ପାତ୍ର, ଲୁଚିତ କୁମାର ବିଷୋୟୀ, ସୁନିତା ଦାଶ, ଲିପି ପ୍ରଧାନ, ନଙ୍ଗାରାମ ହାଁସଦା, ଶୁଭଶ୍ରୀ ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଶିକ୍ଷକ ଲକ୍ଷ୍ମୀଧର ଗୌଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ଧରାକୋଟ,୧୪ ।୨(ସମିସ): ଧରାକୋଟ ଅଗ୍ନିଶମ ବାହିନୀ ତରଫରୁ ସାବା ଆଶ୍ରମ ବିଦ୍ୟାଳୟରେ ନିଆଁଲିଭା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଆଗ୍ନିକ ଆଶୁତୋଷ ଦଳାଇ, ଦୁଷ୍ମନ୍ତ ପ୍ରଧାନ, ଯୁଧିଷ୍ଠିର ମାଝୀ ପ୍ରମୁଖ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ପାଞ୍ଚ ପ୍ରକାରର ନିଆଁ ଲିଭା କୌଶଳ ପ୍ରଦର୍ଶନ କରିଥିଲେ। ଡବ୍ଲୁଇଓ ଅନନ୍ୟା ପଣ୍ଡା, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାଡ଼ତ୍ୟା, ପ୍ରଭାସିସ ପରମାଣିକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କୃତୀ ଛାତ୍ରୀଙ୍କୁ ମିଳୁନି ସହାୟତା ରାଶି

ପାତ୍ରପୁର,୧୪ ।୨(ସମିସ): ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସଫଳତାର ପ୍ରଥମ ପାହାଚ ହେଉଛି ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିବା। ପ୍ରତ୍ୟେକ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନେ ଏହି ପରୀକ୍ଷା ନିମନ୍ତେ ମନୋନୀତ ହୋଇଥାନ୍ତି। କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ମଧ ପ୍ରଦାନ କରାଯାଇଥାଏ। ହେଲେ ପରୀକ୍ଷାରେ କୃତିତ୍ୱ ହାସଲ କରିବାର ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ସହାୟତା ରାଶି ପାଇନଥିବା ଅଭିଯୋଗ ହୋଇଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ। ପାତ୍ରପୁର ବ୍ଲକ ବାଦପୁର ଗ୍ରାମର ଲିଙ୍ଗରାଜ ପଣ୍ଡାଙ୍କ ଝିଅ ଶ୍ରଦ୍ଧାଞ୍ଜଳି ପଣ୍ଡା ୨୦୨୩ ଅକ୍ଟୋବର ମାସରେ ବୃତ୍ତି ପରୀକ୍ଷା ଦେଇଥିବା ବେଳେ କୃତିତ୍ୱ ହାସଲ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତା ପାଇନଥିବା ଅଭିଯୋଗ ହୋଇଛି। ଏମିତିକି ଶ୍ରଦ୍ଧାଞ୍ଜଳୀଙ୍କ ବାପା ଲିଙ୍ଗରାଜ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ୨୦ରୁ ଉର୍ଦ୍ଧ୍ୱ ଥର ଯାଇ ଘଟଣା ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିଥିଲେ। ହେଲେ ବିଭିନ୍ନ ଆଳ ଦେଖାଇ ସେଠାକାର କର୍ମଚାରୀ ତାଙ୍କୁ ଫେରାଉଥିବା ସେ ଅଭିଯୋଗ କରିଛନ୍ତି। ଦୁଇ ବର୍ଷ ବିତିଥିଲେ ମଧ କେଉଁ କାରଣରୁ ସହାୟତା ପ୍ରଦାନ କରାଯାଇନଥିବା ଜାଣିବା ପାଇଁ ସ୍ଥାନୀୟ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟିଙ୍କ ସହ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଉପାନ୍ତ ଆଜି ବି ଅବହେଳିତ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଶ୍ରଦ୍ଧାଞ୍ଜଳିଙ୍କୁ ବୃତ୍ତି ଟଙ୍କା ମିଳିନି ନା ଏମିତି ଅନେକ ଛାତ୍ରଛାତ୍ରୀ ପାଇ ନାହାନ୍ତି ତାହା ତଦନ୍ତ ହେଲେ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

## ଘାଟିପାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁକୁଡ଼ାଖଣ୍ଡି,୧୪ ।୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ସ୍ଥିତ ଘାଟିପାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି କୁମାରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଓ ଶିକ୍ଷାର ସମନ୍ୱୟର ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଗଞ୍ଜାମ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ପଟ୍ଟନାୟକ (ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ), ଡ. ସୂର୍ଯ୍ୟ ନାରାୟଣ ଦାଶ (ଅବସରପ୍ରାପ୍ତ ଅଧ୍ୟକ୍ଷ, ମହୁରୀ କାଳୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ), ଗୋକୁଳକୃଷ୍ଣ ପଣ୍ଡା (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ) ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଶଙ୍କର ନାରାୟଣ ବେଜ, ଗୋଷ୍ଠୀ ଶିକ୍ଷାଧିକାରୀ ଦିଗପହଣ୍ଡି ଛାତ୍ରଛାତ୍ରୀଙ୍କୁ ନୀତିଗତ ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ କୁକୁଡ଼ାଖଣ୍ଡି ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ, ସରପଞ୍ଚ, ବାଲିପଡ଼ା ଝିଲି ସେଠୀ, ସମିତି ସଭ୍ୟା ପ୍ରତିମା ମଲ୍ଲିକ, ଡ. ପ୍ରସନ୍ନ କୁମାର ବିଷୋୟୀ, ବସନ୍ତ କୁମାର ସେଠୀ, ଆଲୁମିନି ସଭାପତି ନିରଞ୍ଜନ ମହାନ୍ତି, ସମାଜସେବୀ ଲଳିତ ମୋହନ ବିଷୋୟୀ ଓ ପୂର୍ବତନ ଛାତ୍ର ସଞ୍ଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ମଜୁରି ବୃଦ୍ଧି ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ଛତ୍ରପୁର,୧୪ ।୨(ସମିସ)



ଶ୍ରମିକଙ୍କ ଦୈନିକ ମଜୁରୀ ଟଙ୍କା ବୃଦ୍ଧି କରିବା, ଓଭର ଡ୍ୟୁଟି ବନ୍ଦ କରିବା, ଶୌଚାଳୟର ବ୍ୟବସ୍ଥା କରିବା ଏବଂ ସ୍ଥାନୀୟ ଶ୍ରମିକଙ୍କୁ ଅଧିକ ଗୁରୁତ୍ୱ ଦେବା ସମେତ ବିଭିନ୍ନ ଦାବି ନେଇ ଚମାଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଥିବା ଛତୁ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକ ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହା ସହିତ ଫ୍ୟାକ୍ଟ୍ରିକୁ ଯାତାୟତ ରାସ୍ତାକୁ ମଧ ଅବରୋଧ କରି ସେମାନଙ୍କ ହକ ନିମନ୍ତେ ଧାରଣା ବସିଥିଲେ। ତେବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ବିବାଦ ତୁଟିଥିଲା। ସୂଚନାଯୋଗ୍ୟ ଗତ ୧୧ ତାରିଖ ଠାରୁ ଛତୁ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଥିବା ଗୋବିନ୍ଦପୁର ଗ୍ରାମର ମହିଳା ଓ ପୁରୁଷ ଶ୍ରମିକ ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନା ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକ ପଚାରି

### ବିଧାୟକଙ୍କ ଉପସ୍ଥିତରେ ତୁଟିଲା ବିବାଦ

ବୁଝିଥିଲେ। ପରେ ଗ୍ରାମସ୍ଥିତ କମ୍ୟୁନିଟି ହଲରେ ବିଧାୟକ ଶ୍ରୀ ନାୟକଙ୍କ ଉପସ୍ଥିତିରେ ଲକ୍ଷ୍ମୀପୁର ସରପଞ୍ଚଙ୍କ ସ୍ୱାମୀ ମାଗୁଣି ବିଷୋୟୀ, ସମିତିସଭ୍ୟ ଏନ. ରମେଶ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଆନ୍ଦୋଳନରତ ଶ୍ରମିକ, ଗ୍ରାମ ପରିଚାଳନା କମିଟି, ଭଦ୍ର ବ୍ୟକ୍ତି, ଫ୍ୟାକ୍ଟ୍ରି ମାଲିକ ଏବଂ ଗ୍ରାମର ବହୁ ଜନସାଧାରଣ ଏକତ୍ରିତ ବସି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକ ମାନେ ସେମାନଙ୍କ ଦାବି ଗୁଡିକ ଉପସ୍ଥାପନା କରିଥିଲେ। ଅନ୍ୟରାଜ୍ୟର ଶ୍ରମିକ ମାନଙ୍କୁ ଫ୍ୟାକ୍ଟ୍ରି ମାଲିକ ଅଧିକ ଟଙ୍କା ଦେବା ସହିତ ସେମାନଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକ ମାନଙ୍କୁ ଅଣ ଦେଖା କରୁଛନ୍ତି ବୋଲି ମଧ ବୈଠକରେ କୁହାଯାଇଥିଲା। ଶେଷରେ ଶ୍ରମିକଙ୍କ ଦୈନିକ ମଜୁରୀ ୫୦ ଟଙ୍କା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ଗୁଡିକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନରୁ ହଟିଥିଲେ। ସୁରକ୍ଷାକୁ ଦୃଷ୍ଟି ରଖି ଚମାଖଣ୍ଡି ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଚୂଡ଼ାନ୍ତ ହେଲା ଗଞ୍ଜାମର ୫ ନୂଆ ମ୍ୟୁନିସିପାଲିଟି ରୂପରେଖ

- ୩୬ ୱାର୍ଡ ବିଶିଷ୍ଟ ହେବ ଛତ୍ରପୁର ମ୍ୟୁନିସିପାଲିଟି
- ୨୬ ୱାର୍ଡକୁ ନେଇ କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି
- ୧୬ ୱାର୍ଡରୁ ୨୭କୁ ବୃଦ୍ଧି ପାଇଲା ଭଞ୍ଜନଗର
- ୧୯ରୁ ୨୧ ୱାର୍ଡ ହେଲା ପୋଲସରା
- ଆସିକାରେ ୨୩ ଟି ୱାର୍ଡ, ବଢ଼ିଲା ପରିସୀମା

ବ୍ରହ୍ମପୁର/ଛତ୍ରପୁର/କବିସୂର୍ଯ୍ୟନଗର/ପୋଲସରା/ଆସିକା,୧୪।୨(ସମିସ): ଗଞ୍ଜାମ ଜିଲ୍ଲାରେ ନୂତନ ଭାବେ ୫ଟି ମ୍ୟୁନିସିପାଲିଟି ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଗଠିତ ହୋଇଛି। ଏହାର ସୀମା ପୁନଃନିର୍ଦ୍ଧାରଣ ଓ ସଂରକ୍ଷଣ, ଆପତ୍ତି ଅଭିଯୋଗ ଆଦି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା, ଭଞ୍ଜନଗର ଓ ଆସିକା ଓ ନୂତନ ଏନ୍ଏସି ପାତ୍ରପୁର ଓ ଜଗନ୍ନାଥପ୍ରସାଦରେ ଗାଇଡ୍‌ଲାଇନ୍ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଥିବା ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି। ଏଠାରେ ୱାର୍ଡ ପୁନଃଗଠନ ହେବା ସହ କେଉଁ ୱାର୍ଡରେ କ'ଣ ସଂରକ୍ଷଣ ରହିବ ସେ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଲୋକଙ୍କୁ ୧୦ଦିନ ସମୟ ମଧ୍ୟ ଦିଆଯାଇଛି। ସେମାନେ ଏହି ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ଜିଲ୍ଲାପାଳ ଭି କିର୍ତ୍ତିଭାସନ କହିଛନ୍ତି।

ଛତ୍ରପୁର ଏନ୍ଏସି ୧୪ଟି ୱାର୍ଡ ନେଇ ଗଠିତ ହୋଇଥିଲାବେଳେ ସମ୍ପ୍ରତି ୩୬ ଟି ୱାର୍ଡକୁ ନେଇ ନୂଆ ମ୍ୟୁନିସିପାଲିଟି ହେବ। ସେହିଭଳି କବିସୂର୍ଯ୍ୟନଗରରେ ୧୩ୱାର୍ଡ ରହିଥିବାବେଳେ ୨୬କୁ ସମ୍ପ୍ରସାରିତ ହୋଇଛି। ଅନୁରୂପ ଭାବେ ଭଞ୍ଜନଗର ମଧ୍ୟ ୧୬ଟି ୱାର୍ଡରୁ ୨୭ଟି ୱାର୍ଡକୁ ବୃଦ୍ଧିପାଇଛି। ପୋଲସରା ଏନ୍ଏସି ପୂର୍ବରୁ ୧୯ଟି ୱାର୍ଡ ଥିବା ବେଳେ ବର୍ତ୍ତମାନ ଆଉ ୨ଟି ନୂଆ ୱାର୍ଡ ଯୋଡ଼ିହୋଇଛି। ସେହିଭଳି ୨୩ ୱାର୍ଡ ବିଶିଷ୍ଟ ହୋଇଛି ଆସିକା ମ୍ୟୁନିସିପାଲିଟି। ନୂତନ ଭାବେ ଗଠିତ ହେବାକୁ ଛତ୍ରପୁର ମ୍ୟୁନିସିପାଲିଟିରେ ୧, ୩, ୪, ୫, ୮ ଓ ୨୪, ୨୭, ୩୦, ୩୨, ୩୪ ଓ ୩୬ ନମ୍ବର ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ଥିବାବେଳେ ୨, ୬ ଓ ୯ ଏସ୍‌ସି ମହିଳାଙ୍କ ଉଦ୍ଦେଶ୍ୟରେ ସଂରକ୍ଷିତ ରଖାଯାଇଛି। ସେହିପରି ୨୩, ୨୬ ଓ ୩୫ ଏସ୍‌ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ରହିଛି। ୨୦ନମ୍ବର ୱାର୍ଡ ଏସ୍‌ଟି ମହିଳାଙ୍କ ଲାଗି ସଂରକ୍ଷିତ ରହିଥିବା ବେଳେ ୧୦, ୧୯, ୨୧,୨୨, ୨୫ ଓ ୩୧ ଅଣସରକ୍ଷିତ ରହିଛି।

କବିସୂର୍ଯ୍ୟନଗର ମୁନିସିପାଲ୍‌ଟିରେ ମଧ୍ୟ ୱାର୍ଡ ନଂ ୧୦ାରୁ ୱାର୍ଡ ୬ପର୍ଯ୍ୟନ୍ତ ତତପରେ ୮ରୁ ୧୦ ଓ ୧୫ନଂ ୱାଡର୍ ଅଣସଂରକ୍ଷିତ ରହିଛି। ସେହିଭଳି ୱାର୍ଡ ନଂ ୭, ୧୩, ଏସ୍‌ସି ଭାଇ ଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୨୬ ଓ ୧୯ ନଂ ୱାଡର୍ ଏସ୍‌ସି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ସେହିଭଳି ୧୨, ୧୪, ୧୫ ଓ ୨୦ରୁ ୨୫ନଂ ୱାଡର୍ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଅନୁରୂପ ଭାବେ ୧୮ ନଂ ୱାର୍ଡ ଏସ୍‌ଟି ମହିଳଙ୍କ ଲାଗି ସଂରକ୍ଷିତ ରହିଥିବା ପ୍ରକାଶିତ ବିଜ୍ଞପ୍ତିରୁ ସୂଚନା ମିଳିଛି।

ଅନୁରୂପ ଭାବେ ଭଞ୍ଜନଗର ମ୍ୟୁନିସିପାଲିଟିରେ ମଧ୍ୟ ୧, ୨, ୬, ୭, ୮, ୧୨,୧୩, ୧୪ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଛି। ୩, ୪, ୧୬-୨୧ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ହୋଇଛି। ୫, ୯, ୧୧ ୱାର୍ଡ ଏସ୍‌ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୧୫,୨୬ ୱାର୍ଡ ଏସ୍‌ସି ମହିଳା ଓ ୨୭ନମ୍ବର ୱାର୍ଡ ଏସ୍‌ଟି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

ପୋଲସରା ମ୍ୟୁନିସିପାଲିଟିରେ ବେଲଗାଁ ପଞ୍ଚାୟତର ୬ଟି ୱାର୍ଡ ସାମିଲ ହୋଇଛି। ୱାର୍ଡ ପୁନଃଗଠନରେ ସେଭଳି କୌଣସି ପରିବର୍ତ୍ତନ ହୋଇନଥିଲେ ମଧ୍ୟ ଆଗାମୀ ନିର୍ବାଚନ ପାଇଁ ସିଟ ସଂରକ୍ଷଣ କରାଯାଇଛି। ଏଠାକାର ୧, ୧୦, ୧୧, ୧୨, ୧୩, ୧୪, ୧୮, ୨୦ ଓ ୨୧ ନମ୍ବର ୱାର୍ଡ ସାଧାରଣ ବର୍ଗଙ୍କ ପାଇଁ ଥିବାବେଳେ ୨, ୪, ୫, ୭,୯,୧୫, ୧୭ ଓ ୧୯ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ୱାର୍ଡନମ୍ବର ୩ ଓ ୧୬ ଏସ୍‌ସି ମହିଳା, ୱାର୍ଡ ନମ୍ବର ୮ ଏସସି ଏବଂ ଏକମାତ୍ର ସିଟ ୱାର୍ଡ ନମ୍ବର ୬ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି।

ସେହିଭଳି ୨୩ଟି ୱାର୍ଡ ବିଶିଷ୍ଟ ହେବ ଆସିକା ମ୍ୟୁନିସିପାଲିଟି। ଏଠାକାର ୧,୨, ୬,୮, ୧୫, ୧୬, ୧୯,୨୦ ଓ ୨୨ନଂ ୱାଡର୍ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୩,୪, ୯,୧୧, ୧୭,୧୮, ୨୧ ଓ ୨୩ନଂ ୱାଡର୍ ଅଣସଂରକ୍ଷିତ ରହିଛି। ଅନୁରୂପ ଭାବେ ୫ ଓ ୧୪ନଂ ୱାର୍ଡ ଏସ୍‌ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୧୦, ୧୨, ଏସ୍‌ସି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ୧୩ନଂ ୱାର୍ଡ ଏସ୍‌ଟି ମହିଳାଙ୍କ ଲାଗି ସଂରକ୍ଷଣ ରଖାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଛତ୍ରପୁର ମୁନସିପାଲ୍‌ଟିରେ ସମ୍ପ୍ରତି ନୂତନ ଭାବେ ଅନେକ ପଞ୍ଚାୟତ ସାମିଲ ହୋଇ ଏହାର ଜନସଂଖ୍ୟା ୬୦୬୩୨ ରହିଛି। ସେହିଭଳି ଆସିକାରେ ୩୦୪୧୬, ଭଞ୍ଜନଗରରେ ୩୯.୭୮୪, କବିସୂର୍ଯ୍ୟନଗରରେ ୨୫୮୮୦, ପୋଲସରାରେ ୨୬୬୭୬ ରହିଥିବା ଜଣାପଡ଼ିଛି। ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ପରେ ଏହାର ପୂର୍ଣ୍ଣାଙ୍ଗ ସଂଖ୍ୟା ସ୍ପଷ୍ଟ ହେବ।

## ନୂଆ ରୂପରେ ଉପାନ୍ତର ଦୁଇ ନୂତନ ଏନ୍ଏସି

- ୧୫ୱାର୍ଡ ବିଶିଷ୍ଟ ହେବ ପାତ୍ରପୁର, ପାର୍ଶ୍ୱବର୍ତ୍ତୀ ଗାଁ ସାମିଲ
- ଜଗନ୍ନାପ୍ରସାଦରେ ୧୨ଟି ୱାର୍ଡ, ୫ଟି ଅଣସଂରକ୍ଷିତ

ବ୍ରହ୍ମପୁର/ପାତ୍ରପୁର/ଜଗନ୍ନାଥପ୍ରସାଦ,୧୪।୨(ସମିସ): ନୂତନ ଭାବେ ଗଠିତ ହୋଇଥିବା ଗଞ୍ଜାମର ଦୁଇଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପାତ୍ରପୁର ଓ ଜଗନ୍ନାଥପ୍ରସାଦ ନୂଆ ରୂପ ପାଇବ। ଗ୍ରାମାଞ୍ଚଳରୁ ସହରାଞ୍ଚଳରେ ପରିବର୍ତ୍ତନ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଦୁଇ ଏନ୍ଏସି ଗଠନ ନେଇ ପ୍ରାଥମିକ ପର୍ଯ୍ୟାୟରେ ସୀମା ନିର୍ଦ୍ଧାରଣ, ୱାର୍ଡ ଗଠନ ଓ ଆପତ୍ତି ଅଭିଯୋଗ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି ଯେ, ୧୫ୱାଡର୍ ବିଶିଷ୍ଟ ହେବ ପାତ୍ରପୁର ଏନଏସି। ପାତ୍ରପୁର ସମେତ ଏଥିରେ ସପଙ୍ଗ, ଶ୍ରୀରାମପୁର, ସରଧାପୁର, ତମ୍ବାପୁର, ମୁକୁନ୍ଦପୁର, ବମକେଇ, ମୁଣ୍ଡକେରୀ, ସାମନ୍ତିଆପଲ୍ଲୀ ଛକ ଆଦି ସ୍ଥାନ ପାଇଛି। ଏଠାକାର ୧, ୩, ୫, ୧୧ ଓ ୧୨ ନଂ ୱାଡର୍ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୨ନମ୍ବର ୱାର୍ଡ ଏସ୍‌ଟି ମହିଳା, ୧୦ ଓ ୧୫ନଂ ୱାର୍ଡ ଏସ୍‌ସି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୪ ଓ ୧୪ନଂ ୱାଡର୍‌ରେ ଏସ୍‌ସି ଲାଗି ସଂରକ୍ଷିତ ରହିଥିବା ବେଳେ ୬ରୁ ୮ ଓ ୧୧, ୧୨ ଅଣସଂରକ୍ଷିତ ରହିଛି। ଅନୂରୂପ ଭାବେ ଜଗନ୍ନାଥପ୍ରସାଦ ଏନଏସିରେ ୧, ୨, ୯, ୧୦, ୧୧ ନଂ ୱାର୍ଡ ଅଣସଂରକ୍ଷିତ ରହିଥିବା ବେଳେ ୫-୭ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ହୋଇଛି। ୩ ଓ ୮ ନଂ ୱାର୍ଡ ଏସ୍‌ସି ମହିଳା, ୧୨ନଂ ୱାର୍ଡ ଏସ୍‌ଟି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଅନ୍ୟଏକ ସୂଚନା ପ୍ରକାରେ ପାତ୍ରପୁରର ଜନସଂଖ୍ୟା ୧୧୭୭୬ ରହିଥିବା ବେଳେ ଜଗନ୍ନାଥପ୍ରସାଦରେ ୧୧ହଜାର ଜନସଂଖ୍ୟା ଥିବା ଜଣାଯାଇଛି। ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ପରେ ଏହାର ପୂର୍ଣ୍ଣାଙ୍ଗ ସଂଖ୍ୟା ସ୍ପଷ୍ଟ ହେବ। ତେବେ ଏହି ବିଜ୍ଞପ୍ତି ପରେ ଆପତ୍ତି ଅଭିଯୋଗ ଲାଗି ପ୍ରଶାସନ ପକ୍ଷରୁ ସମୟ ଦିଆଯାଇଛି। ତପ୍‌ରେ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି।

**ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ**

## ୨୧୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ୪୫ ହଜାର ବିଦ୍ୟାର୍ଥୀ




ବ୍ରହ୍ମପୁର, ୧୪।୨ (ସମିସ): ସ୍ଥାନୀୟ ସରକାରୀ ପଲିଟେଚନିକ ପ୍ରେକ୍ଷାଳୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବାର୍ଷିକ ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ(ଏଡିଇଓ) ଡ. ପ୍ରଭାତୀ କୁମାରୀ ମହାପାତ୍ର ଓ ଏସ. ଧନଞ୍ଜୟଙ୍କ ସମେତ ଜିଲ୍ଲାର ୨୧୭ଟି ପରୀକ୍ଷା କେନ୍ଦ୍ରର କେନ୍ଦ୍ର ଅଧୀକ୍ଷକ ଯୋଗ ଦେଇଥିଲେ। ଚଳିତବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷାକୁ କିଭଳି ସୁଚାରୁ ଭାବେ ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏଡ଼ିଇଓ ଡ. ମହାପାତ୍ର ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ। ଚଳିତ ମାସ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବାକୁ ଥିବା ଉକ୍ତ ପରୀକ୍ଷାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ମୋଟ ୪୫ହଜାର ୨୧୯ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେଥିମଧ୍ୟରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପାଇଁ ୪୪ ହଜାର ୩୯୨ଜଣ, ଏସ ଓ ଏସ୍‌ସି ପାଇଁ ୭୧୪ ଓ ମାଧ୍ୟମ ପାଇଁ ୮୫ଜଣ ଫର୍ମପୂରଣ କରିଛନ୍ତି। ପରୀକ୍ଷା ନିମନ୍ତେ ଜିଲ୍ଲାରେ ୧୬ଟି ନୋଡାଲ କେନ୍ଦ୍ରରୁ ୫୧ଟି ଟିମ ଯୋଗେ ୨୧୭ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନ ପତ୍ର ନେବା ଆଣିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀ ସକାଳ ୭ଘଣ୍ଟା ୩୦ମିନଟ ଠାରୁ ୮ଘଣ୍ଟା ୩୦ମିନଟ ମଧ୍ୟରେ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବେ। କୌଣସି କାରଣରୁ ଯଦି ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରୁହନ୍ତି, ତେବେ ଏନେଇ ପରୀକ୍ଷା କେନ୍ଦ୍ରର କେନ୍ଦ୍ର ଅଧୀକ୍ଷକ ଉକ୍ତ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବଗତ କରିବାକୁ କୁହାଯାଇଥିଲା।

ପ୍ରଧାନଶିକ୍ଷକମାନେ ଉନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ପଲିଟେକ୍‌ନିକ ଅଧ୍ୟକ୍ଷା ତନୁଜା ଦାଶ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଫାଲଗୁଣି ସାହାୟ ନାୟକ ଉପସ୍ଥିତ ରହି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ୟାରିଅର କାନସେଲିଂରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିବା ସହିତ ଡିପ୍ଲୋମା ଓ ଆଇଟିଆଇ ପାଠ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଗୋବିନ୍ଦ ପାଢ଼ୀ, ସୁଧାଂଶୁ ମୁଦୁଲିଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

## 'ଟିମ୍ କ୍ଲିନ୍ ସିଟି' ପକ୍ଷରୁ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି




ବ୍ରହ୍ମପୁର,୧୪।୨(ସମିସ): ୨୦୧୯ ମସିହା ଆଜିର ଦିନରେ ଭାରତ ସିଆରପିଏଫର ୪୦ଜଣ ଜବାନଙ୍କୁ ହରାଇଥିଲା। ଆତଙ୍କବାଦୀ ସଂଗଠନ ଜୈଶ ଏ ମହମ୍ମଦ ନାମକ ସଙ୍ଗଠନର ଆକ୍ରମଣରେ ସେମାନେ ସହିଦ ହୋଇଥିଲେ। ଯାହା ଭାରତ ପାଇଁ ଶକ୍ତ ଧକ୍କା ଥିଲା। ଅବଶ୍ୟ ଏହି ଆକ୍ରମଣ ଘଟଣାର ମାତ୍ର ଦୁଇ ସପ୍ତାହ ମଧ୍ୟରେ ଭାରତ ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ କରାଯାଇ ଆତଙ୍କବାଦୀ ସଙ୍ଗଠନର ଆଡ୍ଡାକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଥିଲା। ଏହି ଘଟଣାକୁ ଇତି ମଧ୍ୟରେ ବିତି ଯାଇଛି ଦୀର୍ଘ ୭ବର୍ଷ। ଫେବୃଆରୀ ୧୪ତାରିଖକୁ ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ ଡେ' ଭାବେ ପାଳନ କରାଯାଉଥିବା ବେଳେ ଭାରତରେ ଶହୀଦଙ୍କୁ ସମ୍ମାନ ଜଣାଇ ଏହି ଦିନକୁ ଅଧିକାଂଶ ସ୍ଥାନରେ 'କଳା ଦିବସ' ଭାବେ ପାଳନ କରାଯାଉଛି। ଏହି ଅବସରରେ ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମପୁରର ଟିମ କ୍ଲିନ ସିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଳା ଦିବାସ ପାଳିତ ହୋଇଯାଇଛି। ସ୍ଥାନୀୟ ଏମ୍‌କେସିଜି ମେଡିକାଲର ମୁଖ୍ୟଫାଟକ ନିକଟରେ ଟିମର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ସଙ୍ଗଠନ, ସାମ୍ବାଦିକ ଓ ସହରବାସୀ ସାମିଲ ହୋଇଥିଲେ। ପରେ କ୍ୟାଣ୍ଡେଲ ଜାଳି ଦୁଇ ମିନିଟ ନିରବ ପ୍ରାର୍ଥନା କରି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରାଯାଇଥିଲା। ପରେ ଉପସ୍ଥିତି ସମସ୍ତ ସଦସ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମେଡିକାଲ ଭିତରେ କିଛିବାଟ ପରିକ୍ରମା କରିଥିଲେ। ସହିଦ ଜବାନ ଅମର ରହେ ଓ ଆତଙ୍କବାଦୀ ହାମଲାରେ ପାକିସ୍ତାନର ହାତ ଥିବା ଦର୍ଶାଇ ପାକିସ୍ତାନ ହାଏ ହାଏ ନାରାରେ ସମସ୍ତେ ସ୍ଲୋଗାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ତଥା ଟିମ କ୍ଲିନ ସିଟି ସଦସ୍ୟ ଅଶୋକ କୁମାର ଶୁକ୍ଳା, ଶକ୍ତିଧର ରାଜଗୁରୁ, ରାଜେଶ କୁମାର ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ପ୍ରମୋଦ କୁମାର ଦଳେଇ, ସୁବାଷ ମାଝୀ, ଅଭୟ ରଥ, ମନୋଜ ପାଣିଗ୍ରାହୀ, ପ୍ରଦୀପ କୁମାର ସାହୁ, ସନ୍ତୋଷିନୀ ବେହେରା, ସନ୍ତୋଷ ସାହୁ, ସୀମାଞ୍ଚଳ ଶତପଥୀ, ସୁରେଶ ଚନ୍ଦ୍ର ପାଢୀ, ପ୍ରଶାନ୍ତ କୁମାର ରଥ, ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ସୁଦୀପ କୁମାର ସାହୁ, ଗୋପାଳ ରେଡ୍ଡୀ, ମୃତ୍ୟୁଞ୍ଜୟ ସାହୁ, କପିଲ ପାଢୀ, ଚନ୍ଦନ ସାହୁ, ଅମର ଦାଶ ଓ ସୁବ୍ରମଣ୍ୟମ ସ୍ୱାମୀ ପ୍ରମୁଖ ଉପସ୍ଥିତ ରହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

## ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବ୍ରହ୍ମପୁରର ଶ୍ରୀକାନ୍ତ

ବ୍ରହ୍ମପୁର,୧୪।୨(ସମିସ): ବ୍ରହ୍ମପୁର ପ୍ରେମନଗର ନିବାସୀ ଭି. ଶ୍ରୀକାନ୍ତ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଚୟନ ହୋଇଛନ୍ତି। ଆସନ୍ତା ୧୭ରୁ ୧୯ତାରିଖ ପଯ୍ୟନ୍ତ ନୂଆଁଦିଲ୍ଲୀର ଥାୟାଗ୍ ରାଜ ଷ୍ଟାଡିୟମରେ



ଅନୁଷ୍ଠିତ ହେବାକୁ ଥିବା ୨୦୨୫-୨୦୨୬ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ଶ୍ରୀକାନ୍ତ ପୂର୍ବରୁ ଚେନ୍ନାଇ, କେରଳ, ଦିଲ୍ଲୀ, ରାଜସ୍ଥାନ ବ୍ରହ୍ମପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ୧୦ରୁ ଉର୍ଦ୍ଧ୍ୱ ସ୍ୱର୍ଣ୍ଣ ପଦକ ଏବଂ ଏକାଧିକ ରୌପ୍ୟ ପଦକ ହାସଲ କରିଛନ୍ତି। ଆଗକୁ ଆହୁରି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି ଶ୍ରୀକାନ୍ତ।

## ଏମ୍‌କେସିଜି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଟେଣ୍ଡାଣ୍ଟଙ୍କ ଧାରଣା



ବ୍ରହ୍ମପୁର,୧୪।୨(ସମିସ): ଏମ୍‌କେସିଜି ମେଡିକାଲର ବିଭିନ୍ନ ବିଭାଗରେ ଏକ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ଆଟେଣ୍ଡାଣ୍ଟ ଶନିବାର ସକାଳେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘରୋଇ ଠିକା ସଂସ୍ଥା ପକ୍ଷରୁ କର୍ମଚାରୀଙ୍କୁ ସଠିକ ସମୟରେ ଦରମା ପ୍ରଦାନ କରାଯାଉ ନ ଥିବା ନେଇ କର୍ମଚାରୀମାନେ ଧାରଣା ଦେଇଥିଲେ। ବର୍ତ୍ତମାନ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରାୟ ୩୨୫ଜଣ ଆଟେଣ୍ଡ଼ାଣ୍ଟ ବିଭିନ୍ନ ବିଭାଗ ସମେତ କାର୍ଯ୍ୟାଳୟରେ କାର୍ଯ୍ୟରତ ରହିଛନ୍ତି।

ସେଥି ମଧ୍ୟରୁ ପ୍ରାୟ ୩୦ଜଣ ଲିଭ ରିଜର୍ଭ ଭାବେ କାର୍ଯ୍ୟ କରୁଥିବା ବେଳେ ସଂସ୍ଥା ପକ୍ଷରୁ ସେମାନଙ୍କ ଇପିଏଫ୍ ଓ ଇଏସଆଇ ପ୍ରଦାନ କରାଯାଉ ନଥିବା ଅଭିଯୋଗ କରିଛନ୍ତି। ଏଭଳି ବିଭିନ୍ନ ଦାବି ନେଇ ଶତାଧିକ କର୍ମଚାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏକ ଘଣ୍ଟା ଧରି କର୍ମଚାରୀମାନେ ବିକ୍ଷୋଭ କରିଥିବା ବେଳେ ମେଡିକାଲର ଅଧିକାରୀ ଆସି ବୁଝାସୁଝା ପରେ ଆଟେଣ୍ଡାଣ୍ଟମାନେ କାର୍ଯ୍ୟରେ ଯୋଗ ଦେଇଥିଲେ।

## ମହାଶିବରାତ୍ରୀ ପାଇଁ ନୀଳକଣ୍ଠେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା



ବ୍ରହ୍ମପୁର,୧୪।୨(ସମିସ): ମହାଶିବରାତ୍ରୀ ଉପଲକ୍ଷେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କାର୍ଯ୍ୟସୂଚୀ ସମ୍ପର୍କିତ ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି। ପ୍ରାତଃ ୩ଘଣ୍ଟା ୩୦ମିନିଟ୍ ସମୟରେ ଦ୍ୱାର ଖୋଲା, ମଙ୍ଗଳ ଆଳତୀ ଓ ରୁଦ୍ରାଭିଷେକ ହେବା ପରେ ପ୍ରାତଃ ୪ଘଣ୍ଟା ୩୦ମିନିଟ୍ ଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି କମିଟିର ଜଗଦୀଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସନ୍ଧ୍ୟା ୬ଘଣ୍ଟା ୨୦ମିନିଟ୍ ଠାରୁ ଅହରାତ୍ର ୧୨ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଭକ୍ତମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯିବ। ମଧ୍ୟରାତ୍ର ୧୨ଘଣ୍ଟା ୪୦ମିନିଟ୍ ଠାରୁ ଶୃଙ୍ଗାର ବେଶ, ରୁଦ୍ରାଭିଷେକ ସହ ଆଳତି ଅନୁଷ୍ଠିତ ହେବ। ରାତ୍ର ୧ ଘଣ୍ଟା ୨୦ମିନିଟ୍ ସମୟରେ ମହାଦୀପ ପ୍ରଜ୍ୱଳନ ସହ ବେଢ଼ା ପରିକ୍ରମା କରାଯିବ। ଆଞ୍ଚଳିକ ସର୍ବସାଧାରଣଙ୍କ ଅନୁରୋଧ କ୍ରମେ ମହାପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପଥରରେ ନିର୍ମାଣ ନିମନ୍ତେ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମକୁ ପଣ୍ଡିତ ଅଶୋକ କୁମାର ପାଢ଼ୀ ଏବଂ ମନ୍ଦିର ପୂଜାରୀବୃନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ଓ ଟ୍ରଷ୍ଟ ପକ୍ଷରୁ ସ୍ଥିର କରାଯାଇଛି।

**ଆଜି ମହାଶିବରାତ୍ରୀ**

## କେତକୀ ଫୁଲ ଦର ଆକାଶଛୁଆଁ

ବ୍ରହ୍ମପୁର,୧୪।୨(ସମିସ): ରବିବାର ପବିତ୍ର ମହାଶିବରାତ୍ରୀ ଅବସରରେ ସମଗ୍ର ଓଡ଼ିଶାର ଶିବ ମନ୍ଦିର ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ବ୍ରହ୍ମପୁରର ବିଭିନ୍ନ ଶୈବପୀଠ, ବିଶେଷ କରି ସହରର ନୀଳକଣ୍ଠେଶ୍ୱର

**ଶୈବ ପୀଠରେ ଜମିବ ଶ୍ରଦ୍ଧାଳୁଙ୍କ ଭିଡ଼**

ମନ୍ଦିର, ହରିଡ଼ାଖଣ୍ଡି ବାଲୁଙ୍କେଶ୍ୱର, କମାପଲ୍ଲୀ ବୈଦ୍ୟନାଥଶ୍ୱର ଓ ଗୋପାଳପୁର ଧବଳେଶ୍ୱର ମନ୍ଦିରରେ ପ୍ରଭାତଠାରୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେବ। ଭକ୍ତମାନେ ଉପବାସ ରଖି କ୍ଷୀର, ବେଲପତ୍ର ଓ କେତକୀ ଫୁଲ ନେଇ ଶିବଙ୍କୁ ଜଳାଭିଷେକ କରିବେ। ଏ ଅବସରରେ କେତକୀ ଫୁଲର ଦର ଆକାଶଛୁଆଁ ହୋଇପଡ଼ିଛି। ସାଧାରଣତଃ ପ୍ରତିବର୍ଷ ୩୦୦ଶହ ଟଙ୍କାରୁ ଆରମ୍ଭ କରି ୬୦୦ଟଙ୍କା ଥିବା ବେଳେ ଚଳିତ ବର୍ଷ



୫୦୦ଶହରୁ ୧୧ଶହ ଟଙ୍କାରେ ଏହି ଫୁଲ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଏହାଠାରୁ ଅଧିକ ଦର ମଧ୍ୟ ନେଉଥିବା ଅଭିଯୋଗ ମିଳିଛି। ଅଚାନକ ଚାହିଦା ବୃଦ୍ଧି ଓ ଯଥେଷ୍ଟ ଯୋଗାଣ ନ ଥିବାରୁ ଏହି ଦରବୃଦ୍ଧି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ଭକ୍ତମାନଙ୍କ କହିବା ଅନୁସାରେ, ପବିତ୍ର ଦିନରେ ପୂଜା ପାଇଁ କେତକୀ ଫୁଲ ଆବଶ୍ୟକ ହେବାରୁ ବେଶି ଦର ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି। ତେବେ କେତେକ ସ୍ଥାନରେ ପ୍ରଶାସନ ପକ୍ଷରୁ ଦର ନିୟନ୍ତ୍ରଣ ଓ ସୁଚାରୁ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଶିବରାତ୍ରି ଅବସରରେ ସହର ବିଭିନ୍ନ ଶୈବ ପୀଠରେ ରାତିଭରି ଜାଗରଣ, ଭଜନ-କୀର୍ତ୍ତନ ଓ ବିଶେଷ ପୂଜାର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ସହ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ପୁଲିସ ଓ ସେବାଦାତାମାନେ ନିୟୋଜିତ ହେବ। ପବିତ୍ର ଶିବରାତ୍ରି ଅବସରରେ ଭକ୍ତିମୟ ପରିବେଶ ସୃଷ୍ଟି ହେବାକୁ ଯାଉଥିବା ବେଳେ, କେତକୀ ଫୁଲର ବୃଦ୍ଧିଶୀଳ ଦର ସାଧାରଣ ଲୋକଙ୍କ ଚିନ୍ତାର କାରଣ ହୋଇପଡ଼ିଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଇନ୍ଦ୍ରସ୍ତୁତି

ହରପ୍ରସାଦ ଦାସ



ହେ ଇନ୍ଦ୍ର, ଗାନପ୍ରିୟ ଆମେ ଗାଉଛୁ ତମର ସ୍ତୁତି,
ହେ ସୋମପାୟୀ ତ୍ୱରାନ୍ୱିତ କର ଆମର ତଡ଼ିତ୍ ।

-ଋକ୍ ବେଦ

ହେ ଇନ୍ଦ୍ର, ଆମେ ହାରିଯାଇଛୁ, ଆମେ ଥକିଯାଇଛୁ
ଆମେ ଆଉ ଉଠାଇ ପାରୁନୁ ପୃଥିବୀର ଭାର
ଆମେ ଆଉ ଟେକି ପାରୁନୁ ହାତ ଅମ୍ବରକୁ, ଆମେ ଆଉ
ବଳାଇ ପାରୁନୁ ଚିତ୍ତ ଭୃଙ୍ଗଅପହୃତ ପଦ୍ମମଧୁକୁ,
ଭ୍ରଷ୍ଟ ଆମର ଆକାଶକୁସୁମ
ଜଣେ କିଏ ଲେଖୁଚି ଆମକୁ, ଭୁଲାଉଚି ଆମକୁ ତା'ର ଭ୍ରମ

ଆମରି ରକ୍ତମାଂସରେ ତିଆରି ଆମର ନିଜ ପ୍ରଭୁ
ଶତ୍ରୁ ଆମର,
ହେ ଶତ୍ରୁବିନାଶକ, ହେ ସୈନ୍ଧବ ଓ ଗାଙ୍ଗେୟ ପ୍ରବାହ
ହେ ଦକ୍ଷିଣାତ୍ୟ, ହେ ଗତି, ହେ ଗମନ !

ନିରୁଦ୍ଦେଶ, ଲୋହିତ ବର୍ମଧାରୀ ବ୍ୟୋମେଶ, ହେ ଉଡ଼ାଣ
ସୋମପାନ କରି ମତ୍ତ ହୁଅ, ଶତ୍ରୁକୁ ଶ୍ୱେତଛତ୍ର ତଳେ
ଏକପାଦ ଓ ଉଲଗ୍ନ ଠିଆ କରାଅ, ପଚାର
ମଣିଷର କେତେ ପାଦ ଭୂମି ଦରକାର?

ତାର ମିଥ୍ୟାକୁ ବୁଝହେ ବୃତ୍ରାରି, ତାକୁ ପଚାର : ଅଛିକି ତାର
ବ୍ରହ୍ମାଣ୍ଡ? ଅଛନ୍ତିକି ଅନାଥ ଗ୍ରହନକ୍ଷତ୍ର ?
ହେ ସୁନ୍ଦର, ହେ ଶୋଭନ, ହେ ଚିତ୍ରବନର ଚିତ୍ରଫୁଂସ
କେଉଁ ପାପରେ ଭାରି ଏ ପୃଥିବୀ ଆମର?

ଆମେ କ୍ଲାନ୍ତ, ଆମେ ପରାସ୍ତ
ଆମେ ଏଇଠି ଏକାଠି ଏହି ପାଂଶୁଳ ନଷ୍ଟଭୂମିରେ
ଶତ୍ରୁର ଦାନ ମୁଠାଏ ଅନ୍ନ ଆମର ଯଦି ସରିଯାଏ
କିଏ ଦେବ ଆମକୁ ଆହାର
ଆମକୁ ଶସ୍ୟ ଦିଅ, ଶ୍ରମ ଦିଅ, ସ୍ୱେଦ ଦିଅ
ବୀଜ ଦିଅ, ବୃଷ୍ଟି ଦିଅ, କର୍ଷଣ ଦିଅ
ସ୍ଥାଣୁତ୍ୱରୁ ମୁକ୍ତିଦିଅ
ସ୍ପନ୍ଦନରେ ବିଦ୍ୟୁଲ୍ଲେଖା ଦିଅ
ଶତ୍ରୁ ଫିଙ୍ଗିଦେଇଥିବା ଅରାଏ ଅପହୃତ ଆକାଶ ତମର
ଫେରାଇ ନିଅ ■

# ସଲ୍‌ଫର୍

ସ୍ୱାଗତିକା ସ୍ୱାଇଁ





ସେଦିନ ଷ୍ଟୁଡିଓ ଛକ ହାଟରେ ସେଇ ଲେଡି ପୋଲିସ ଜଣକ, ପାର୍ବତୀ ଉପରେ ଯୋଉ ପ୍ରକାର କଡ଼ା ହାକିମାତି ତଲବ କଲେ ତାହା ଦେଖିବା କଥା । ଲୋକାଲ୍ ଚୋରି, ରାହାଜାନୀ କେଶ୍ କ୍ଲୋଜ୍ କରିବାରେ ତାଙ୍କର ବହୁତ ନାଁ ଡାକ!

: ଦେଖା, କୋଉଠି ରଖିଚୁ ଦେଖା ।

: ନାଇଁ ଆଜ୍ଞା ଠାକୁରଙ୍କ ରାଣ ମୋ ପାଖରେ କିଛି ନାହିଁ।

: ମୋ ସାଙ୍ଗେ ଖେଳୁଚୁ; ଖୋଲ୍ ତୋ ଅଣ୍ଟାଲୁଗା ।

: ନାଇଁ ଆଜ୍ଞା; ରଖିଥିଲେ ଆପଣଙ୍କୁ ମିଛ କହନ୍ତି!

: ତୁ ଖୋସଣି ଫିଟା ମ' । ତମମାନଙ୍କୁ କୋଉ ବିଶ୍ୱାସ । ତମେ ସବୁ ଗୋଟା ଗୋଟା ବିଷାକ୍ତ ଗୋଖର ।

ଯଦିଓ ସେଇଟା ଥିଲା ମାର୍ଗଶିର ମାସର ଗୋଟିଏ ହେମାଳ ସକାଳ । କିନ୍ତୁ ଏବେ ଆଇଁଷ ବାରିର ଉଷ୍ମତାଟା ଚରମକୁ ଯିବା ଆରମ୍ଭ କରି ଦେଇଥିଲା । ଆସନ୍ତାକାଲି ଲକ୍ଷ୍ମୀଙ୍କର ବିଶେଷ ପୂଜା ଉପାସନାର ଦିନ । ଯୋଉଥିପାଇଁ ଆଜିକାର ଲୋକାଲ୍ ହାଟ ଫୁଲ, ଦୁବ, ବରକୋଳି ପତ୍ର, ମୂଳା, ଆଖୁ ଏବଂ ପୂଜା ପାଇଁ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିବଟା ଗହଳିରେ ଭର୍ତ୍ତି ହୋଇଯାଇଥିଲା ।

କିନ୍ତୁ ପୂଜାଟା ତ କାଲି ନା' । କାଲି ପାଇଁ କିଏ ଆଜିକୁ ବରବାଦ୍ କରେ । ତେଣୁ ହାଟ ଆରପାଖ ରାସ୍ତାର ଆଇଁଷ ଦୋକାନ ଧାଡ଼ିକ ମଧ୍ୟ ସମାନ ଭାବେ ଲୋକାରଣ୍ୟ ହେଇ ଉଠିଥିଲା । ବ୍ରଏଲରମାନଙ୍କ ଆତ୍ମଦାହ ବେଳର ରଡ଼ି ଶୁଭୁଥିଲା । ପ୍ରାଣତ୍ୟାଗ ପରେ ଚମଡ଼ା ଉତୁରା ଛେଳିମାନେ ଗ୍ରାହକଙ୍କ ସକାଶେ ଉପଲବ୍ଧ ଥିଲେ । ଅଳ୍ପାୟୁ ମାଛମାନେ ଜରିବନ୍ଧା ପାଣିକୁଣ୍ଡରେ ସୀମିତ ଆଗ୍ରହ ସହ ଖେଳି ବୁଲୁଥିଲେ ।

ଲେଡି ପୋଲିସ ଅଣ୍ଟାରେ ହାତ ଦେଇ ଜେରା ଜାରି ରଖିଥିଲେ ।

: ସରକାରୀ ନିୟମ ଭାଙ୍ଗିବାରେ ତମେ ସବୁ ଗୋଟାଏ ଗୋଟାଏ ଓସ୍ତାଦ୍ କୁକୁର । ସରକାରୀ ଜାଗାରେ ଘର ବାନ୍ଧି ରହିବ । ସରକାରୀ ଜାଗାରେ ବେପାର ବଣିଜ କରିବ । ସରକାର ତ ଯେମିତି ତମର ବାଡ଼ି ତଳ! ଭଲରେ କହୁଚି, ଶୁଣୁନୁ । ଥରେ ନେଇ ହାଜତରେ ପୂରେଇ ଦେଲେ ମନ ଘର ଧରିଯିବ ।

ଘରକଥା ପଡ଼ିଗଲା ତ ପାର୍ବତୀ ଆଖିକୁ ଲୁହ ଦି ବୁନ୍ଦା ଜକେଇ ଆସିଲା । ଏଇ କିଛି ଦିନ ହେଲା ବସ୍ତି ଉଠା ଘର ଭଙ୍ଗା ଯୋଗୁଁ ତା'ର ଘର ଏବେ ରାସ୍ତାକଡ଼ ଟ୍ରାନ୍ସଫରମର୍ ହତାରେ । ଜାଗାଟା ବିପଦ ସଂକୁଳ । ମାତ୍ର ଏ ମାର୍ଗଶିର ଶୀତ, ସେ କୁଆଡ଼େ ଯିବ! ଯେହେତୁ ଚାରିପାଖରେ ପାଚେରୀଟିଏ ଅଛି । ତେଣୁ ଅନ୍ୟୋନ୍ୟପାୟ ହେଇ ପାର୍ବତୀ ତା'ର ପିଲା ଦୁହିଁଙ୍କୁ ଧରି ସେଠି କାଲିଠୁଁ ବସା ବାନ୍ଧିଚି । ଟ୍ରାନ୍ସଫରମର୍ କାନ୍ଥରେ ଜରିପାଲକୁ ଇଟା ଚପେଇ ଦେଇ ଛାତଟିଏ ଗଢ଼ିଚି ।

: କାଠଟା ଭଳିଆ କାଇଁକି ଛିଡ଼ା ହେଇଛୁ ବା । ଏଇ ଗୋଟାକ କେଶ୍ ତୁଟେଇବାରେ କ'ଣ ମୋର ଦିନଟା ଯାକ ବରବାଦ୍ ହବ । କହିଲି ପରା, ଯାହା ଯୋଉଠି ରଖିଚୁ ଚଞ୍ଚଳ ବାହାର କର୍ ।

ପାର୍ବତୀକୁ ଜଣା ଏଇଟା ମୁଚାଲିକାର ଚୂଡ଼ାନ୍ତ ନିଷ୍ଠୁର ବେଳ । କିନ୍ତୁ ସିଏ ଅସହାୟ । ଆଜି ତା' ପାଖରେ ଏଥିପାଇଁ ପାହୁଲାଟାଏ ସୁଦ୍ଧା ନାହିଁ । ନିରୁତ୍ସାହିତ ମ୍ଳାନ ଦୃଷ୍ଟି ଟେକି ସେ ଏବେ ତା' ବଣିଜ ପସରା ଆଡ଼କୁ ଚାହିଁଲା । ଫୁଟପାଥ୍ ଉପରେ ଖଣ୍ଡେ ସିମେଣ୍ଟ ଅଖା ଉପରେ ତା'ର ଆଜିର ବେପାର ବଡ଼ ମ୍ରିୟମାଣ ଭାବେ ରହିଥିଲା ।

କାରଣ ରାଜଧାନୀବାସୀଙ୍କୁ ସବୁ ଜିନିଷ ସୁନ୍ଦର ଦରକାର । ସେଇ ଦୃଷ୍ଟିରୁ ସମସରପୁର କଞ୍ଚା ଲଙ୍କା ସବୁଠୁ ଭଲ । କଳା ମଚମଚ ହୃଷ୍ଟପୁଷ୍ଟ । ଅଳ୍ପରାଗ । ପାର୍ବତୀ ହପ୍ତାକେ ତିନିପାଳି କଞ୍ଚା ମରିଚ ବିକେ । ବଡ଼ି ଭୋଅରୁ ଶେଜ ଛାଡ଼ି ହାଟ ମୁଣ୍ଡକୁ ଧାଏଁ । କାରଣ ତାକୁ ସେଠି ଆଠଗଡ଼ରୁ ଆସୁଥିବା ପରିବା ଗାଡ଼ିକୁ ଧରିବାକୁ ପଡ଼େ । ପିକ୍‌ଅପ୍ ଗାଡ଼ିଟାର କ୍ଲିନରଟା ଭାରି ଅଭଦ୍ର । ସବୁବେଳେ ତା'ର ପାନ ପାଚିଲା ଦାନ୍ତ ଦେଖେଇ ଅଶ୍ଳୀଳ ହସ ହସେ । ଆଖି ଘୂରେଇ ଚାହେଁ । ଟିକିଏ ସୁଯୋଗ ପାଇଲେ ଛପିଲା କଣ୍ଠରେ କ'ଣ କ'ଣ କହେ – ବ୍ଲାଉଜ୍ ଭିତରେ କ'ଣ ପଇସା ରଖୁଚ ମ' । ଆଉ କ'ଣ ସେ ବେଳ ଅଛି । ମନିପ୍ରସ୍ ଗୋଟାଏ ଦେହରେ ପକଉନ ।

କଥାଗୁଡ଼ା ପାର୍ବତୀ ଦେହରେ କଣ୍ଟା ଭଳି ଗଳିଯାଏ । କିନ୍ତୁ ତାକୁ ସହିବାକୁ ପଡ଼େ । ନୀରବରେ ଲଙ୍କା କିଣି ଆସିବାକୁ ହୁଏ ।

ହେଲେ ଦେଖନା, ଆଜି କି ଖରାପ ବେଳା!

ହାଡ଼ଥରା ଜାଡ଼ ସାଙ୍ଗକୁ ଟ୍ରାନ୍ସଫରମର୍ ହତାରେ ତା'ର ସେଇ ଜରିପାଲ ଘେରା ଉଠା ଘର । ସାରାରାତି ଶୀତ ଅନ୍ଧାର ରାତିକୁ ଜଗି ଜଗି ସେ ପୂରାପୂରି ଉଜାଗର । ରାତି ପାହିବା ବେଳକୁ ତା'ର ଆଖି ଲାଗିଯାଇଥିଲା । ଛାଇଛାଇଆ ନିଦ ଭାଙ୍ଗିବା ବେଳକୁ ପୂରାପୂରି ଫର୍ଚ୍ଚା । ସେଠୁ ଏକାମୁହାଁ ଧାଇଁ ଧାଇଁ ଆସି ପରିବା ଗାଡ଼ି ପାଖରେ ପହଞ୍ଚିଲା ବେଳକୁ ଲଙ୍କା ସରିଯାଇଥିଲା ।

: ହଅ ମ' ମରିଚ କ'ଣ ଫୁଲ କ'ଣ! ସେଇ ସତୁରୀରେ ନବୁ ଶହେ କୋଡ଼ିଏ ବିକିବୁ । ରେଟ୍ ତ ସେଇ ଏକା, ନେଇ ଯା । କାଲି ଓଷା ବାରିଟା ଅଛି, କଟିଯିବ ।

ପିକ୍‌ଅପ୍ କ୍ଲିନର୍ ତା'ର ସେଇ ପାଚିଲା ଦାନ୍ତ ଦେଖେଇ ପାର୍ବତୀ ଉଦ୍ଦେଶ୍ୟରେ ଥଟ୍ଟା କରିବା ପରି କହିଥିଲା । ତେବେ ଦୁର୍ଦ୍ଦଶା ସେତିକିରେ ସରି ନଥିଲା । ବେପାରକୁ କୁସୁମ ଗେଣ୍ଡୁ ପାଞ୍ଚ କିଲୋ ଆଣି ଫୁଟ୍‌ପାଥ୍ ଉପରେ ସଜାଡ଼ିବା ବେଳକୁ ପାଖ ସାଥି ବେପାରୀ ହେମ କହିଥିଲା, "ଆଜି କ'ଣ ଫୁଲ, ମରିଚ ପାଇଲୁ ନି କି? ପଲିଥିନ୍ ଆଣିଚୁ?"

ପାର୍ବତୀ ଆଶ୍ଚର୍ଯ୍ୟରେ କହିଥିଲା, "ପଲିଥିନ୍ ? ନାଇଁ ତ!"

: କଞ୍ଚା ମରିଚ ସିନା ପରିବା ବ୍ୟାଗକୁ ପକେଇ ଦବୁ । ହେଲେ ଠାକୁରଙ୍କ ପାଇଁ ଫୁଲକୁ କିଏ ସେମିତି ନବ । ଯାଆ ପଲିଥିନ୍ ନେଇଆ । ଯେ ଜାଣିଥା, ଲୁଚେଇକି ରଖିବୁ । ସେ ରାହାବାଳୀ ଦେଖିବ ତ ଅଣ୍ଟାଗୁଞ୍ଜା ନ ନେଇ ଛାଡ଼ିବନି ।

ମାର୍ଗଶିରର ସକାଳୁଆ ଶୀତ ତା'ର ପ୍ରକୋପ ଜାରି ରଖିଥିଲା । ତା' ସହିତ ଭୟ ଏବଂ ଆଶଙ୍କାରେ ପାର୍ବତୀର ଗୋଡ଼ ହାତ କୋଲ ମାରି ଯାଉଥିଲା । କିନ୍ତୁ ଏଥିପ୍ରତି ବିମୁଖ ଲେଡ଼ି ପୋଲିସ ଜଣକ ଏବେ ଅସ୍ଥିର ହେଇ ଉଠିଥିଲେ । କାରଣ ଚଞ୍ଚଳ ସକାଳୁଆ ଇନ୍‌ସ୍ପେକସନ୍ କାମଯାକ ସାରିଲେ ତାଙ୍କୁ ଶୀଘ୍ର ଘରେ ପହଞ୍ଚିବାକୁ ଥିଲା । ଘର କାମ ସାରିଲେ ପୁଣି ଡ୍ୟୁଟି ବି ଯିବାକୁ ହବ । ଆଜି ଆହୁରି ବଡ଼ ପୁଅର ସ୍ପେଶାଲ୍ ଡିମାଣ୍ଡ ବାରିପଦା ମଟନ୍ ।

: ହେଇକ୍; ତତେ ପରା ମୁଁ କ'ଣ କହୁଚି । ଖାତିର୍ ପଡୁନି । ଇଏ ସରକାରୀ ନିୟମ । ଯୋଉଠି ଯାହା ରଖିଚୁ ବାହାର କର୍ ଚଞ୍ଚଳ । ନହେଲେ ଅମାନିଆଙ୍କ ହାତଗୋଡ଼ ଚୂନା କରିବାକୁ ମତେ ଦଣ୍ଡେ ଲାଗିବନି । କାଢ଼ିଲୁ ତୋର ସେ ଚାଦର ଖଣ୍ଡକ ।

ଅମଲାଙ୍କ ଗୋଟାଏ କୁହାଟ । ମୁହୂର୍ତ୍ତକେ ଅଜସ୍ର ମାଟିଲେସା ମୁମୂର୍ଷୁ ଜୀବନ ଉଜୁଡ଼େଇବାକୁ ଯଥେଷ୍ଟ । ଉଜୁଡ଼ିଗଲା ମଧ୍ୟ । ଲେଡି ପୋଲିସଙ୍କ ସୀମାତୀତ ଜେରା । ପାର୍ବତୀର ଭୟାତୁର କାତରତା । ପୁଳାଏ ସଂଗୁପ୍ତ ପାପ ପରି ଏବେ ରାସ୍ତା ଉପରେ ଖସି ପଡ଼ିଲା ସେ' ତା ଛାତିଲୁଗା ତଳେ ଲୁଚେଇ ରଖିଥିବା ବିଡ଼ାଏ ପଲିଥିନ୍ ଜରି । ଲେଡି ପୋଲିସ କ୍ରୋଧରେ ନିଆଁବାଣ ହେଇ ଯାଇଥିଲେ ।

: ମୋ ସାଙ୍ଗେ ଚାଲ୍‌ବାଜି! ମତେ ଚିହ୍ନିନୁ । ହଟା ତୋ ଦୋକାନ୍ । ଉଠା ଏଠୁ । ଚାଲ୍ ଭାଗ୍ । ମୋ ସଙ୍ଗେ ଖେଳୁଚୁ ।

ନ୍ୟାରେଟିଭ୍‌ସ୍‌ମାନେ କେତେ ଭୟଙ୍କର ସତରେ!!

ଫୁଟ୍‌ପାଥ୍ ଉପରେ ଉଜୁଡ଼ାଇ ଦିଆଯାଇଥିବା ବଣିଜ ପସରାର ଫୁଲମାନେ ପରସ୍ପରକୁ କୁହାକୁହି ହେଉଥିଲେ । କିନ୍ତ ସେଥିପ୍ରତି ଏତେ ଟିକେ ଧ୍ୟାନ ନ ଦେଇ ଲେଡି ପୋଲିସ ଏବେ ରାସ୍ତା ସେପାଖ ଆଇଁଷ ଦୋକାନକୁ ଚାଲିଯାଇଥିଲେ । ସେଠା ଦୋକାନୀଠାରୁ କଳା ରଙ୍ଗର ଜରି ପୁଡ଼ିଆଟିକୁ ଆଣିବା ବେଳେ ବଳକା କ୍ରୋଧ ଜରଜର ହେଇ କହିଥିଲେ, "ଠିକ୍ ଦେଇଚ ତ । ଦେଖୁନି, ମୋ ପାଖେ ସମୟ ନାହିଁ ।"

ହାବୁକାଏ ପାଉଁଶିଆ ଧୂଆଁ ଖେଳେଇ ଦେଇ ପୋଲିସ ଗାଡ଼ି ସେଠୁ ଛାଡ଼ି ଚାଲିଯାଇଥିଲା । ଯଦିଓ ଦିନ ଫିଟିବା ସହ ଶୀତ ଟିକିଏ କମିବା କଥା, ମାତ୍ର ଆଜି ରହି ରହି କୋହଲା ପବନ ବହୁଚି । ପାର୍ବତୀର ଦେହ ଘୋରା ଖଣ୍ଡିକ ତଳେ ଘୁଷୁରୁ ଥିଲା । ସେଥିପ୍ରତି ପ୍ରତିକ୍ରିୟା ରହିତ ସେ ବରଂ ଢଳଢଳ ଆଖିରେ ଫୁଟ୍‌ପାଥ୍ ଉପରେ ତା'ର ଅତ୍ୟାଚାରିତ ପସରାକୁ ଚାହିଁ ରହିଥିଲା । କିନ୍ତୁ କାଲୁଆ ପବନ ମାଡ଼ରେ ମଞ୍ଜି ଥରା ସେଇ କାତର ଦୃଶ୍ୟଟିକୁ ଦେଖିବାକୁ ସେଠି ଆଉ କେହି ନଥିଲେ । ଧୂଳିରେ ବିଛାଡ଼ି ହେଇ ପଡ଼ିଥିବା ଫୁଲମାନଙ୍କ ବ୍ୟତିରେକ ।

କେତେବେଳେକେ ସେଇମାନେ ହିଁ ପାଖକୁ ଆସିଥିଲେ । କାନ୍ଧରେ ହାତ ରଖିଥିଲେ । କହିଥିଲେ, "ଝିଅ! ଜୀବନଟା ସଲଫର୍‌ମୟ ।" ■

ଜଗନ୍ନାଥ ସାହି
ଇନ୍ଦିରାଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀଚୌକ, କଟକ-୭୫୩୦୦୨
ମୋ: ୯୪୩୭ ୬୦୪୨୮୦

# ଅଲି

ଜୟନ୍ତୀ ରଥ



କଳସ କହୁଛି
ସବୁଦିନ କ'ଣ
ପାଣି ଆଉ ଫୁଲ
ଦିନେ ଦିନେ ତ
ଆମ୍ବ ପତ୍ରଦେ
ନଡ଼ିଆଦେ
ମୁଁ ଦିଶିବି
ଶୋଭାବନ୍ତ
ହଉ, ହଉ ଦେବି ।

କାଚ ଆଲମାରି ଭିତରୁ
ବହିମାନେ କହୁଛନ୍ତି
ସବୁଦିନ କ'ଣ
ରୁନ୍ଧି ହୋଇ ଥିବୁ ଏଇ ଭିତରେ
ଦିନେ ଦିନେ ତ
ଖରା, ପବନ ଓ
ତୋ ହାତ ଛୁଆଁଦେ ।
ଆମର ବି
ଅମ୍ଳଜାନ ଲୋଡ଼ା
ହଉ ଦେବି । ଦେବି ।

ନାତି କହୁଚି
ସବୁଦିନ କ'ଣ ପଢୁଚୁ, ଲେଖୁଚୁ
ଦିନେ ଦିନେ ତ
ଅଜାଙ୍କ ପାଖେ ବସି
କେ.ବି.ସି. ଦେଖି
କ୍ରିକେଟ ଖେଳ ଦେଖି ଟିଭିରୁ
ମନ ଭଲ ଲାଗିବ
ହଉ ଦେଖିବି । ଦେଖିବି ।

କଲମ ଜାଣିନି
ବହିମାନେ ଜାଣନ୍ତିନି
ନାତି ବୁଝିନି
ମୁଁ କେତେ ଅପାରିବାର
ଜାଣେନି ବାଗ
ନିଜକୁ ସଜାଡ଼ିବାର । ■

ଭୁବନେଶ୍ୱର
ମୋ: ୮୮୯୫୬୭୭୯୫୬

# ମୋ ଜୀବନ ପଛେ ନର୍କେ ପଡ଼ିଥାଉ

ପ୍ରଦୀପ୍ତ ଶ୍ରୀଚନ୍ଦନ



ସଂସାରକୁ ଯେତେବେଳେ କୌଣସି ଆସୁରିକ ଶକ୍ତି ଗ୍ରାସ କରିବସେ ଏବଂ ତାହା ଦ୍ୱାରା ମାନବ ସମାଜର ଅନିଷ୍ଟ ଘଟେ, ସେତେବେଳେ ସମଗ୍ର ମାନବ ଜାତି ସଂଘବଦ୍ଧ ଭାବରେ ସେହି ପ୍ରବଳ ପରାକ୍ରମୀ ଶକ୍ତି ବିରୁଦ୍ଧରେ ସଂଘର୍ଷ କରିବାକୁ ମହାମନୀଷୀମାନେ ପ୍ରେରଣା ଯୋଗାଇଥାନ୍ତି । ଏହି ମହାମନୀଷୀମାନଙ୍କ ମଧ୍ୟରେ ଯେଉଁମାନଙ୍କଠାରେ ସନ୍ଥତୁଲ୍ୟ ପବିତ୍ରତା, ସଂସ୍କାରକଙ୍କ ପରି ପ୍ରଖରତା ଆଉ ଋଷିମାନଙ୍କ ପରି ତତ୍ତ୍ୱ ଦୃଷ୍ଟିଥାଏ ସେମାନେ ଯୁଗ ସୃଜନ ସଦୃଶ ଉତ୍କୃଷ୍ଟ ଭାବ ପାଇଁ ନିଜକୁ ସମର୍ପଣ କରି ଦେଇଥାନ୍ତି । ଊନବିଂଶ ଶତାବ୍ଦୀର ପ୍ରାକ୍ କାଳରେ ସେହିଭଳି ଏକ ଆପତ୍ତି କାଳ ଆମ ସମାଜକୁ ଗ୍ରାସ କରି ବସିଥିଲା । ତେଣୁ ସମାଜକୁ ସେହି ତ୍ରସ୍ତ ତଥା ବିଖଣ୍ଡିତ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଭାରତର ଦୂରଦ୍ରଷ୍ଟା ମନୀଷୀଗଣ ହିଁ ସଚେତନ ହୋଇ ଉଠିଥିଲେ । ଏହି ସଚେତନବାଣୀ ସବୁକ୍ଷେତ୍ରରେ ଦେଖା ଦେଇଥିଲା । ବିଶେଷକରି ସାହିତ୍ୟ କ୍ଷେତ୍ରରେ ଏହି ନବଚେତନା ବହନ କରି ଆଣିଥିଲା ନୂତନ ସଙ୍କେତ । ଆଉ ଠିକ୍ ସେହି ସମୟରେ ଆମ ଓଡ଼ିଶା ମାଟିରୁ ଏକ ଯୁଗଧର୍ମ ଭାବରେ ମହିମା ଧର୍ମର ଅଭ୍ୟୁଦୟ ଘଟିଥିଲା । ମହିମାଧର୍ମ ଏକ ଉଦାରବାଦୀ ମାନବ ଧର୍ମ । ଏହାର ମାର୍ଗ ମୁଖ୍ୟତଃ ସମାଜ ମୁଖୀ । ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁ ତରୁଣ ଭୀମ ଭୋଇଙ୍କୁ ଦୀକ୍ଷିତ କରି ସାହିତ୍ୟ ସାଧନା ମାଧ୍ୟମରେ ତାଙ୍କର ବାଣୀର ପ୍ରସାର କରି ସମାଜକୁ ସେତେବେଳକାର ସଙ୍କଟରୁ ଉଦ୍ଧାର କରିବାକୁ ଏବଂ ଯୁଗସନ୍ଧି ବେଳାରେ ଜାଗ୍ରତ ଆତ୍ମାର ଯୁଗ-ଧର୍ମ ପାଳନ କରିବାକୁ ପ୍ରେରଣା-ପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । ଜନ୍ମ-ସ୍ଥାନ, ଶିକ୍ଷା-ଦୀକ୍ଷା ଏବଂ ସ୍ଥୂଳ ଦୃଷ୍ଟିଶକ୍ତି ସଂପର୍କିତ ଗବେଷକମାନଙ୍କର ତର୍କ-ବିତର୍କର ଊର୍ଦ୍ଧ୍ୱକୁ ଉଠି, ଯେଉଁ ଭୀମ ଭୋଇଙ୍କୁ ଆମେ ଦେଖୁଛେ, ସେ ଏକ ଭିନ୍ନ ଆଉ ପ୍ରଚଣ୍ଡ ପ୍ରତିଭାଧାରୀ ସନ୍ଥ । ପଣ୍ଡିତମାନଙ୍କ ମତରେ, ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାର ଧର୍ମଚେତନା, ନୈତିକ ଜୀବନ ଓ ଆଧ୍ୟାତ୍ମିକ କାବ୍ୟ-କବିତା ଧାରାରେ ନବ ଉତ୍‌ଥାପନର ବାର୍ତ୍ତା ସଂଯୋଗ କରି ସାମାଜିକ କୁସଂସ୍କାର, ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ ଘୋଷଣା ସହ ସମଗ୍ର ମାନବ ଜାତିକୁ ସମ୍ବେଦନଶୀଳ ହୃଦୟ ଆଉ ଉନ୍ମୁକ୍ତ ମନରେ ଭଲ ପାଇବାର ମାର୍ଗ ଦେଖାଇ ମଣିଷର ଚେତନାକୁ ପୁନଃ ପ୍ରସାରିତ କରିଥିବା ସେହି କାବ୍ୟ ପୁରୁଷଙ୍କର ନାମ ଭୀମ ଭୋଇ । ସନ୍ଥ କବି ଭୀମ ଭୋଇ ।

ଭୀମ ଭୋଇଙ୍କର ସାଧନାର ସମୟ ଥିଲା ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗ । ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନରେ ଜ୍ଞାନ ଆଉ ସଂସ୍କୃତିରେ ହିଁ ବିକାଶ ସଂଘଟିତ ହେଲା । ଉତ୍କଳର ଆଧୁନିକ ଶିକ୍ଷାର ପ୍ରସାର ସମ୍ଭବ ହେଲା । ସାହିତ୍ୟ ହେଲା ସମୃଦ୍ଧ । ପ୍ରାଚୀନ ପରରାକୁ ପଛରେ ପକେଇ ସମସ୍ତେ ନୂତନ ଆଡ଼କୁ ମୋଡ଼ ଭାଙ୍ଗିଲେ । କିନ୍ତୁ ପ୍ରାଚୀନ ଓ ନବୀନର ମିଳନ ସ୍ଥଳରେ ଦଣ୍ଡାୟମାନ ହୋଇ ସନ୍ଥକବି ଭୀମ ଭୋଇ ଦୁଃସାହସିକ ବିପ୍ଳବୀ କବିର ଭୂମିକା ଗ୍ରହଣ କଲେ ।

ମହିମା ଧର୍ମ ହେଉଛି ଏକ ଜନଧର୍ମୀ ଆଧ୍ୟାତ୍ମିକ ଚେତନା ଏବଂ ଭୀମ ଭୋଇ ହେଉଛନ୍ତି ସେହି ସାଧନାର ଧାରାର ଆଧ୍ୟାତ୍ମିକ କଣ୍ଠସ୍ୱର । ତାଙ୍କର ସାଧନା ହେଉଛି ଅନ୍ତର୍ମୁଖୀ ସାଧନା । ହୃଦୟର ଦ୍ୱାର ଖୋଲି ଅନ୍ତର୍ଦ୍ଦେଶରେ ପ୍ରବେଶ କଲେ ସେଠାରେ ପରମ ବ୍ରହ୍ମଙ୍କର ଦର୍ଶନ ମିଳି ପାରିବ । କବିଙ୍କର କାବ୍ୟ-ଦର୍ଶନରେ ଉପନିଷଦୀୟ ଚିନ୍ତା ଓ ଚେତନା ବହୁ ଭାବରେ ପରିସ୍ଫୁଟ । ତେଣୁ ତାଙ୍କ ଲେଖନୀରୁ ନିସୃତ ହୋଇଛି- ଫେଡ଼ି କବାଟ ଯାଇ ପଶ ଭିତରେ । 'ସ୍ତୁତି ଚିନ୍ତାମଣି', 'ଭଜନମାଳା'ର ରଚନା ଭକ୍ତିରସାତ୍ମକ ଓ ଆଧ୍ୟାତ୍ମ ତତ୍ତ୍ୱ ରହସ୍ୟଗର୍ଭା ହେଲେ ମଧ୍ୟ ଅନେକ ସ୍ଥାନରେ କବିଙ୍କ ଜୀବନର ଅନେକ ଦୁଃଖ, ଯନ୍ତ୍ରଣା, ସମସାମୟିକ ସମାଜର ନୀତିହୀନତା, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନର ବାର୍ତ୍ତା ବହନ କରି, ଆତ୍ମବାଣୀ ମୁଖରିତ ହୋଇଉଠି ଏ ସବୁକୁ ରସୋତ୍ତୀର୍ଣ୍ଣ କରିପାରିଛି । ତିନିଶତାଧିକ ଭଜନ ସବୁ ସଂଗୀତମୟ, ଆବେଗ ମୁଖର ହୋଇ ପ୍ରାଣସ୍ପର୍ଶୀ ହେବା ସାଂଗକୁ ଓଡ଼ିଆ ଆଧୁନିକ ସାହିତ୍ୟକୁ ପ୍ରବହମାନ କରିବାରେ ସକ୍ଷମ ହୋଇପାରିଛି । 'ସ୍ତୁତି ଚିନ୍ତାମଣି' କବିଙ୍କ ଜୀବନର ସ୍ମୃତି ଓ ବ୍ରହ୍ମ ଅନୁଭବର ଉଜ୍ଜ୍ୱଳ ଆତ୍ମବାଣୀ ଭାବରେ ମୁଖରୀତ ହୋଇଥିବା ବେଳେ 'ଭଜନମାଳା' ତାଙ୍କ ଦିବ୍ୟ ଆତ୍ମପୁରୁଷର ଊର୍ଦ୍ଧ୍ୱଗାମୀ ସ୍ୱରନାଦରେ ଝଙ୍କୃତ ହୋଇ ଉଠିଛି । ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ, ଦେଶଜ, ବୈଦେଶିକ ଓ ଲୌକିକ ତଥା ଲୋକ ଭାଷାର ପ୍ରୟୋଗ, ନିଜ ଚାରି ପାଖରେ ଥିବା ଉପମାର ପ୍ରୟୋଗ ତାଙ୍କ ରଚନା ସମଗ୍ରକୁ ପ୍ରାଣସ୍ପର୍ଶୀ କରି ପାରିଛି । କବିଙ୍କର ରଚନା ମୁଖ୍ୟତଃ ପଦ୍ୟଧର୍ମୀ । କବିତା ମାଧ୍ୟମରେ ନିଜ ଜୀବନର ସମସ୍ତ ଅଭିବ୍ୟକ୍ତି ଓ ସମାଜର ଆଦର୍ଶକୁ ପରିପ୍ରକାଶ କରିବା ତାଙ୍କର ଥିଲା ଚିର ଇପ୍‌ସିତ । ଭୀମ ଭୋଇଙ୍କର ପାଣ୍ଡିତ୍ୟ ତାଙ୍କ ରଚନାରୁ ହିଁ ପ୍ରଣାମିତ । 'ସ୍ତୁତି ଚିନ୍ତାମଣି', 'ଆଦିଅନ୍ତ ଗୀତା', 'ବ୍ରହ୍ମ ନିରୂପଣ ଗୀତା' ଓ 'ବ୍ରହ୍ମ ଚାଳକ' ଆଦି ରଚନା ମଧ୍ୟରେ - ଜୀବ-ପରମ, ମନ-ଚଇତନ ମାୟା ପ୍ରଭୃତିର ବର୍ଣ୍ଣନା ତାଙ୍କୁ ସନ୍ଥକବିର ଆସନରେ ଆସୀନ କରାଇ ପାରିଛି । ଭୀମ ଭୋଇଙ୍କ ସାହିତ୍ୟରେ ଧର୍ମ, କର୍ମ, ନୀତି, ଅନୀତି ଆଦିର ବିଚାର କଥା କୁହାଯାଇଥିଲେ ମଧ୍ୟ ସବୁ କଥାର ମୂଳ ହେଉଛି ମାନବ ପ୍ରତି ସଂପ୍ରୀତି ଆଉ ସମ୍ବେଦନଶୀଳ ହୃଦୟ । ପ୍ରାଣୀମାନଙ୍କର ଅପ୍ରମିତ ଦୁଃଖରେ ମ୍ରିୟମାଣ ହୋଇ ଜଗତର ଉଦ୍ଧାର ଲାଗି ନିଜେ ନରକରେ ନିକ୍ଷେପିତ ହେବାକୁ ସଂକଳ୍ପବଦ୍ଧ । ସତ୍ୟାନୁସନ୍ଧାନରେ ବ୍ରତୀ ସନ୍ଥ କବିଙ୍କ ଜୀବନ-ଯଜ୍ଞର ଉଦ୍‌ଘୋଷଣା ଥିଲା 'ସତ୍ୟରେ ମରିବି, ସତ୍ୟରେ ତରିବି ।' ସତ୍ୟ ନାମ ହିଁ ବ୍ରହ୍ମ । ଏହି ବ୍ରହ୍ମ ହିଁ ମେଳଚ୍ଛ, ଅସୁର, ପାପିଷ୍ଠମାନଙ୍କଠାରୁ ମଣିଷ ସମାଜକୁ ରକ୍ଷା କରିବ ବୋଲି ତାଙ୍କର ଭରସା । ତେଣୁ ଦିବ୍ୟଦ୍ରଷ୍ଟା କବିଙ୍କ ଅମୃତବାଣୀ ସ୍ୱଚ୍ଛତୋୟା ସ୍ରୋତସ୍ୱିନୀ ପରି ପ୍ରବହମାନ ହୋଇ ଆତ୍ମସନ୍ଧାନୀ ଆତ୍ମଦର୍ଶୀମାନଙ୍କୁ ବିଶ୍ୱପ୍ରାଣରେ ଉଦ୍‌ବୁଦ୍ଧ କରିଆସୁଛି । ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାରଭାରତୀ
ପଟିଆ, ଭୁବନେଶ୍ୱର-୨୪

## ପୁସ୍ତକ ପରିଚୟ

### ଧୂସର ଦିଗ୍‌ବଳୟ

ମାନିନୀ ମିଶ୍ର




ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୧୯୯ ଟଙ୍କା

ଯନ୍ତ୍ରଣା ଜର୍ଜରିତ ମଣିଷର ଜୀବନ, ମାନବୀୟ ସ୍ନେହ, ପ୍ରେମ, ଆଶା, ଆକାଂକ୍ଷା ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି ମାନିନୀ ମିଶ୍ରଙ୍କ 'ଧୂସର ଦିଗ୍‌ବଳୟ' ଉପନ୍ୟାସରେ । ଜୀବନରେ ବାରମ୍ବାର କ୍ଷତାକ୍ତ ହେଉଥିବା ଜଣେ ମଣିଷର ହସ, ଲୁହ, ମୋହକୁ ନେଇ 'ଧୂସର ଦିଗ୍‌ବଳୟ'ର କାହାଣୀ ଗତିଶୀଳ । ନାରାୟଣ ଦାଶଙ୍କ ପାରିବାରିକ ଜୀବନର ସଂଘର୍ଷ, ଦ୍ୱନ୍ଦ୍ୱ, ସଂଘାତକୁ ଔପନ୍ୟାସିକା ଅତି ସମ୍ବେଦନଶୀଳ ଭାବେ ବର୍ଣ୍ଣନା କରିଛନ୍ତି । ପରିବାରର ସମ୍ମାନ ରକ୍ଷା କରିବା ପାଇଁ ନାରାୟଣ ଦାଶ ଓ ବିଷ୍ଣୁପ୍ରିୟା ନିଜକୁ ତିଳ ତିଳ କରି ଜାଳି ଦେଇଛନ୍ତି । ଉଭୟଙ୍କ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ଉପନ୍ୟାସଟିକୁ ଅଧିକ ମାର୍ମିକ କରିଛି । 'ବସୁଧୈବ କୁଟୁମ୍ବକମ୍'ର ମହତ୍ ଚିନ୍ତାଧାରା ପ୍ରତିଫଳିତ ହୋଇଛି ଏହି ଉପନ୍ୟାସରେ । ଗ୍ରାମ୍ୟ ଚଳଣି, ସଂସ୍କୃତି, ପରମ୍ପରାର ଚିତ୍ର ମଧ୍ୟ 'ଧୂସର ଦିଗ୍‌ବଳୟ' ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି । ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ପାରିବାରିକ ସଂଘର୍ଷର ଚିତ୍ର ଉପନ୍ୟାସକୁ ଅଧିକ ରମଣୀୟ କରିଛି । ଚରିତ୍ର ଚିତ୍ରଣରେ ଚମତ୍କାରିତା, କାହାଣୀରେ ନୂତନତା, ନିଆରା ଉପସ୍ଥାପନା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା ପ୍ରୟୋଗ ଯୋଗୁଁ ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଭାବ ଭକ୍ତି ପ୍ରେମ

ତୁଷାରକାନ୍ତ ମହାନ୍ତି




ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଶ୍ରୀ ଶ୍ରୀ ଚାଟେଶ୍ୱର ମହାଦେବଙ୍କ ମହିମା ଅପାର । ଭକ୍ତ ତଲ୍ଲୀନ ହୋଇଉଠେ ମହାଦେବଙ୍କ ଭକ୍ତିଭାବରେ । ସେଇ ମହାପ୍ରଭୁ ଚାଟେଶ୍ୱର ବାବାଙ୍କ ପ୍ରତି ସମର୍ପିତ ଭକ୍ତିଭାବନାରୁ ଜାତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଭାବ ଭକ୍ତି ପ୍ରେମ' ପୁସ୍ତକର କବିତାଗୁଡ଼ିକ । ଏହି ପୁସ୍ତକରେ ସଂକଳିତ 'ଚାଲ ଚାଲ ଚାଲରେ ଯିବା ଚାଟେଶ୍ୱର ଧାମକୁ', 'ଜୟ ଜୟ ବାବା ଶ୍ରୀ ଚାଟେଶ୍ୱର', 'ଜୟ ହର ହର ଶିବଶଙ୍କର', 'ଆହେ ଶିବ ମହାଦେବ', 'ବାବା ଚାଟେଶ୍ୱର' ଆଦି କବିତାରେ ମହାଦେବଙ୍କ ସ୍ତୁତି ଗାନ କରାଯାଇଛି । 'କାଳିଆ ଧନକୁ ମୋର', 'କଳା ଠାକୁର', 'ପତିତପାବନ ହାତଠାରୁ ଅଚି', 'ଜଗନ୍ନାଥ ତୁମେ ତ ଜଗତ ସାଇଁ', 'ତୁ ଆରେ କାଳିଆ', 'କହରେ କାଳିଆ', 'ତୁମକୁ ହେ ଜଗନ୍ନାଥ' ଆଦି କବିତାରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବନା ପ୍ରସ୍ଫୁଟିତ ହୋଇଉଠିଛି । କାଳିଆ ଠାକୁରଙ୍କ ପାଖରେ କବି ନିଜର ମାନ ଅଭିମାନ, ପ୍ରେମ ଓ ଭକ୍ତି ଗଦ୍‌ଗଦ୍ ହୋଇ ଜଣାଉଛନ୍ତି । ଭାବ, ଭକ୍ତି ଓ ପ୍ରେମର ଉଚ୍ଛ୍ୱାସ ଯୋଗୁଁ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସରଳ ଓ ବୋଧଗମ୍ୟ ଭାଷାରେ ରଚିତ 'ଭାବ ଭକ୍ତି ପ୍ରେମ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ପ୍ରାଣକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ପାକିସ୍ତାନ...

ପାକିସ୍ତାନୀ ଅଧିନାୟକ ସଲମାନ ଅଲି ଆଘା ଏହି ମୁକାବିଲାରେ ଭାରତ 'ସ୍ପିରିଟ୍ ଅଫ୍ କ୍ରିକେଟ'ରେ ବା ଖେଳୁଆଡ ମନୋଭାବ ନେଇ ଖେଳିବ ବୋଲି ଆଶା କରିଛନ୍ତି। ଏହାର ଅର୍ଥ ଏହି ମୁକାବିଲାରେ ଉଭୟ ଦଳର ଅଧିନାୟକ ଓ ଖେଳାଳି ପରସ୍ପର ସହ ହ୍ୟାଣ୍ଡସେକ୍ କରିବେ ବୋଲି ସେ ପରୋକ୍ଷରେ ଆଶା ରଖିଛନ୍ତି। ନିକଟରେ ଖେଳାଯାଇଥିବା ଏସିଆ କପ୍‌ରେ କେହି କାହା ସହ କରମର୍ଦ୍ଦନ କରି ନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ସହ ଉଭୟ ଦଳ ପରସ୍ପର ସହ ୩ଥର ମୁକାବିଲା କରିଥିଲେ ଓ ସମସ୍ତ ୩ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଏଥର ମଧ୍ୟ ଏଠାରେ ଖେଳ ଦେଖିବାକୁ ଆସିଥିବା ୧୬,୦୦୦ ଦର୍ଶକଙ୍କ ସହ କୋଟି କୋଟି ଭାରତୀୟ ସମର୍ଥକ ଏଭଳି ଆଶା ରଖୁଛନ୍ତି। ତେବେ ଏହି ମହାମୁକାବିଲାକୁ ନେଇ ପାଣିପାଗ ବିଭାଗର ଭବିଷ୍ୟବାଣୀ ଉତ୍ସାହଜନକ ନୁହେଁ। ବର୍ଷା ସମ୍ଭାବନା ଥିବାରୁ ମୁକାବିଲାଟି ବାଧାପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଆସନ୍ତାକାଲି ବର୍ଷା ସମ୍ଭାବନା ୬୦ ପ୍ରତିଶତ ରହିଛି ବୋଲି ଶ୍ରୀଲଙ୍କା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତରେ ଖେଳିବାକୁ ବାଂଲାଦେଶ ମନା କରିବା ଦାବିକୁ ସମର୍ଥନ କରି ପାକିସ୍ତାନ ସରକାର ପ୍ରଥମେ ଏହି ମ୍ୟାଚ୍ ବୟକଟ କରିବାକୁ ଘୋଷଣା କରିଥିଲେ। ପରେ ଆଇସିସି ଓ ପିସିବି ମଧ୍ୟରେ ଆଲୋଚନା ହେବା ପରେ ଭାରତ ସହ ଖେଳିବାକୁ ପାକିସ୍ତାନ ରାଜି ହୋଇଥିଲା। ଏହି ଘଟଣା ପରେ ଆସନ୍ତାକାଲି ମୁକାବିଲାର ଗୁରୁତ୍ୱ ବୃଦ୍ଧି ପାଇଛି। କଲମ୍ବୋ ପିଚ୍‌ରେ ପାକିସ୍ତାନୀ ସ୍ପିନରଙ୍କ ପ୍ରଭାବ ମଧ୍ୟ ସମାନ ପରିମାଣରେ ବଢ଼ିଛି। ଏଣୁ ଭାରତକୁ ୮ମ ବିଜୟ ହାସଲ କରିବାକୁ ହେଲେ ପାକିସ୍ତାନୀ ସ୍ପିନର ଓ ବର୍ଷାର ଜୋରଦାର ମୁକାବିଲା କରିବାକୁ ହେବ। ଉଭୟ ଦଳର ଅଧିନାୟକ ଯଥା ପାକିସ୍ତାନର ସଲମାନ୍ ଅଲୀ ଓ ଭାରତର ସୂର୍ଯ୍ୟକୁମାର ଯାଦବ ଏହି ମୁକାବିଲା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି ବୋଲି ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

### ବିରୋଧୀ ଦଳ ନେତାଙ୍କୁ...

ପାଲଟି ଯାଇଛି। ସୂଚନା ଅନୁଯାୟୀ, ଦୁଇ ବର୍ଷ ତଳେ ସାଇବର ପେନାଲ କଲୋନୀ ଜେଲ୍‌ରେ ଥିବାବେଳେ ନଭଲେନିଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ବି ତାଙ୍କୁ ଡାଟ୍ ଫ୍ରଗ ବିଷ ଦେଇ ହତ୍ୟା କରାଯାଇଥିବା ଦାବି କରାଯାଇଥିଲା। ଏହାକୁ ନେଇ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ମାତ୍ର ରୁଷ ରାଷ୍ଟ୍ରପତି ବିକ୍ଷୋଭକୁ ଦମନ କରିଥିଲେ। ଏବେ ବ୍ରିଟେନ ଏବଂ ଏହାର ସହଯୋଗୀ ନଭଲେନିଙ୍କ ରିପୋର୍ଟ ବିଶ୍ଳେଷଣ କରି ବିଷ ଦେଇ ତାଙ୍କୁ ମରାଯାଇଥିବା ଦାବି କରାଯାଇଛି। ନଭଲେନିଙ୍କ ଶରୀରରୁ ଏହି ବିଷର ନମୁନା ମଧ୍ୟ ମିଳିଥିଲା। ବ୍ରିଟେନ ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ନଭଲନିଙ୍କ ଶରୀରରୁ ନିଆଯାଇଥିବା ନମୁନାରେ ଏପିବାଟିଡିନ୍ ନାମକ ବିଷ ମିଳିବାର କାରଣ ଦର୍ଶାଯାଇ ନାହିଁ। ମ୍ୟୁନିସ ସିକ୍ୟୁରିଟି କନଫରେନ୍ସରେ ବ୍ରିଟେନର ବିଦେଶ ସଚିବ ୟାଭେଟ କପର କହିଛନ୍ତି ଯେ ଜେଲ୍‌ରେ ଥିବାବେଳେ ନଭଲନୀଙ୍କୁ ଏଭଳି ବିଷ ଦେଇ ହତ୍ୟା କରିବାର କ୍ଷମତା, ସୁଯୋଗ ଏବଂ ଉପାୟ କେବଳ ରୁଷିଆ ସରକାର ପାଖରେ ଥିଲା। ବ୍ରିଟେନ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ ଏବଂ ନେଦରଲାଣ୍ଡ ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି ଯେ ନଭଲେନିଙ୍କୁ ରୁଷିଆ ବିପଦ ଭାବେ ଦେଖୁଥିଲା। ଏଭଳି ବିଷ ବ୍ୟବହାରକାରୀ ରୁଷ ନଭଲେନିଙ୍କୁ ନିଜ ମାର୍ଗରୁ ହଟାଇ ଦେଇଛି। ନିଜ ରାଜନୈତିକ ବିରୋଧୀଙ୍କୁ ସରକାର ଦମନ କରି ଦେଇଥିଲେ। ଏହି ହତ୍ୟା ପାଇଁ ରୁଷ ହିଁ ଦାୟୀ। କାରଣ ଏହି ବିଷ ବେସରକାରୀ ଭାବେ ରୁଷରେ ମିଳୁ ନାହିଁ। ପ୍ରାକୃତିକ ଭାବେ ମଧ୍ୟ ଏହା ମିଳିବା ଅସମ୍ଭବ। ରୁଷରେ ଗଣତନ୍ତ୍ର ନାହିଁ। ମୁକ୍ତ ଗଣତନ୍ତ୍ର ପାଇଁ ଲଢେଇ କରୁଥିବା ନଭଲେନିଙ୍କୁ ସରକାର ହତ୍ୟା କରିଦେଇଥିଲେ। ରୁଷିଆ ରାସାୟନିକ ଅସ୍ତ୍ରଶସ୍ତ୍ର ବିକଶିତ କରୁଥିବା ନେଇ ମଧ୍ୟ ଏଥିରେ ଦାବି କରାଯାଇଛି।

### ସେଚ ବିକାଶକୁ...

ରଖାଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ବ୍ୟାରେଜର ନିର୍ମାଣ ଓ ସାଳନ୍ଦୀ ନଦୀ ପ୍ରଣାଳୀର ସୁଦୃଢ଼ୀକରଣ କାର୍ଯ୍ୟ ଓ ଉନ୍ମୁକ୍ତ କେନାଲ ପ୍ରଣାଳୀ ମାଧ୍ୟମରେ ୩୦୦୦ ହେକ୍ଟର ଚାଷଜମିର ବିତରଣ ପ୍ରଣାଳୀ ସହ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ସମାପ୍ତ ହୋଇସାରିଛି। ତେବେ ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟି ରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୭୦୦୦ ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ବର୍ତ୍ତମାନ ଭୂତଳ ପାଇପଲାଇନ ବ୍ୟବସ୍ଥା ମାଧ୍ୟମରେ ୯ ଗୋଟି ପ୍ୟାକେଜରେ କରାଯିବାର ପ୍ରସ୍ତାବକୁ ପୂର୍ବରୁ ଅନୁମୋଦନ କରାଯାଇଛି। ତେବେ ଶନିବାର ଅନୁଷ୍ଠିତ ବୈଠକରେ "ସାଳନ୍ଦୀବାମ ମୁଖ୍ୟ କେନାଲର ୪୯.୮୧୦କିମିରୁ ୫୯.୯୭୦ କିମି, ୫୯.୯୭୦ କିମିରୁ ୬୦.୩୦୪ କିମି ଓ ୭୧.୫୦୫କିମିରୁ ୭୩.୦୦୩ କିମି ମଧ୍ୟରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ନିର୍ମାଣ ସମ୍ପର୍କିତ ୩ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ମୋଟ ୧୫୮୬୭ ହେକ୍ଟର ଚାଷଜମିରେ ଜଳସେଚନ ସହ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ଏହି ୯ ଗୋଟି ପ୍ୟାକେଜ ମଧ୍ୟରୁ ଅନ୍ତର୍ଭୁକ୍ତ ଅଟେ। ଏହି ୩ଟି ପ୍ୟାକେଜ ନିର୍ମାଣ ପାଇଁ ମୋଟ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ। ସେହିପରି ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବ୍ୟକ୍ଷଣ ନିମିତ୍ତ ୧୮ କୋଟି ୭୯ ଲକ୍ଷ ୩୨ ହଜାର ୩୫୪ ଟଙ୍କା ଟେଣ୍ଡରଟିକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟି ଚବିଶି (୨୪) ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଛି।

ସେହିପରି ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା(ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟର ଇଏସଆଇ ହସ୍ପିଟାଲ ଏବଂ ଡିସପେନସାରିରେ ସେବା କରିବା ପାଇଁ ନିଯୁକ୍ତ ବ୍ୟକ୍ତିମାନଙ୍କ ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ ପାଇଁ ଏହା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

### ବଜେଟ ଆକାର...

ଅନୁମୋଦନ ଲାଭ କରିବ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ଗୃହରେ ଆଗତ କରିଥିଲେ। ସେହିପରି ୧୭୭୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ଗତ ଆର୍ଥିକ ବର୍ଷରେ ଗୃହର ସମ୍ମତି ଲାଭ କରିଥିଲା। ଅପରପକ୍ଷେ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଚଳିତ ବଜେଟରେ ସରକାର ନୂଆ କିଛି ଯୋଜନା ଆଣି ପାରନ୍ତି। ଧାନ ବିକ୍ରିରେ ଚାଷୀ ହନ୍ତସନ୍ତ, ବୃଦ୍ଧ ବୃଦ୍ଧାଙ୍କୁ ପ୍ରତିଶ୍ରୁତି ମୁତାବକ ୩୫୦୦ ଟଙ୍କା ଭତ୍ତା ଦେଇନପାରିବା ସହ ତୃଣମୂଳସ୍ତରରେ ଭିତ୍ତିଭୂମି ବିକାଶରେ ମନ୍ଥରତା କାରଣରୁ ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚିତ ହେବାକୁ ପଡୁଛି। ସେହିପରି ରାଜ୍ୟ ସରକାର ଘୋଷଣା କରିଥିବା ଅନ୍ୟ ଯୋଜନା ଗୁଡ଼ିକ ମଧ୍ୟ ସଫଳତାର ସହ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ସାଧାରଣରେ ବଢୁଥିବା ଜନଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସରକାର ବଜେଟରେ ସାଧାରଣ ଲୋକଙ୍କ ପାଇଁ ନୂଆ କିଛି ଯୋଜନା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି।

### ଅବସରର ୨୦ ବର୍ଷ...

ଅଧିକାରୀଙ୍କ ଲାଗି ଏବେ ସେଭଳି କୌଣସି ନିୟମ ନାହିଁ। କାର୍ଯ୍ୟରତ ଅଧିକାରୀ ଏବଂ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଲାଗି ପୁସ୍ତକ ପ୍ରକାଶନ ବିଭିନ୍ନ ପକାର ବ୍ୟବସ୍ଥା ରହିଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାକୁ ଗୋଟିଏ ପ୍ରକାର ଗାଇଡଲାଇନ୍ସରେ ପରିଣତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ନରବାଣେଙ୍କ ଏକ ଅପ୍ରକାଶିତ ପୁସ୍ତକକୁ ନେଇ ବିବାଦ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଯଦି ସରକାର ୨୦ ବର୍ଷର କଟକଣା ଲାଗୁ କରନ୍ତି, ତେବେ କୌଣସି ବି ଅଧିକାରୀ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ନିଜର ଚାକିରି କାଳ ସମ୍ବନ୍ଧୀୟ କୌଣସି ଅନୁଭୂତି ବା ତଥ୍ୟ ପୁସ୍ତକ ଆକାରରେ ଲେଖିପାରିବେ ନାହିଁ। ଏହାର ଲକ୍ଷ୍ୟ ହେଉଛି ସାମରିକ ଓ ରଣନୈତିକ ଗୋପନୀୟତା ବଜାୟ ରଖିବା। ୨୦୨୦ରୁ ୨୦୨୪ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୩୫ଟି ପୁସ୍ତକକୁ ଅନୁମତି ଦେଇଥିବା ବେଳେ ଜେନେରାଲ ନରବାଣେଙ୍କ ପୁସ୍ତକ ଏବେ ବି ବିଚାରାଧୀନ ଅଛି। ସୂଚନାଯୋଗ୍ୟ ଯେ, ନରବାଣେଙ୍କ ଆତ୍ମଜୀବନୀ 'ଫୋର ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ମୁଖ୍ୟତଃ ୩ଟି କାରଣରୁ ବିବାଦ ଦେଖାଦେଇଛି। ସେହି କାରଣଗୁଡ଼ିକ ହେଲା, ରାଜନୈତିକ ବିବାଦ, ସମ୍ବେଦନଶୀଳ ସୂଚନା ଓ ସରକାରୀ ନିର୍ଦ୍ଦେଶର ବିରୁଦ୍ଧାଚରଣ। ଏହି ପୁସ୍ତକରେ ୨୦୨୦ ଭାରତ- ଚୀନ୍ ସୀମା ବିବାଦ, ଗଲୱାନ ଘଟଣା ଓ ଅଗ୍ନିପଥ ଯୋଜନା ବିଷୟରେ ଉଲ୍ଲେଖ ରହିଛି ଓ ଏହାକୁ ନେଇ ବିବାଦ, ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ପୁସ୍ତକ ପ୍ରକାଶନ ପାଇଁ 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍' ସରକାରଙ୍କ ଅନୁମତି ଲୋଡ଼ିଛି। ତେବେ ଏହା ସରକାରଙ୍କର ବିଚାରାଧୀନ ଥିବା ବେଳେ ଉକ୍ତ ପୁସ୍ତକ ବଜାରରେ ଉପଲବ୍ଧ ହେଉଛି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହେବାରୁ ସରକାର ଏହାର ତଦନ୍ତ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମଧ୍ୟ ଏଫ୍ଆଇଆର ଦାଖଲ କରିବା ପରେ ଯାଞ୍ଚ ଆରମ୍ଭ କରିଛି।

### ଲକ୍ଷେ କୋଟିର...

ସ୍ଥିର, ଉତ୍ପାଦକ, ସମାବେଶୀ ଏବଂ ଜଳବାୟୁ-ପ୍ରତିରୋଧୀ ସହର ନିର୍ମାଣ ଏହି ପାଣ୍ଠିର ଲକ୍ଷ୍ୟ। ଏହି ପାଣ୍ଠି ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ୨୦୩୩-୩୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରିତ କରାଯିବ। ଏହା ସହରଗୁଡ଼ିକୁ ବିକାଶର କେନ୍ଦ୍ର କରିବା ସହିତ ସେଗୁଡ଼ିକର ସୃଜନଶୀଳ ପୁନର୍ବିକାଶ ଏବଂ ଜଳ ଓ ପରିମଳ ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସହାୟକ ହେବ। ପ୍ରକଳ୍ପ ପାଣ୍ଠିର ଅତି କମରେ ୫୦ ପ୍ରତିଶତ ବଜାର ଉତ୍ସରୁ ସଂଗ୍ରହ କରାଯିବା ଆବଶ୍ୟକ, ଯେଉଁଥିରେ ପୌର ବଣ୍ଡ, ବ୍ୟାଙ୍କ ଋଣ ଏବଂ ସରକାରୀ-ଘରୋଇ ସହଭାଗୀତା (ପିପିପି) ଅନ୍ତର୍ଭୁକ୍ତ। ଅବଶିଷ୍ଟ ଅଂଶ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା କିମ୍ବା ଅନ୍ୟାନ୍ୟ ଉତ୍ସ ଦ୍ୱାରା ଯୋଗାଇ ଦିଆଯାଇପାରେ। ସହରାଞ୍ଚଳ ଶାସନ, ବଜାର ଏବଂ ଆର୍ଥିକ ବ୍ୟବସ୍ଥା, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସହରାଞ୍ଚଳ ଯୋଜନାର ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ୟୁସିଏଫରେ ୫, ୦୦୦ କୋଟି ଟଙ୍କାର ଏକ ସମର୍ପିତ ପାଣ୍ଠି ରହିଛି। ଏହା ୪, ୨୨୩ ସହରଗୁଡ଼ିକର ଋଣଯୋଗ୍ୟତାକୁ ବୃଦ୍ଧି କରିବ। ଛୋଟ ସହର ପାଇଁ ଋଣ ପରିଶୋଧର ଗ୍ୟାରେଣ୍ଟି ମଧ୍ୟ ରହିଛି। ଉତ୍ତର-ପୂର୍ବ ଏବଂ ପାହାଡିଆ ରାଜ୍ୟର ସମସ୍ତ ସହର/ସହରୀ ପ୍ରଶାସନିକ ସଂସ୍ଥା (ୟୁଏଲବି) ଏବଂ ଅନ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଛୋଟ ୟୁଏଲବି (୧୦୦, ୦୦୦ରୁ କମ ଜନସଂଖ୍ୟା) ପାଇଁ ବଜାର ଆର୍ଥିକ ସହାୟତା ପାଇଁ ପ୍ରଥମ ଥର ୫, ୦୦୦ କୋଟି ଟଙ୍କାର ଋଣ ପରିଶୋଧ ଗ୍ୟାରେଣ୍ଟି ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ପ୍ରଥମ ଥର ଋଣ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ କିମ୍ବା ଋଣ ପରିମାଣର ୭୦ ପ୍ରତିଶତ (ଯାହା କମ୍) କେନ୍ଦ୍ରୀୟ ଗ୍ୟାରେଣ୍ଟି ପ୍ରଦାନ କରିବ। ପ୍ରଥମ ଋଣର ସଫଳ ପରିଶୋଧ ପରେ ୭ କୋଟି ଟଙ୍କା କିମ୍ବା ଋଣ ପରିମାଣର ୫୦ ପ୍ରତିଶତ (ଯାହା କମ୍) କେନ୍ଦ୍ରୀୟ ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଏହା ସର୍ବନିମ୍ନ ୨୦ କୋଟି ଟଙ୍କା ଏବଂ ପରବର୍ତ୍ତୀ ୨୮ କୋଟି ଟଙ୍କା ପର୍ଯ୍ୟନ୍ତ ଛୋଟ ସହରଗୁଡ଼ିକରେ ପ୍ରଥମ ଥର ପାଇଁ ପ୍ରକଳ୍ପଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସମର୍ଥନ କରିବ।

### ବୃନ୍ଦାବନରୁ ଧରାହେଲା...

ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ହେଁ ସଫଳତା ମିଳି ନଥିଲା। ତେବେ ୧୫ ଦିନ ତଳେ ମଧୁକାନ୍ତ ବୃନ୍ଦାବନର ଏକ ମଠରେ କେୟାରଟେକର୍ ଭାବେ କାମ କରୁଥିବା ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତେଣୁ, ପୁଲିସ ତାକୁ ଧରିବାକୁ ଜାଲ ବିଛାଇଥିଲା। ଜଣେ ପୁଲିସ ଅଧିକାରୀ ଛଦ୍ମବେଶରେ ନିକଟସ୍ଥ ଏକ ମଠ ଭୋଜନାଳୟରେ କାମ କରିଥିଲେ। ସେଠାରେ ଲୋକଙ୍କ ସହ ମିଳାମିଶା କରିଥିଲେ। ପରେ ମଧୁକାନ୍ତ ରହୁଥିବା ମଠରେ ଚାକିରି କରିବାକୁ ଯୋଗାଯୋଗ କରିଥିଲେ। ଏଥିରେ ମଠ କର୍ମଚାରୀ ବି ରାଜି ହୋଇଯାଇଥିଲେ। ଛଦ୍ମବେଶରେ ଥିବା ପୁଲିସ କର୍ମଚାରୀଙ୍କୁ ମଧୁକାନ୍ତ ତାର ମଠକୁ ନେବା ପାଇଁ ଆସିଲା ବେଳେ ପୁଲିସ ତାକୁ ଚାରିଆଡୁ ଘେରିଯାଇଥିଲା। ମଧୁକାନ୍ତକୁ ପୁଲିସ ଗିରଫ କରି ଓଡ଼ିଶା ଆଣିଛି। ତାକୁ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଆଣିବାକୁ କମିସନରେଟ୍ ପୁଲିସ ଯୋଜନା କରିଛି।

### ଚୋର ସନ୍ଦେହରେ...

ସେଠାକୁ ଧାଇଁ ଆସିବାରୁ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଦୁର୍ବୃତ୍ତମାନେ କାର୍‌ରେ ଖସି ପଳାଉଥିବା ବେଳେ ସେମାନଙ୍କ ମଧ୍ୟରୁ ବେଣୁଧରକୁ ଗାଁଲୋକେ ଧରିପକାଇଥିଲେ। ପରେ ତାଙ୍କୁ ଗାଁ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତିସାରା ନିସ୍ତୁକ ମାଡ଼ ମାରିଥିଲେ। ଶନିବାର ଭୋର୍‌ରେ ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷ ଏନେଇ ସୂଚନା ଦେବା ପରେ ଭଞ୍ଜନଗର ପୁଲିସ ଗାଁରୁ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଉଠାଇ ନେଇଥିଲା। ଏବେ ବି ସାର୍ଦ୍ଦୁଳ ଗାଁରେ ପୁଲିସ ପଇଁତରା ମାରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ତଥ୍ୟ ଓ ରକ୍ତନମୁନା ସଂଗ୍ରହ କରିଛି। ମୃତ ବେଣୁଧର ନାଁରେ ପୂର୍ବରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ସିନ୍ଧିଚୋରି ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ, ଏସ୍‌ଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା, ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ସମେତ ୪ ଜଣ ଇନ୍ସପେକ୍ଟର, ବହୁ ସବ୍ ଇନ୍ସପେକ୍ଟର, ପୁଲିସ କର୍ମଚାରୀଙ୍କ ସମେତ ଓଏସ୍ଏସ୍ଏପି ବାହିନୀ ଗାଁରେ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଏସ୍‌ପି ରଞ୍ଜନ କୁମାର ଦେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ବିସ୍ତୃତ ବିବରଣୀ ରଖିଛନ୍ତି।

### ହଟିଲା ଭେଦଭାବର...

ବି ଗ୍ରହଣ କରୁ ନ ଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଗତକାଲି ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହାପରେ ଆଜି(ଶନିବାର) ରାଜ୍ୟ ମହିଳା କମିସନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲ୍ଲାପାଳ, ଏସ୍‌ପି ଓ ଅନ୍ୟ ପଦଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଜିଲ୍ଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ନୂଆଗାଁରେ ପହଞ୍ଚିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁରେ ଜାତିଭେଦ ଦୂର କରିବା ଉପରେ ପର୍ଯ୍ୟବସିତ ପାଲା ପରିବେଷଣ କରାଯାଇଥିଲା। ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମହିଳା କମିସନ ସଦସ୍ୟାଙ୍କ ଯାଏଁ ସମସ୍ତେ ଘରକୁ ଘର ବୁଲି ଲୋକଙ୍କୁ ଡାକିଥିଲେ। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହିତ ପ୍ରଶାସନର ବୈଠକ ବସିଥିଲା। ତେବେ ବୈଠକରେ ଗ୍ରାମବାସୀ ପଥରବନ୍ଧ ନ ଥିବାରୁ ନଦୀର ଜୁଆର ପାଣି ଗାଁକୁ ମାଡି ଆସିବା, ଗାଁରେ ରାସ୍ତା ନଥିବା, ଅଙ୍ଗନବାଡ଼ିର ନିଜସ୍ୱ ଘର ନ ଥିବା, ବାର୍ଦ୍ଧକ୍ୟ ଭତ୍ତା ନ ମିଳୁ ଥିବା ଆଦି ଅଭିଯୋଗ ଉଠାଇ ଜାତିଭେଦ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ପ୍ରଶାସନ ସେମାନଙ୍କ ଦାବି ନ ଶୁଣିବାରୁ ସେମାନେ ପିଲାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ନ ଛାଡ଼ିବା ଭଳି ପଦକ୍ଷେପ ନେଇଥିବା କହିଥିଲେ। ଶେଷରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରଶାସନ ପତିଶ୍ରୁତି ଦେବା ପରେ ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ଏହାପରେ ଅଙ୍ଗନବାଡି ସହାୟିକା ଶର୍ମିଷ୍ଠା ସେଠୀ ରୋଷେଇ କରିବା ପରେ ପ୍ରଶାସନିକ ଅଧିକାରୀ ଓ ଗାଁର ଦୁଇ ଜଣ ମୁରବୀ ଖାଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କହିଛନ୍ତି, ଆଲୋଚନା ସମ୍ପୂର୍ଣ୍ଣ ସଫଳ ହୋଇଛି। ଗାଁ ଲୋକଙ୍କର କିଛି ପୁଞ୍ଜିଭୂତ ଅସନ୍ତୋଷ ଥିଲା, ତାହା ନିଶ୍ଚିନ୍ତ ଭାବେ ଦୂର କରିବାକୁ ଚେଷ୍ଟା କରାଯିବ। ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି କହିବା ସହ ଘଟଣା ଲୋକଲୋଚନାକୁ ଆଣିଥିବାରୁ ଗଣମାଧ୍ୟମକୁ ଧନ୍ୟବାଦ ଦେଇଥିଲେ।

## ରେଡିଓ ପ୍ରସାରକମାନଙ୍କ ପାଇଁ ନିର୍ବାଚନ ସଚେତନତା ଦକ୍ଷତା ବୃଦ୍ଧି କର୍ମଶାଳା

# ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ



**ଭୁବନେଶ୍ୱର, ୧୪।୨ (ସମିସ):** ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ ବୋଲି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ କହିଛନ୍ତି। ଦ ସୋସିଓଜେନିକ୍ ଫାଉଣ୍ଡେସନ୍ ଏବଂ ଆଉଟରିଚ୍ ପକ୍ଷରୁ ଆୟୋଜିତ 'ରେଡିଓ ପ୍ରସାରକମାନଙ୍କ ପାଇଁ ଏକ ରାଜ୍ୟ ସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର.ଏସ୍. ଗୋପାଳନ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍ଆଇଆର୍) ଉପରେ ଗୁରୁତ୍ୱାରୋପ କରି ୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜିକୃତ କରିପାରିବେ, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବିଷୟରେ ସଚେତନ କରିବା ସହ କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଶ୍ରୀ ଗୋପାଳନ ପରାମର୍ଶ ଦେଇଥିଲେ।

ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ ଶନିବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡ଼ିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କହିଛନ୍ତି। ତେଣୁ ରେଡ଼ିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ କର୍ମଶାଳାରେ ଆଲୋଚନା କରାଯାଇଥିଲା।

# ଆରମ୍ଭ ହେଲା 'ଅପରେସନ୍ ସାଇବର କବଚ'

**କଟକ,୧୪।୨(ସମିସ):** ସାଇବର୍ ସୁରକ୍ଷାକୁ ସୁଦୃଢ଼ ଏବଂ ସଂଗଠିତ କରାଯିବା ସହ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ସାଇବର କବଚ' ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇବର୍ ଠକେଇ ପାଇଁ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଓ ଜାଲ୍ ସିମ୍ କାର୍ଡର କାରବାରକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ଇଣ୍ଡିଆନ ସାଇବର୍ କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର୍‌ର ତଥ୍ୟ ଓ ଗୁଇନ୍ଦା ଆଧାରରେ ଏହି ଅଭିଯାନ ପରିଚାଳିତ ହେଉଛି। ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ କମିଶନରେଟ ପୁଲିସ ଡିସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି।

**ଏସପି ଓ ଡିସିପିଙ୍କ ନେତୃତ୍ୱରେ ଟାସ୍କଫୋର୍ସ**

ପ୍ରକାଶଥାଉକି, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗତ ୧୧ ଫେବ୍ରୁଆରିରେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରିଥିଲେ। ସେହି ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ପୁଲିସ ଏକ ବଡ଼ ସାଇବର ଅପରାଧକୁ ପର୍ଦ୍ଦାଫାସ କରିଛି। ବିଭିନ୍ନ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ୫ କୋଟିରୁ ଅଧିକ ଟଙ୍କା ଠକେଇ ଘଟଣାରେ ୨ଜଣ ସାଇବର ଅପରାଧୀଙ୍କୁ ପୁଲିସ ଗିରଫ କରିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ସାଇବର ଠକେଇ ସମ୍ପର୍କିତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର ମାମଲାରେ ଏକ ମାମଲା ରୁଜୁ କରାଯାଇ ୪ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ସେମାନଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଛି। ନକଲି ପରିଚୟପତ୍ର ବ୍ୟବହାର କରି ବଲ୍କ ସିମ୍‌କାର୍ଡ ବିକ୍ରି କରୁଥିବା ଅପରେଟର୍‌ମାନଙ୍କୁ ଚିହ୍ନଟ କରି ଗିରଫ କରାଯିବ। ସାଇବର ଅପରାଧୀମାନଙ୍କ ଟଙ୍କା ଉଠାଣ ସମ୍ପର୍କିତ ହଟସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରି ନିୟନ୍ତ୍ରଣ କରାଯିବ। ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟ ତଦନ୍ତ ପାଇଁ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସଂସ୍ଥା ସହ ଉତ୍ତମ ସମନ୍ୱୟ ରଖାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।


**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, on dated-13/02/2026. I, **Chermen Bag** (new name), S/o Hamid Bag, permanent & current resident of AT: Palsapada, Jamkani, PO: Bankel, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Teramen Bag** to **Chermen Bag.** Henceforth, I shall be known as **Chermen Bag** (new name) for all future purposes.

**Chermen Bag**

**AFFIDAVIT**

By virtue of an affidavit no 55 before the **Executive Magistrate, Bhubaneswar, dtd.03.02.2026**, I Mohammad Sadre Alam, resident of Plot No. 187/470, Azad Nagar, Kochilaput, Lane No. 2, Bhubaneswar, Dist- Khordha-751002, do hereby declare that I have changed my name from **Sadre Alam Mohammad to Mohammad Sadre Alam.** Henceforth I shall be known as **Mohammad Sadre Alam** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhawanipatna, Kalahandi on dated 04/02/2026. I, Taslima Firdous present resident of Gosal pada, At/PO:- Bhawanipatna, P.S.- Bhawanipatna Town Dist.:- Kalahandi, Odisha declare that I have changed my name from TASLIMA FIRDOUS to DIBYANI PATRA. Henceforth, I shall be known as **DIBYANI PATRA** for all purposes.

**DIBYANI PATRA**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-13/02/2026. I, **Amit Tandi** (new name), S/o Bhala Tandi, permanent & current resident of AT: Tupaudar, PO: Totopara, PS: Muribahal, Dist: Balangir, State: Odisha, PIN: 767033 declare that I have changed my name from **Amrit Tandi** to **Amit Tandi.** Henceforth, I shall be known as **Amit Tandi** (new name) for all future purposes.

**Amit Tandi**

**OFFICE OF THE MUNICIPAL COUNCIL, TALCHER**
**'e' – Procurement Notice**
13001/253/2526
Tender Reference No. TCRM-13/2025-26
Bid Identification No. 2026_ORULB_125906
No. 536/ Dt. 11.02.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 1 No. |
| 3) | Estimated Cost | :- | Rs. 19.96 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.12.02.2026 at 4.00 PM |
| 6) | Last date & time for receipt of Bid in the portal | :- | dt.21.02.2026 at 5.00 PM |
| 7) | Date of Opening Bid | :- | dt.23.02.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

OIPR-13001/13077/1/25-26/0015

Executive Officer
Talcher Municipality

**Government of Odisha "e" procurement Notice**
34001/79/2526
OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail* – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/42/2025-26

1. Name of the work :- 1. PROVISION OF LIFT MACHINE AT NEWLY CONSTRUCTED CCE OFFICE RW CIRCLE OFFICE KEONJHAR FOR THE YEAR 2025-26" 2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost :- 1. Rs.16,62,694/- 2. Rs.8,05,024/-
3. Availability of bid document in the website. :- 11.30 Hours of 17.02.2026 to 17:00 Hours of 27.02.2026
4. Date of Opening of Tenders :- 11:30 Hours on dt. 02.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

OIPR-34001/34175/1/25-26/0001

Executive Engineer
R.W Electrical Division Sambalpur

25001/169/2526
E.Mail – rw_sundargarh@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E-PROCUREMENT NOTICE
**BID IDENTIFICATION NO. ONLINE-SESNG-27 of 2025-26**

1. Name of the Work :- Road Work
2. Total No. of works :- 2 no Road
3. Estimated cost :- From Rs.45.91 Lakhs to Rs.46.61 Lakhs
4. Class of contractor :- Only 'B'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh. | Online-SESNG-27 of 2025-26 | 18.02.2026 11.00 A.M | 26.02.2026 5.00 P.M |

Further details can be seen from the website www.tendersorissa.gov.in

OIPR-25001/25046/1/25-26/0004

Executive Engineer
Rural Works Division, Sundargarh

**"e" PROCUREMENT NOTICE**
**JAJPUR MUNICIPALITY: JAJPUR**
13001/235/2526
Tender Call Notice No.: 488Date: 13.02.26

Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. www.tendersodisha.gov.in
1. Name of work : wall arts different places
2. No. of works : 2 (Two) Nos.
3. Bid Value : Rs. 845457/- to 847458/-
4. Bid Id : JM-08/2025-26
5. Tender Id : 2026_ORULB_125978_01 & 2026_ORULB_125978_2
6. Period of Completion : 60 Days
7. Date of availability of Bid documents in the portal :From 05.00 P.M of Dt. 14.02.2026 to 24.02.2026 up to 5.00 P.M
8. Last Date for receipt of Bids in the portal :Dt. 24.02.2026 up to 5.00 P.M
9. Bids received online shall be opened on :Dt. 27.02.2026 at 11.00 A.M
10. Name & address of the officer inviting Bid :Executive Officer, Jajpur Municipality.

All other terms and conditions are available in the DTCN & BOQ uploaded in the above website.

OIPR-13001/13171/1/25-26/0001

Executive Officer,
Jajpur Municipality

WORKS DEPARTMENT
34001/67/2526
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E. 80 /2025-26

1. Number of works - Road, Building and electric works
2. Approximate estimated cost: - 2.26 lakh to 67.77 lakh
3. Period of Completion :- 01 (One) & 02 (two) Calendar Months
4. Date & Time of availability of bid documents in the portal:- Dt. 19.02.2026 to 05.03.2026
5. Last Date / Time of receipt of bid in the portal :- Dt. 05.03.2026 up to 5.00 PM
6. Date of Opening of bid:- Dt. 06.03.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

OIPR-34001/34025/1/25-26/0001

Sd/- R.G Ray
Superintending Engineer
Mayurbhanj (R&B) Division

## ରାସ୍ତା କଡ଼ ପାହାଡ଼ରେ ଧକ୍କାହେଲା ବସ୍
# ୩୩ ଯାତ୍ରୀ ଆହତ, ୨ ଗୁରୁତର





ମୋହନା,୧୪।୨(ସମିସ)

ଗଜପତି ଜିଲ୍ଲା ମୋହନା ଥାନା ଚାନ୍ଦିପୁଟ କଲେଜ ନିକଟରେ ଘଟିଛି ମାର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଯାତ୍ରୀବାହୀ ବସ ଅନ୍ୟ ଏକ ବସକୁ ଓଭରଟେକ କରିବାକୁ ଯାଇ ରାସ୍ତାକଡ଼ ପାହାଡ଼କୁ ଧକ୍କା ଦେଇଥିଲା। ଏଥିରେ ବସରେ ଥିବା ୩୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨୨ ଜଣ ମହିଳା ଓ ୭ ଜଣ ଶିଶୁ ଅଛନ୍ତି। ଖବର ପାଇ ସ୍ଥାନୀୟ ଲୋକ, ମୋହନା ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମୋହନା ଓ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩ ଓ ମୋହନାରେ ୧୨ ଜଣଙ୍କୁ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ୨ ଜଣ ଗୁରୁତରଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରୁ ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତର କରାଯାଇଥିବା ଡା.ଜିତେନ୍ଦ୍ର ପ୍ରସାଦ ଦାସ କହିଛନ୍ତି। ଦୁଇ ଗୁରୁତର ଆହତ ହେଲେ ଗଞ୍ଜାମ ଜିଲ୍ଲା ଖଣ୍ଡଦେଉଳି ଗାଁର କନକ ବେହେରା (୫୫) ଓ ବାରିଗାଁର ରତ୍ନା ମଲ୍ଲିକ (୪୫)। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଶନିବାର ଅପରାହ୍ଣ ପ୍ରାୟ ସାଢେ ୨ ଟାରେ ବିକ୍ରାନ୍ତ ନାମକ ଏକ ଘରୋଇ ବସ ରା.ଉଦୟଗିରିରୁ ବ୍ରହ୍ମପୁର ଯାଉଥିଲା। ସେହି ସମୟରେ ଅନ୍ୟ ଏକ ଯାତ୍ରୀବାହୀ ବସ ରାମଗିରିରୁ ବ୍ରହ୍ମପୁର ଯାଉଥିଲା। ଉଭୟ ଯାତ୍ରୀବାହୀ ବସ ଦ୍ରୁତ ଗତିରେ ଯାଉଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ଚାନ୍ଦିପୁଟ କଲେଜ ନିକଟରେ ଏକ ବୁଲାଣିରେ ବିକ୍ରାନ୍ତ ବସ ଓଭର ଟେକ କରି ଯିବାବେଳେ ଭାରସାମ୍ୟ ହରାଇ ଡାହାଣ ପଟରେ ଥିବା ଏକ ପାହାଡ଼କୁ ଧକ୍କା ଦେଇଥିଲା। ବସରେ ପ୍ରାୟ ୬୦ରୁ ଅଧିକ ଯାତ୍ରୀ ଥିବାବେଳେ ୩୫ ଜଣ ଆହତ ହୋଇଛନ୍ତି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ମୋହନା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ବସନ୍ତ ସେଠୀ କହିଛନ୍ତି।

## ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି
# ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ଜଳିଲା ସ୍ମୃତିର ପ୍ରଦୀପ



ଟିକାବାଲି,୧୪।୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ସହିଦ ଦିବସ ପାଳିତ ହୋଇଛି। ୟୁଥ୍ ୱାରୀୟର ଯୁବ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶତାଧିକ ଯୁବକ ଯୋଗ ଦେଇ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ଅମର ସହିଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟିକାବାଲି ସରପଞ୍ଚ କୁନ୍ଦୁରୁ ମଲ୍ଲିକ ଏବଂ ଅତିଥି ସହିଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦୀପ ଓ ମହମବତୀ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଦେଶ ପାଇଁ ଯବାନଙ୍କ ବଳିଦାନକୁ ମନେ ପକାଇ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ କନ୍ଧମାଳର ପ୍ରସିଦ୍ଧ ଗାୟକ ସୁକମନୀ ଦିଗାଲ, ଅରବିନ୍ଦ ମହାପାତ୍ର, ଲିଙ୍ଗରାଜ ନାୟକ, ସୁଜିତ କୁମାର ଦାଶ, ସିଆରସିସି ଜୟପ୍ରକାଶ ପାତ୍ର, ବିଷ୍ଣୁପ୍ରସାଦ ହୋତା, ରବିନାରାୟଣ ସାହୁ, ପୁରୁଷୋତ୍ତମ ଦିଗାଳ, ଦେବାଶିଷ ସାମନ୍ତରାୟ, ତପନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ଡିଗାଲ ଏବଂ ପ୍ରଶାନ୍ତ ଦିଗାଲ ଉପସ୍ଥିତ ରହି ସହିଦଙ୍କ ବୀରତ୍ୱ ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ୟୁଥ୍ ୱାରିୟର ସଂଗଠନର କର୍ମକର୍ତ୍ତା ଓ ଅନ୍ୟାନ୍ୟ ଯୁବଗୋଷ୍ଠୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶପ୍ରେମର ବାର୍ତ୍ତା ପ୍ରସାର କରାଯାଇଥିଲା। ଶେଷରେ ଭାରତ ମାତା କି ଜୟ ଏବଂ ସହିଦ ଯବାନ ଅମର ରହେ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା।

## ● ଚତୁର୍ଥ ଦିନରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ
# ୩ ଡାକ୍ତରଖାନାକୁ ମିଳିବ ଅଲଟ୍ରାସାଉଣ୍ଡ ମେସିନ




ବ୍ରହ୍ମପୁର,୧୪।୨(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଚତୁର୍ଥ ଦିନରେ ପହଞ୍ଚିଛି। ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଯୋଗଦେଇ ସ୍ୱାସ୍ଥ୍ୟ ମହୋତ୍ସବର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ବେଲେଗୁଣ୍ଠା, କବିସୂର୍ଯ୍ୟନଗର ଓ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାଂସଦ ପାଣ୍ଠିରୁ ଗୋଟିଏ ଲେଖାଏଁ ଅଲଟ୍ରାସାଉଣ୍ଡ ମେସିନ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବି. ସତ୍ୟନାରାୟଣ, ଡିପିଏମ୍ ବୁଲୁନଥା ସାହୁ, ଡା. ସାଗର ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶନିବାର ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ମୋଟ ୬୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଏମ୍‌କେସିଜି ମେଡିକାଲ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରିଥିବା ବିଭିନ୍ନ ଅନୁଷ୍ଠାନର କଳାକାରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼ ଉପ ସଭାପତି ଯଜ୍ଞ ନାରାୟଣ ଦାସ, ସଂଗଠନ ସମ୍ପାଦକ ସିତାଂସୁ ପଣ୍ଡା, ଡା. କିରଣ କୁମାର ପାଣିଗ୍ରାହୀ, ସମିତ ସାବତ, ନବୀନ ମହାପାତ୍ର, ମନୋଜ ପତି ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୀତବାସ ହତ୍ୟା ମାମଲା
# ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସାକୁ ନେଇ ଦ୍ୱନ୍ଦ୍ୱ!

ବ୍ରହ୍ମପୁର,୧୪।୨(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଗଲ ବ୍ଲାଡର ଷ୍ଟୋନ, ପାଇଲ୍‌ସ ଓ ଦାନ୍ତ ରୋଗ ସହିତ ଗୋଡ଼ରେ ଯନ୍ତ୍ରଣା ଭଳି ଏକାଧିକ ରୋଗରେ ପୀଡ଼ିତ ବିକ୍ରମଙ୍କ ଉତ୍ତମ ଚିକିତ୍ସା ଓ ତର୍ଜମା ପାଇଁ ସ୍ୱତନ୍ତ୍ର ଭାବେ ୬ଜଣିଆ ଡାକ୍ତରୀ ଟିମ୍ ଗଠିତ ହୋଇଛି। ଯାହାର ମୁଖ୍ୟ ହେଉଛନ୍ତି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ। ଟିମର ପରାମର୍ଶ କ୍ରମେ ବିକ୍ରମ ପଣ୍ଡାଙ୍କ ବିଭିନ୍ନ ପରୀକ୍ଷା କରାଯାଇଛି। ପୂର୍ବରୁ ଏମଆରଆଇ, ଅଲଟ୍ରା ସାଉଣ୍ଡ, ସିଟି ସ୍କାନ ଓ ଏକ୍ସ-ରେ କରାଯାଇ ବିଭିନ୍ନ ରୋଗର ନିଦାନ କରାଯାଇଛି। ତେବେ ମଳକଣ୍ଟକ ଓ ଅର୍ଶ ରୋଗର ନିଦାନ ପାଇଁ କୋଲୋନୋସ୍କୋପି ପରୀକ୍ଷା ଯଦିଓ ପୂର୍ବରୁ ଡାକ୍ତର ପରାମର୍ଶ ଦେଇଥିଲେ ତେବେ ବର୍ତ୍ତମାନ ପରିସ୍ଥିତିରେ କରିବା ଅଧିକ ଯନ୍ତ୍ରଣାଦାୟକ ଓ ଏକ ରକମର ଅସମ୍ଭବ। ଏଣୁ ଏଥିପାଇଁ ବିକ୍ରମ ସହମତି ପ୍ରକାଶ ନକରିବାରୁ କଲୋନୋସ୍କୋପି ପରୀକ୍ଷା ନିଷ୍ପତ୍ତିରୁ ଡାକ୍ତରୀ ଟିମ ଓହରି ଯାଇଥିବା ଜଣାପଡ଼ିଛି। ତେବେ ଆଜି ସନ୍ଧ୍ୟାରେ ବିକ୍ରମଙ୍କ ସ୍ୱତନ୍ତ୍ର ପରୀକ୍ଷା କରାଯାଇ ମଳଦ୍ୱାରରେ ଉଭୟ ଅର୍ଶ ଓ ମଳକଣ୍ଟକ ରୋଗ ଥିବା ସ୍ପଷ୍ଟ କରିଛନ୍ତି ଡାକ୍ତରୀ ଟିମ। ଯେଉଁଥିପାଇଁ ଆବଶ୍ୟକ ଆଣ୍ଟିବାୟୋଟିକ ସହିତ ମଲମ ଲଗାଇବାକୁ ଦିଆଯାଇଛି। ଅପରପକ୍ଷେ ଡାକ୍ତରଖାନାରେ ଥିବା ସତ୍ତ୍ୱେ ବିକ୍ରମଙ୍କୁ ଜେଲ ଖାଦ୍ୟ ଦିଆଯାଉଥିଲା। ତାଙ୍କର ମଳକଣ୍ଟକ,

- ଚାପରେ ତରବରିଆ ନିଷ୍ପତ୍ତି ନିଆଯାଉଥିବା ଅଭିଯୋଗ
- ଏବେ 'କଲୋନୋସ୍କୋପି' କରିବା ସମ୍ଭବପର ନୁହେଁ : ଡାକ୍ତର
- 'ମଳକଣ୍ଟକ ଓ ଅର୍ଶ' ଚିହ୍ନଟ ପରେ ହସ୍ପିଟାଲ ଖାଦ୍ୟ ଦେବାକୁ ପରାମର୍ଶ

ଅର୍ଶ ଓ ଗଲ ବ୍ଲାଡର ଷ୍ଟୋନ ଚିହ୍ନଟ ପରେ ତାଙ୍କୁ ଜେଲ ଖାଦ୍ୟ ପରିବର୍ତ୍ତେ ହସ୍ପିଟାଲ ଖାଦ୍ୟ ଯୋଗାଇବା ସହ ପଥ୍ୟରେ ରହିବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡିଛି। ଡାକ୍ତରଖାନାରେ ଲାପ୍ରୋସ୍କୋପି ଜରିଆରେ ଉଭୟ ମଳକଣ୍ଟକ ଓ ଗଲ ବ୍ଲାଡର ଷ୍ଟୋନର ଅସ୍ତ୍ରୋପଚାର କରିବାର ସୁବିଧା ଉପଲବ୍ଧ ରହିଛି। ଏଣୁ ଡାକ୍ତରୀ ଟିମର ପରାମର୍ଶ କ୍ରମେ ଆବଶ୍ୟକତା ଅନୁଯାୟୀ ଯେକୌଣସି ମୁହୂର୍ତ୍ତରେ ବିକ୍ରମଙ୍କ ଅସ୍ତ୍ରୋପଚାର ହୋଇପାରେ ବୋଲି ସୂଚନା ମିଳିଛି। ସେପଟେ ମାମଲାର ପରବର୍ତ୍ତି ଶୁଣାଣି ଆସନ୍ତା ୧୭ ତାରିଖରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ତୃତୀୟ)ଙ୍କ କୋର୍ଟରେ ଥିବାବେଳେ ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତ୍ୱ ନଦେଇ ତରବରିଆ ନିଷ୍ପତ୍ତି ନିଆଯାଉଥିବା ଅଭିଯୋଗ କରିଛନ୍ତି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ। ଆଜି ଆଇନଜୀବୀ ଦୀପକ ପଟ୍ଟନାୟକଙ୍କ ସମେତ କପିଳେଶ୍ୱର ପଟ୍ଟନାୟକ ଓ ଶିବ ପାତ୍ର ଡାକ୍ତରଖାନାରେ ବିକ୍ରମଙ୍କ ସହ ସାକ୍ଷାତ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ନପାଇ ତାଙ୍କ ପରିବାର ବର୍ଗ ଚିନ୍ତା ପ୍ରକଟ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ' ବିକ୍ରମ ପଣ୍ଡା ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବାବେଳେ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

# କବି ବୃନ୍ଦାବନ ସୁଆରଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୧୪।୨(ସମିସ): ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଉତ୍କଳଗୌରବ କବି ବୃନ୍ଦାବନ ସୁଆରଙ୍କ ଜୟନ୍ତୀ ପାଳିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ଥାନୀୟ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ହୋଇଥିଲା। ଏହି ସମାରୋହକୁ ମୁଖ୍ୟଅତିଥି ଭାବେ ଉଦବୋଧନ ଦେଇ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. କୃଷ୍ଣପ୍ରସାଦ ମହାପାତ୍ର ବୃନ୍ଦାବନ ସୁଆରଙ୍କ ଉତ୍କଳ ଗୌରବ ଖଣ୍ଡକାବ୍ୟକୁ ଓଡ଼ିଆ ଅସ୍ମିତାର ଏକ ପ୍ରମାଣ ସିଦ୍ଧ ଗ୍ରନ୍ଥ ଭାବେ ଅଭିହିତ କରିଥିଲେ। ଅଦ୍ୟ ମାନସ ମଧ୍ୟରେ ସଭାକୁ ଉଦବୋଧନ ଦେଇଥିଲେ ମୁଖ୍ୟବକ୍ତା ଡ. କଲ୍ୟାଣୀ ମିଶ୍ର, ସାହିତ୍ୟିକ ତଥା ସମ୍ମାନିତ ଅତିଥି ଆଶାଲତା ପାଣିଗ୍ରାହୀ ଓ ପ୍ରାବନ୍ଧିକ ହର ପ୍ରସାଦ ସୁଆର। ସଭା କାର୍ଯ୍ୟକୁ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଚିତ୍ରା ନନ୍ଦ ବେବର୍ତ୍ତା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଶ୍ୱେତା ପଟ୍ଟନାୟକ, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ଓ ଶିକ୍ଷାବିତ୍ ଶଶିଭୂଷଣ ପଟ୍ଟନାୟକ ପରିଚାଳନା କରିଥିଲେ। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାଶିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ବିପ୍ଳବ ରଞ୍ଜନ ପ୍ରଧାନ, ଅର୍ଜୁନ ଜେନା, ସ୍ନେହା ବେହେରାଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ଚୌଧୁରୀ, ମୁରଲୀଧର ପରିଚ୍ଛା, ବିଷ୍ଣୁ ଚରଣ ପଣ୍ଡା, ଶ୍ୟାମ ସୁନ୍ଦର ଗନ୍ତାୟତ, ମନୋଜ କୁମାର ପଟ୍ଟନାୟକ ଓ ଭାରତଭୂଷଣ ମହାନ୍ତି ସହଯୋଗ କରିଥିଲେ।




# ଧାନମଣ୍ଡିରେ ବୁଲୁଛନ୍ତି ଗାଈଗୋରୁ

ପାରଳାଖେମୁଣ୍ଡି,୧୪।୨(ସମିସ): ଗଜପତିରେ ଗୋଟିଏ ପଟେ ସରକାରଙ୍କ ଚାଷଭିତ୍ତିକ କୌଣସି ଯୋଜନାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚିପାରୁନଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ଜଳସେଚନ ବ୍ୟବସ୍ଥାଠୁ ଆରମ୍ଭ କରି ବିହନ, ସାର, ବିଭିନ୍ନ କୃଷି ଉପକରଣ ଓ ଅଖା ମଧ୍ୟ ଉପଯୁକ୍ତ ସମୟରେ ମିଳୁନାହିଁ। ଏ ନେଇ ଚାଷୀ ରାସ୍ତାରୋକ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଅନେକ ନଜିର ରହିଛି। ବିଭାଗୀୟ ଅଧିକାରୀ ଚାଷୀଙ୍କୁ ଉପରୋକ୍ତ ସୁବିଧା ପହଞ୍ଚାଇବାରେ ଅଣଦେଖା କରୁଛନ୍ତି। ଏହା ସହ ସେଗୁଡିକୁ ପରିତ୍ୟକ୍ତ ଅବସ୍ଥାରେ ଏଣେ ତେଣେ ପକାଇ ରଖୁଛନ୍ତି। ସେହି କାରଣରୁ ଚାଷୀ ସରକାରଙ୍କ ଦ୍ୱାରା ଉପଲବ୍ଧ ହେଉଥିବା ସୁବିଧା ହାସଲ କରିବା ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ହନ୍ତସନ୍ତ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ପାରଳାଖେମୁଣ୍ଡି ସ୍ଥିତ ନିୟନ୍ତ୍ରିତ ବଜାର କମିଟିର କାର୍ଯ୍ୟାଳୟ ପରିସରରେ ଥିବା ଧାନମଣ୍ଡିରେ ଦେଖିବାକୁ ମିଳୁଛି। ମଣ୍ଡି ପରିସରରେ ଧାନ ବସ୍ତା ଅସୁରକ୍ଷିତ ଭାବେ ରଖାଯାଇଛି। ବର୍ତ୍ତମାନ ଖରିଫ ଧାନ କ୍ରୟ କରାଯାଉଥିବା ବେଳେ ଚାଷୀ ମଣ୍ଡିରେ ଧାନ ବିକ୍ରୟ କରୁଛନ୍ତି। ହେଲେ ଧାନମଣ୍ଡିରେ ଧାନ ରଖିବା ପରେ ତାହା ସୁରକ୍ଷିତ ନଥିବାର ଜଣାପଡିଛି। ଧାନବସ୍ତାକୁ ଗାଈଗୋରୁ ଚିରିଫାଡି ଧାନ ଖାଉଥିବା ଦେଖାଯାଉଛି। ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଧାନ ଭର୍ତ୍ତି ବସ୍ତା ଗୁଡିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାପାଇଁ ଚାଷୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏପରି ଦାୟିତ୍ୱହୀନ କାର୍ଯ୍ୟ କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଜିଲ୍ଲାପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।



# ଜିଲ୍ଲାସ୍ତରୀୟ ସାମାଜିକ ସେବା ଶିବିର

ପାରଳାଖେମୁଣ୍ଡି,୧୪।୨(ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ମହେନ୍ଦ୍ରତନୟା ଗ୍ରାମବିକାଶ ଆଶ୍ରମ ବିଦ୍ୟାଳୟ କଇଁପୁରରେ ଶିବରାତ୍ରି ଉପଲକ୍ଷେ ଭକ୍ତଙ୍କ ପାଇଁ ପ୍ରସାଦ ପ୍ରସ୍ତୁତି କରିବା ସହ ପ୍ରସିଦ୍ଧ ଶୈବ ପୀଠ ମହେନ୍ଦ୍ରଗିରିରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତାକାଲି ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ। ଗଜପତି ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିଅର ରେଡ଼କ୍ରସ ଓ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରିରେ ହଜାର ହଜାର ଭକ୍ତଙ୍କ ପାଇଁ ଜଳପାନ, ପ୍ରସାଦବଣ୍ଟନ ଓ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମ କରାଯାଉଛି। ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହେନେଗାଙ୍କ ସହ ବିଭିନ୍ନ ପ୍ରଶାସନିକ ଅଧିକାରୀ ସେଠାକୁ ଯାଇ ଏଭଳି ସାମାଜିକ ସେବାକୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିବା ସହ ମହେନ୍ଦ୍ରତନୟା ଗ୍ରାମବିକାଶ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ଜେନାଙ୍କ ସହଯୋଗରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଓ ଭାରତ ସ୍କାଉଟ ଓ ଗାଇଡ଼ ସ୍କାଉଟମାଷ୍ଟର ଓ ଗାଇଡ଼ କ୍ୟାପଟେନ ନିରନ୍ତର ପରିଶ୍ରମ କରି ହଜାର ହଜାର ଭକ୍ତଙ୍କୁ ଖେଚୁଡ଼ି ଓ ମିଠାଅନ୍ନ ବଣ୍ଟନ କରୁଛନ୍ତି। ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ସଂଜୀବ କୁମାର ଦାସ, ଜିଲ୍ଲା ସମ୍ବଳ ସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ୍, ଜିଲ୍ଲା ସମ୍ବଳ ସାଧନକର୍ମୀ ନୀତେଶ ଲେଙ୍କା, ପରାମର୍ଶଦାତା କୈଳାଶ ଶବର ଏବଂ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ର ଗାଇଡ଼ କ୍ୟାପଟେନ ଦର୍ଶିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର ପ୍ରକାଶ ଚନ୍ଦ୍ର ବର୍ଦ୍ଧନ, ସୁବ୍ରତ କୁମାର ନାୟକ, ଅମୀର କାର୍ଜୀ, ଅଭିମନ୍ୟୁ ଗମାଙ୍ଗ, ସନ୍ତୋଷ କୁମାର କଲ୍ୟାଣୀ ଯୋଗ ଦେଇ ସେବା ଶିବର ପରିଚଳାନା କରୁଛନ୍ତି। ଜିଲ୍ଲାର ବରିଷ୍ଠ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରୁଛନ୍ତି। ଶେଷରେ ପାରଳାଖେମୁଣ୍ଡି ସ୍ଥିତ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଓ ରେଡ଼କ୍ରସର ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଛନ୍ତି।

# ଲେଖିକା ସାହିତ୍ୟ ସଂସଦ ଓ ଦେବରାଜ ସାହିତ୍ୟ ସଂସଦର ସାହିତ୍ୟ ଆସର

ଗଞ୍ଜାମ,୧୪।୨(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦ ସଭାଗୃହ ଠାରେ ଅନୁଷ୍ଠିତ ଲେଖିକା ସାହିତ୍ୟ ସଂସଦ ଏବଂ ଦେବରାଜ ତ୍ରିପାଠୀ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଫାଲ୍‌ଗୁନି ସାହିତ୍ୟ ଆସର ନାଟ୍ୟକାର ଙ୍କ ଆଶୁତୋଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାହିତ୍ୟ ସଭାରେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର ବେହେରା ଯୋଗଦେଇଥିଲେ। ଆଜିର ନୂତନ ପିଢ଼ି ଏ ଉପରେ କବିତା, ଗଳ୍ପ ଲେଖିଲେ ତାହା ଆଦୃତ ହୋଇଥାଏ। ମୁଖ୍ୟ ବକ୍ତା ଭାବେ ଉତ୍କଳିକା ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ବିଜୟ ଚନ୍ଦ୍ର ମହାରଣା ଯୋଗଦେଇ ଆଜିର ସାହିତ୍ୟରେ ସମାଜକୁ ଦିଗ୍‌ଦର୍ଶନ ଦେଲା ଭଳି କବିତା ଲେଖିବା ଦରକାର ବୋଲି କହିଥିଲେ। ଅନ୍ୟତମ ଶିକ୍ଷାବିତ ଡକ୍ଟର ସୂଚନା ପାଢ଼ୀ, ଏବଂ ତାପସ ପାଣିଗ୍ରାହୀ ଯୋଗ ଦେଇଥିଲେ। ଶିକ୍ଷାବିତ କବି ଅଜିତ ସେଠୀଙ୍କ କବିତା ସଂଯୋଜନାରେ କବି ପ୍ରମୋଦ ପଣ୍ଡା, କବିୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ପଦ୍ମିନୀ ମିଶ୍ର, ଅମିତା ମିଶ୍ରଙ୍କ ସମେତ ତିରିଶରୁ ଅଧିକ କବି ଯୋଗଦେଇ କବିତା ପାଠ କରିଥିଲେ। ସମ୍ପାଦିକା ସୁଦ୍ଧାଞ୍ଜଳି ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଷ୍ଣୁପଦ ତ୍ରିପାଠୀ ଏବଂ ତ୍ରିପାଠୀ ପରିବାର ସହଯୋଗ କରିଥିଲେ।



ପୁଲଓ୍ୱାମା ସହିଦ ଦିବସ ଅବସରରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାରଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଓ ସହିଦଙ୍କ ସ୍ମୃତିଚାରଣ

# ଚିକିଟିରେ 'ପ୍ରବୋଧନ ତାଲିମ ଶିବିର' ଉଦ୍‌ଯାପିତ

ଚିକିଟି,୧୪।୨(ସମିସ): ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ପ୍ରାଥମିକ ଶିକ୍ଷା ଆଧାରିତ ବିଦ୍ୟାଳୟ ଶିକ୍ଷା ୨୦୨୫ ଓ ୨୦୨୦ ଜାତୀୟ ଶିକ୍ଷା ନୀତି ଆନୁକୂଲ୍ୟରେ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ ଶିବିରର ଅନ୍ତିମ ପର୍ଯ୍ୟାୟ ଉଦ୍‌ଯାପିତ ହୋଇଯାଇଛି। ସମୁଦାୟ ୪ଟି ପର୍ଯ୍ୟାୟରେ ୪୩୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜକବି ରାଧାମୋହନ ବିଦ୍ୟାପୀଠ, ରାଜଲକ୍ଷ୍ମୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଝାଟିପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କେଦାରନାଥ ରାଉଳ, ନରେନ୍ଦ୍ର ସାହୁ ଓ ରଞ୍ଜନ ବ୍ରହ୍ମା ପ୍ରମୁଖ ଶିକ୍ଷକମାନେ ତାଲିମ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ ଅନ୍ତିମ ଦିବସରେ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଛାତ୍ରଛାତ୍ରୀଙ୍କ ଭାଗିଦାରୀ, ଶିକ୍ଷକଙ୍କ ଦାୟିତ୍ୱ ଓ ନୂଆ ଶିକ୍ଷା ନୀତି ଅନୁସାରେ ପାଠ୍ୟ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଶିବିରରେ ଶିକ୍ଷକମାନେ ନୂତନ ପାଠ୍ୟକ୍ରମ, ମୂଲ୍ୟାୟନ ପ୍ରଣାଳୀ, ଶିକ୍ଷା ମାଧ୍ୟମରେ ନୂଆ ପଦ୍ଧତି ଓ ଡିଜିଟାଲ ଶିକ୍ଷା ବିଷୟରେ ତାଲିମ ଗ୍ରହଣ କରିଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଶିକ୍ଷକଙ୍କୁ ସଫଳ ତାଲିମ ପାଇଁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ଶିବିରାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଆର୍‌ସିସି ତ୍ରିନାଥ ମଲ୍ଲିକଙ୍କ ସମେତ ସମସ୍ତ ଏବିଇଓ ଓ ସିଆର୍‌ସିସି ସହଯୋଗ କରିଥିଲେ।

## ମହେନ୍ଦ୍ରଗିରିରେ ମହାଶିବରାତ୍ରୀ
# 'ଭୀମ ମୋତେ ବଳ ଦିଅ' ଡାକରେ କମ୍ପୁଛି ପାହାଡ଼ି ରାସ୍ତା






ରାୟଗଡ଼,୧୪।୨(ସମିସ)

ମହେନ୍ଦ୍ରଗିରିରେ ମହାଶିବରାତ୍ରୀ ଓ ଜାଗର ପୂର୍ବରୁ ଲୋକଙ୍କ ଭିଡ଼ ଜମେ ଜାଗର ଯାତ୍ରା ପାଇଁ ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ହୋଇଥିଲା ବେଳେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍‌ରେ ଥିବା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ମଧ୍ୟ ଏଥିରୁ ବାଦ୍ ପଡ଼ିନି। ବୁରୁଖତ ଠାରୁ ମହେନ୍ଦ୍ରଗିରି ପାହାଡ଼ ପ୍ରାୟ ସାତ କିଲୋମିଟର ରାସ୍ତା। ହାତରେ ଖଣ୍ଡିଏ ଖଣ୍ଡିଏ ବାଡ଼ି ମୁଣ୍ଡରେ ବ୍ୟାଗ ଧରି "ଭୀମ ମୋତେ ବଳ ଦିଅ' ଡାକ ଦେଇ ପାହାଡ଼ ଚଢୁଛନ୍ତି ଶ୍ରଦ୍ଧାଳୁ। ଭୀମଙ୍କୁ ଡାକି ପାହାଡ଼ ଚଢ଼ିଲେ ରାସ୍ତା ଶୀଘ୍ର ଅତିକ୍ରମ କରିବା ସହ ସାହସ ଓ ବଳ ଆସିଥାଏ ବୋଲି ବିଶ୍ୱାସ ରହିଛି।

ପ୍ରତିବର୍ଷ ଶିବରାତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ମହେନ୍ଦ୍ରଗିରି ଶୈବ ପୀଠରେ ଜମା ହୋଇ ମହାଶିବରାତ୍ରୀ ପାଳନ କରିଥାନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଳନ ହେଉଛି। ପ୍ରଥମ ଥର ପାଇଁ ୨୪ କୁଣ୍ଡିୟ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ଯୁଧିଷ୍ଠିର ମନ୍ଦିର ନିକଟରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ସହ ବିଭିନ୍ନ ସ୍ଥାନରେ ଏଲ୍‌ଇଡି ଟିଭି ଲଗାଯାଇଛି। ଶିବରାତ୍ରି ପୂର୍ବ ଦିନ ଠାରୁ ଜିଲ୍ଲା ଓ ବାହରରୁ ଶ୍ରଦ୍ଧାଳୁ ମହେନ୍ଦ୍ର ଶିଖର ଯିବାକୁ ଯାତ୍ରା ଆରମ୍ଭ କରିଛନ୍ତି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଖଣି, ଇସ୍ପାତ ଓ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା କରାଯାଇଛି। ମହାଶିବରାତ୍ରୀରେ ଠାକୁର ଦର୍ଶନ ସହ ସୂର୍ଯ୍ୟୋଦୟ ଦେଖିବା ପାଇଁ ଶ୍ରଦ୍ଧାଳୁ ଯାଇଥାନ୍ତି। ପ୍ରଶାସନ ତରଫରୁ ପାନୀୟଜଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଲୋକୀକରଣ, ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି। ମହେନ୍ଦ୍ରଗିରି ଠାରେ ହଜାର ହଜାର ଭକ୍ତ ମହାଶିବରାତ୍ରୀରେ ପୂର୍ବରୁ ରାତିରୁ ହିଁ ଆସି ଆସ୍ଥାନ ଜମାଇଥାନ୍ତି ଓ ବୁରଖତ ଠାରେ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ କରି ଭକ୍ତମାନଙ୍କୁ ଆପ୍ୟାୟିତ କରିବା ସହ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି।

ଦୀର୍ଘ ବର୍ଷ ପରେ ମହେନ୍ଦ୍ରଗିରି ଦର୍ଶନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗ ଆସିଥିଲେ। ଏଠାରେ ଅନେକ ପରିବର୍ତ୍ତନ ହୋଇଛି। କିନ୍ତୁ ବିକାଶ ନାମରେ କାହାର ବିନାଶ କରାନଯାଉ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଟିଡିସିସି ଓଏଲଏ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ବିଡିଓ ସନ୍ତୋଷ ବାରିକ, ସ୍ୱାମୀ ଭାସ୍କର ତୀର୍ଥ(ଲକ୍ଷ୍ମୀ ବାବା)ଙ୍କ ସମେତ ସାଧୁସନ୍ଥ ଓ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ।

## କୋଇଲା ବୋଝେଇ ଟ୍ରେନ୍ ଇଞ୍ଜିନରେ ଲାଗିଲା ନିଆଁ



ବିଷମ କଟକ, ୧୪।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ରେଳ ଷ୍ଟେସନ ନିକଟରେ କୋଇଲା ବୋଝେଇ ଟ୍ରେନ ଇଞ୍ଜିନରେ ନିଆଁ ଲାଗିଲା। ଆଜି ମଧ୍ୟାହ୍ନ ସମୟରେ ରାୟଗଡ଼ାରୁ ଟିଟିଲାଗଡ଼ ଅଭିମୁଖେ ଏକ କୋଇଲା ବୋଝେଇ ଟ୍ରେନ୍ ଆସୁଥିବା ବେଳେ ଲାଇନ କ୍ଲିୟର ନଥିବାରୁ ବିଷମ କଟକ ଷ୍ଟେସନରେ ଅଟକି ରହିଥିଲା ଟ୍ରେନ। ସେହି ସମୟରେ କୌଣସି କାରଣରୁ ଟ୍ରେନ ଇଞ୍ଜିନ ଭିତରେ ନିଆଁ ଲାଗିଥିଲା। ଟ୍ରେନ୍‌ର ଲୋକ ପାଇଲଟ ନିଆଁ ଲାଗିବା ଘଟଣା ଷ୍ଟେସନ ମାଷ୍ଟରକୁ ଜଣାଇବା ପରେ ବିଷମ କଟକ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଷ୍ଟେସନରେ ପହଞ୍ଚି ଥିବା ବେଳେ ନିଆଁକୁ ଆୟତ ହୋଇସାରିଥିଲା। ଟ୍ରେନ ଇଞ୍ଜିନରେ ସଟ ସାର୍କିଟରୁ ନିଆଁ ଲାଗିଥିବା ଜଣାପଡ଼ିଛି। କୋଇଲା ବୋଝେଇ ଟ୍ରେନ୍‌ଟି ଦୀର୍ଘ ଦୁଇଘଣ୍ଟା ପରେ କାଳ ଷ୍ଟେସନରେ ଅଟକି ରହିବା ପରେ ଟିଟିଲାଗଡ଼ ଅଭିମୁଖେ ବାହାରିଥିବା ଜଣାପଡ଼ିଛି।

## ଗଞ୍ଜେଇ ଓ ଗଞ୍ଜେଇ ତେଲ ଜବତ

ଜୟପୁର, ୧୪।୨ (ସମିସ)

କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପାକ୍ଷରୁ ଆଜି ଭୋରରୁ ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନିକଟରେ ବୈପାରୀଗୁଡା ଥାନା ଲକ୍ଷ୍ମୀପୁର ଗ୍ରାମର ଗୋପବନ୍ଧୁ ଖିଲ(୨୭)ଙ୍କୁ ସନ୍ଦେହଜନକ ଭାବେ ଅଟକ ରଖାଯାଇ ତାଙ୍କ ବ୍ୟାଗ ଯାଞ୍ଚ ବେଳେ ୬ କିଲୋ ୨୦୦ଗ୍ରାମ ଗଞ୍ଜେଇ ଏବଂ ଗଞ୍ଜେଇରୁ ପ୍ରସ୍ତୁତ ୧ କିଲୋ ୨୦ ଗ୍ରାମ ଗଞ୍ଜେଇ ତେଲ ଏବଂ ୫୫୦ ଟଙ୍କା ଜବତ କରାଯାଇଛି। ଉଭୟ ଗଞ୍ଜେଇ ଏବଂ ତେଲର ମୂଲ୍ୟ ୧୪ଲକ୍ଷ ଟଙ୍କା ବୋଲି ପୁଲିସ ସୂଚନା ଦେଇଛନ୍ତି। ମାଦକ ଦ୍ରବ୍ୟ ଚାଲାଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ପଚରା ଉଚୁରା ବେଳେ ଅଭିଯୁକ୍ତ ଏହି ସାମଗ୍ରୀ ମାଲକାନଗିରିରୁ ଆଣିଥିବା ବେଳେ ବାହାର ରାଜ୍ୟ ନେବା ଉଦ୍ଦେଶ୍ୟରେ ବସ୍‌କୁ ଅପେକ୍ଷା କରିଥିବା ନେଇ ସେ ସ୍ୱୀକାର କରିଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।



## ସହିଦଙ୍କୁ ଶ୍ରଦ୍ଧାଞ୍ଜଳି, କଳା ଦିବସ ପାଳିତ



ବୈପାରିଗୁଡା, ୧୪।୨(ସମିସ): ବୈପାରିଗୁଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୁଲୱାମା ଆତଙ୍କବାଦୀ ଆକ୍ରମଣର ସପ୍ତମ ବାର୍ଷିକୀ ବା କଳା ଦିବସ ପାଳିତ ହୋଇଯାଇଛି। ଏକ୍ସ ଆର୍ମି ଏବଂ ଗ୍ରାମବାସୀଙ୍କ ତରଫରୁ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ସିଆରପିଏଫ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ମରଣଯୋଗ୍ୟ ଯେ ୨୦୧୯ ମସିହାରେ ଜମ୍ମୁ - ଶ୍ରୀନଗର ଜାତୀୟ ରାଜପଥରେ ଏକ ସିଆରପିଏଫ ଦଳକୁ ଆତ୍ମଘାତୀ ଆକ୍ରମଣରେ ଟାର୍ଗେଟ କରାଯାଇଥିଲା। ସେହି ସମୟରେ ୭୮ ଟି ଗାଡ଼ିରେ ୨ ହଜାର ୫ ଶହରୁ ଅଧିକ ଯବାନ ଯାତ୍ରା କରୁଥିଲେ। ଏହି ଆତ୍ମଘାତି ଆକ୍ରମଣରେ ୪୦ ଜଣ ସିଆରପିଏଫ ଯବାନ ସହିଦ ହୋଇଯାଇଥିଲେ। ଆଜି ସେହି ଦିନକୁ ମନେପକାଇ ଏକ୍ସ ଆର୍ମି ଏବଂ ବୈପାରିଗୁଡା ଗ୍ରାମବାସୀଙ୍କ ସାହାସୀ ସୈନିକଙ୍କ ବଳିଦାନକୁ ମନେ ପକାଇବା ପାଇଁ କଳା ଦିବସ ପାଳିତ କରାଯାଇଛି।

## ପୁଲୱାମା ସହିଦଙ୍କ ସ୍ମୃତିରେ ଦୀପଦାନ ସମାରୋହ



ଟିକିରି, ୧୪।୨(ସମିସ): କାଶ୍ମୀରର ପୁଲବାମା ଠାରେ ୨୦୧୯ ଫେବୃଆରୀ ୧୪ ତାରିଖ ଦିନ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୪୦ଜଣ ଜବାନ ସହିଦ ହୋଇଥିବା ବେଳେ ଏହି ଦିବସକୁ ସରକାରୀ କଳା ଦିବସ ଘୋଷଣା କରିଛନ୍ତି। ଶନିବାର ଟିକିରି ବଜରଙ୍ଗ ଦଳ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେବା ସହ ଟିକିରି ଥାନା ସମ୍ମୁଖରେ ଦୀପଦାନ ସମାରୋହ ହୋଇଯାଇଛି। ଟିକିରି ବଜରଙ୍ଗ ଦଳର ସଭାପତି ସୂର୍ଯ୍ୟନାରାୟଣ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗଙ୍ଗାଦେବି ଠାକୁରାଣୀ ମନ୍ଦିର ଠାରୁ ଦିପ ଧରି ବାହାରି ଗକୁଳମୁଣ୍ଡା ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ଟିକିରି ଥାନା ସମ୍ମୁଖରେ ପହଞ୍ଚି ୨ ମିନିଟ ନିରବ ପ୍ରାର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବଜରଙ୍ଗ ଦଳ କର୍ମୀ ଉପସ୍ଥିତ ଥିଲେ।

## ଦୀପ ଜଳାଇ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ରାୟଗଡ଼ା, ୧୪।୨(ସମିସ): ଦେଶ ପାଇଁ ଜୀବନ ବଳିଦାନ ଦେଇଥିବା ବୀର ଯବାନମାନଙ୍କ ସ୍ମୃତିରେ ରାୟଗଡ଼ା ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଂଗଠନର କର୍ମୀମାନେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଶିଶୁ ଉଦ୍ୟାନ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ସହିଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। କାର୍ଯ୍ୟକ୍ରମରେ ଦେଶ ପ୍ରତି ଭକ୍ତି ଓ ସହିଦମାନଙ୍କ ବଳିଦାନକୁ ସ୍ମରଣ କରି ସମସ୍ତେ ନିରବ ପ୍ରାର୍ଥନା କରିଥିଲେ। ସଂଗଠନ ପକ୍ଷରୁ କୁହାଯାଇଥିଲା ଯେ, ସହିଦ ଯବାନମାନଙ୍କ ତ୍ୟାଗ ଓ ବଳିଦାନ ସଦା ଦେଶବାସୀଙ୍କୁ ପ୍ରେରଣା ଦେଇ ଆସିବ। ଯୁବ ସମାଜକୁ ଦେଶ ସେବା ଓ ରାଷ୍ଟ୍ରପ୍ରେମର ପଥରେ ଆଗେଇ ଆସିବାକୁ ମଧ୍ୟ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ସଭାପତି ଡ. ବାବୁରାଓ ମହାନ୍ତି, ଉପ ସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀନାଥ ବ୍ରହ୍ମା, ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା, ବଜରଙ୍ଗ ଦଳ ନଗର ସଂଯୋଜକ ଶଙ୍କର ବେହେରା, ନଗର ସହ ସଂଯୋଜକ ବି.ରାଜେଶ, ମିଳନ କେନ୍ଦ୍ର ପ୍ରମଖ କାର୍ତ୍ତିକ ବେହେରା, ବଜରଙ୍ଗ ଦଳ କାର୍ଯ୍ୟକର୍ତା ରାଜେନ୍ଦ୍ର ବେହେରା, ହାସିନ ସାରକଙ୍କ ସମେତ ବହୁ ସଦସ୍ୟ ଓ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ।

● ଧାନ କଳାବଜାରୀ!

## ବଳପୂର୍ବକ ୫୦ କ୍ୱିଣ୍ଟାଲ୍ ଧାନ ରଖିଲେ ବେପାରୀ

କାଲିମେଲା, ୧୪।୨(ସମିସ): ମାଲକାନଗିରି ଜିଲ୍ଲାରେ ଧାନ କଳା ବଜାରୀ ପାଇଁ ଦଲାଲ ମାନେ ସକ୍ରିୟ ରହିଥିବା ବେଳେ ପ୍ରଶାସନ ଏଦିଗରେ ରୋକ ଲଗାଇବାକୁ ପ୍ରୟାସ ଆରମ୍ଭ କରିଛି। ଏଭଳି ସ୍ଥିତିରେ ରାତି ଅଧରେ ଜଣେ ଜିଲ୍ଲାର ନାଲାଗୁଣ୍ଟି ପଞ୍ଚାୟତର ନୂଆଗୁଡା ଗ୍ରାମର କିଛି ଲୋକଙ୍କ ଘରେ ଜୋର ଜବରଦସ୍ତ ୫୦ କ୍ୱିଣ୍ଟାଲ ଧାନ ରଖିଦେଇ ଚାଲି ଯାଇଥିବା ଅଭିଯୋଗ ହୋଇଛି। ଓଡି ୩୦ଜି ୦୨୪୧ ନମ୍ବରର ଏକ ଟ୍ରାକ୍ଟରରେ ଆସି ଏହି ଧାନ ରଖିଥିବା ଜଣାପଡ଼ିଛି। ତେବେ ଏହାକୁ ନେଇ ଗ୍ରାମବାସୀ ଏମଭି -୭୯ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଧାନ ବସ୍ତା ଗୁଡିକ ସିଜ କରିବା ସହ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। କିଏ ଏହି ଧାନ କାହିଁକି ଆଣି ରଖିଛି ତାହା ସ୍ପଷ୍ଟ ହୋଇ ନଥିବା ବେଳେ ଏତେ ପରିମାଣର ଧାନ ନିଶ୍ଚିତ କାଳବଜାରୀ ପାଇଁ ଦଲାଲ ମାନେ ରଖି ଦେଇ ଯାଇଥିବା ଅନୁମାନ ହେଉଛି।



## ରାସ୍ତା ତଳକୁ ଖସିଲା ଟ୍ରକ୍

କାଲିମେଲା, ୧୪।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ନାଳଗୁଣ୍ଟି ଛକ ନିକଟ ୩୨୬ ନମ୍ବର ଜାତୀୟ ରାଜପଥ ତଳକୁ ଶନିବାର ରାତିରେ ଏକ ଏପି୧୬ଟିଇ ୨୪୨୯ ଟ୍ରକ୍ ଖସି ପଡ଼ିରହିଥିବା ଦେଖିବାକୁ ମିଳିଛି। ଏଥିରେ କାହାର କିଛି କ୍ଷତି ହୋଇନଥିବା ବେଳେ ରବିବାର ସକାଳେ ଟ୍ରକ୍‌ଟିକୁ ଉଦ୍ଧାର କରାଯିବ ବୋଲି ଜଣାପଡ଼ିଛି। ଜାତୀୟ ରାଜପଥ ଖାଲମାଲ ଯୋଗୁଁ ସାମ୍ନା ପଟୁ ଆସୁଥିବା ଏକ ଗାଡ଼ିକୁ ସାଇଟ୍ ଦେବାକୁ ଯାଇ ଟ୍ରକଟି ଭାରସାମ୍ୟ ହରାଇଥିଲା। ଫଳରେ ରାଜପଥ ତଳେ ଟ୍ରକ୍ ଫସି ଯାଇଥିଲା। ଉକ୍ତ ଖାଲଖମା ଜାତୀୟ ରାଜପଥର ମରାମତି ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ସୁଦ୍ଧା ଏଯାଏ ମରାମତିର ନାଁ ଗନ୍ଧ ନାହିଁ। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।



## ଡିଆଇଇଟିରେ ଜିଲ୍ଲାସ୍ତରୀୟ ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ଶିବିର



ଟିକାବାଲି,୧୪।୨(ସମିସ): ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଟିକାବାଲି ପରିସରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ଏକ ଜିଲ୍ଲାସ୍ତରୀୟ ଡିଜିଟାଲ୍ ପ୍ରଯୁକ୍ତି ବ୍ୟବହାର ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ଆୟୋଜିତ ଏହି ତିନି ଦିନିଆ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଆରସିସି ଓ ଶିକ୍ଷକ/ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟସ୍ତରରେ କମ୍ପ୍ୟୁଟର ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ସ୍ମାର୍ଟ କ୍ଲାସ୍ ପରିଚାଳନା, ଅନଲାଇନ୍ ଶିକ୍ଷାଦାନ, ଡିଜିଟାଲ୍ ପାଠ୍ୟସାମଗ୍ରୀ ପ୍ରସ୍ତୁତ କରିବା ଏବଂ ବିଭିନ୍ନ ଶିକ୍ଷାମୂଳକ ଆପ୍ ଓ ୱେବସାଇଟ୍‌ର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ଦ୍ୱାରା ଶିକ୍ଷାର୍ଥୀମାନେ ପାଠପଢ଼ା ପ୍ରତି ଅଧିକ ଆକୃଷ୍ଟ ହେବା ସହ ବିଦ୍ୟାଳୟର ବିଭିନ୍ନ ତଥ୍ୟ ସଂଗ୍ରହ ଓ ପରିଚାଳନା ସହଜ ହୋଇପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ସୂଚନା ପ୍ରଯୁକ୍ତି ବିଦ୍ୟା ଶିକ୍ଷକ ଅଭିଜିତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଜନିତ ବୈଷୟିକ ଜ୍ଞାନକୌଶଳର ପ୍ରାୟୋଗିକ ତାଲିମ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବ୍ଲକରୁ ପ୍ରତିନିଧିତ୍ୱ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରଭାସ ହୋତା, ବିଷ୍ଣୁ ପ୍ରସାଦ ହୋତା, ମୋନାଲିସା ପାଣିଗ୍ରାହୀ, ପୁରୁଷୋତ୍ତମ ଦିଗାଳ, ମନୋଜ ପ୍ରଧାନ ଏବଂ ଗୋପାଳ କହଁର ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ପ୍ରସ୍ତୁତି ଚୂଡ଼ାନ୍ତ; ମହାଶିବରାତ୍ରୀ ଆଜି

କଲ୍ୟାଣସିଂହପୁର, ୧୪।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଐତିହାସିକ ପ୍ରସିଦ୍ଧ ଦେବଗିରି ପଞ୍ଚାମୁଖୀ ନିଳକଣ୍ଠେଶ୍ୱର ଶୈବ ପୀଠରେ ୭ଦିନ ଧରି ହେବାକୁ ଥିବା ମହାଶିବରାତ୍ରି ଜାଗର ଯାତ୍ରାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା କାଲି ଜାଗର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ପ୍ରଶାସନ ଓ ସରପଞ୍ଚ ଗୌତମ ବାର୍ଲି, ଦେବଗିରି କମିଟି ଉପସ୍ଥିତ ରହି କାର୍ଯ୍ୟ କରୁଛି। ଦେବଗିରି ପାହାଡ଼ ତଳ ଭାଗଠାରୁ ଆରମ୍ଭ କରି ଉପରି ଭାଗ ପର୍ଯ୍ୟନ୍ତ ରଙ୍ଗମରା, ଆଲୋକ, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ପାହାଡ଼ ତଳ ଭାଗରେ ବିଭିନ୍ନ ପ୍ରକାର ଦୋକାନ ବଜାର, ମିନା ବଜାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପ୍ରଶାସନ, ଦେବଗିରି ପରିଚାଳନା କମିଟି, ସରପଞ୍ଚଙ୍କ ନେତୃତ୍ୱରେ ଯାତ୍ରା ପରିଚାଳନା କରାଯାଉଛି। ଚଳିତ ମାସ ୧୫ ତାରିଖ ଦିନ ଜାଗର ଯାତ୍ରା ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାୟ ୭ଦିନ ଧରି ଧୁମଧାମରେ ପାଳନ କରାଯିବ ବୋଲି ସୂଚନା ମିଳିଛି। ଜାଗର ଯାତ୍ରା, ଭକ୍ତଙ୍କ ନିମନ୍ତେ ପ୍ରସାଦ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳାରେ ଧାଡିରେ ରହି ଦର୍ଶନ, ଗାଡି ପାର୍କିଂ, ଯାତ୍ରା ପଡ଼ିଆ ସଫା, ଅର୍ଥ ଆଦାୟ, ମିନାବଜାର, ୭ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାର ରହିଛି। ୧୫ ତାରିଖରେ ଜାଗର ଯାତ୍ରା ରାତ୍ରି୧୦ଘଣ୍ଟା ସମୟରେ ହରିହର ଭେଟ ଓ ମଧ୍ୟ ରାତ୍ରରେ ପାହାଡ଼ ଉପରେ ଥିବା କୁପିଳିରେ ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ରହିଛି। ୧୬ ତାରିଖ ପାହାନ୍ତିଆ ୫ଟା ସମୟରେ ହରିହରଙ୍କୁ ଭୋଗ, ସକାଳ ୬ଟାରେ ଶ୍ରୀହରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ପୌରାଣିକ ବରଗଡ଼ ଜିଲ୍ଲାର ବରପାଲି ଗ୍ରାମର ଶକ୍ତିମୟୀ, ମହିଳା ଦଣ୍ଡ ନୃତ୍ୟ, ୧୮ ତାରିଖରେ ନୟାଗଡ଼ ଜିଲ୍ଲାର ମା ବ୍ରାହ୍ମଣୀ ଦେବୀ ଯାତ୍ରାର ଦାନବୀର ହରିଶ୍ଚନ୍ଦ୍ର, ପିତୃହତ୍ୟାକାରୀ ଭୋଗୃବାହାନ, ୨୦ତାରିଖରେ ଭୋଇମାଡା ଶ୍ରୀ ଜଳେଶ୍ୱରୀ ନାଟ୍ୟ ସଂଘର ମଥୁରା ବିଜୟୀ ଓ କଂଶବଧ ସାତ ଦିନ ମଧ୍ୟରେ କରାଯିବ ବୋଲି ଜଣାପଡ଼ିଛି। ପ୍ରତି ଦିନ ମଧ୍ୟାହ୍ନରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଦେବଗିରିରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହେବ ବୋଲି ପ୍ରଶାସନ, ସରପଞ୍ଚ ଓ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ସୁନାଖଣ୍ଡି, ପୂଜାରିଗୁଡା, କରପା, ପୋଲମା, ଦାନ୍ତଲିଙ୍ଗୀ, ନାରାୟଣପୁର ଠାରେ ଥିବା ଶିବ ମନ୍ଦିରରେ ମଧ୍ୟ ଗୋଟିଏ କିମ୍ବା ଦୁଇଦିନ ଧରି ଧୁମ୍‌ଧାମରେ ଯାତ୍ରା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।



## ଗୁଣୁପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

ଗୁଣପୁର, ୧୪।୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର କଲେଜର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଡେପୁଟି କଲେକ୍ଟର ସୁଭ୍ରଶ୍ନାତ ରାଉତ ଏବଂ ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରଫେସର ସତ୍ୟନାରାୟଣ ରଥ ଯୋଗ ଦେଇଥିଲେ। ଛାତ୍ରୀ ଛାତ୍ରମାନେ ନିଜ କାର୍ଯ୍ୟ କରିବା ସହ ଭଲ ଅଧ୍ୟୟନ କରିବା ଉଚିତ ବୋଲି ସମ୍ମାନିତ ଅତିଥି ଶୁଭ୍ରଶ୍ନାତ ରାଉତ ନିଜର ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ସତ୍ୟନାରାୟଣ ରଥ ବିଦ୍ୟାର୍ଥୀ ମାନଙ୍କ ପଞ୍ଚ ଲକ୍ଷଣ ବିଷୟରେ କହିଥିଲେ। ନିଜର ମାଟି ସହ ଦେଶ ପ୍ରତି ସେବା ମନୋଭାବ ମନରେ ରଖିବା ପାଇଁ ବିଧାୟକ ଛାତ୍ରୀ ଛାତ୍ର ମାନଙ୍କୁ ଉଦବୋଧନ ଦେଇଥିଲେ। ଅଧାପକ ଜଗନ୍ନାଥ ଦୀପ ସ୍ୱାଗତ ଭାଷଣ ଦେବା ସହିତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଛାତ୍ରୀ ସ୍ମୃତିମୟୀ ସେନାପତି, ନିଶାରାଣୀ ପାଣିଗ୍ରାହୀ, କେତନ କଡ୍ରାକା, ଥବିର ଶବର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଡକ୍ଟର ସତ୍ୟବାନ ଗରଡା ବାର୍ଷିକ ସାଂସ୍କୃତିକ ବିବରଣୀ ଏବଂ ବିକାଶ ରଞ୍ଜନ ଭୂୟାଁ ବାର୍ଷିକ କ୍ରୀଡ଼ା ବିବରଣୀ ଉପସ୍ଥାପନ କରିଥିଲେ। ଅଧାପକ ସତିଶ କୁମାର ପଟ୍ଟନାୟକ, ଅଧାପକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ଅଧାପକ ଡକ୍ଟର ପ୍ରସନ୍ନ କୁମାର ମିଶ୍ର, ଅଧାପକ ତାମିଲା ପରାସେଠ, ଅଧାପକ ଏବ୍ରି ରଇତ, ପ୍ରାଧାପିକା କଳ୍ପନା ବେହେରା, ଅଧାପକ ଡକ୍ଟର ନୃସିଂହ ପ୍ରସାଦ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧାପକ ଅଧାପିକା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ ଗୀତ, ନୃତ୍ୟ ପରିବେଷିତ ହୋଇଥିଲା। ଏହାକୁ ସଂଯୋଜନା ପ୍ରଦୀପ କୁମାର ଡଙ୍ଗ୍ରୀ, ବିକାଶ କୁମାର ଲିମା ଓ ଦୁର୍ଗା ମାଧବ ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ। ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୀପକ, ସୁନେଲି, ଆଦିତ୍ୟ, ଲୋକନାଥ, ହେମନ୍ତ ଓ ଅନ୍ୟମାନେ କାର୍ଯ୍ୟକ୍ରମର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସାଂସ୍କୃତିକ ସଫଳତା ପାଳନ କରାଯାଇଥିଲା। ଯାହା ଛାତ୍ର ପ୍ରତିଭା ଏବଂ ଶୈକ୍ଷିକ ଉତ୍କର୍ଷତାକୁ ପ୍ରଦର୍ଶିତ କରିଥିଲା।



## ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଟିକାବାଲି,୧୪।୨(ସମିସ): ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ପାଠ୍ୟ ପୁସ୍ତକ ପରିଚାଳନା ସମ୍ପର୍କିତ ପଞ୍ଚ ଦିବସୀୟ ବ୍ଲକ୍‌ସ୍ତରୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଟିକାବାଲି ବ୍ଲକ୍ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷକଙ୍କୁ ନୂତନ ଶିକ୍ଷାଦାନ ପଦ୍ଧତି ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମୁଦାୟ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପର୍ଯ୍ୟାୟରେ ୯୦ ଜଣ ଲେଖାଏଁ ମୋଟ ୨୭୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଲିମରେ ଅଂଶଗ୍ରହଣ କରିଥିଲେ। ସମ୍ବଳ ଶିକ୍ଷକ ଭାବେ ପବିତ୍ର କୁମାର ସାହୁ, ଜୟ ପ୍ରକାଶ ପାତ୍ର ଏବଂ ସ୍ମୃତି ସନ୍ଧ୍ୟା ଯୋଗଦେଇ ସମସ୍ତ ଅଧିବେଶନକୁ ସୂଚାରୁରୂପେ ପରିଚାଳନା କରିଥିଲେ। ବିଶେଷ କରି ନୂତନ ପାଠ୍ୟକ୍ରମକୁ ଶ୍ରେଣୀ ଗୃହରେ କିଭଳି ସହଜ ଓ ପ୍ରଭାବଶାଳୀ ଭାବେ ଉପସ୍ଥାପନ କରାଯାଇପାରିବ, ସେ ନେଇ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ସହଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ଉଚିତ ମାର୍ଗଦର୍ଶନ କରିଥିଲେ। ଶେଷରେ ସଫଳତାର ସହ ତାଲିମ ସମ୍ପୂର୍ଣ୍ଣ କରିଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ: ବ୍ରହ୍ମପୁର ବିଜୟୀ

ଗଞ୍ଜାମ,୧୪।୨(ସମିସ): ଗଞ୍ଜାମ ନିକଟରେ ଅବସ୍ଥିତ ଗ୍ରାସୀମ କମ୍ପାନୀର ଆଦିତ୍ୟ ନଗର ଖେଳ ପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଗ୍ରାସୀମ ଟିମ ଏବଂ ବ୍ରହ୍ମପୁର ଏସପିସିବିରେ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଟିମ୍ ଗ୍ରାସୀମ ଟିମକୁ ଆଠ ରନରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ଟିମ ୧୨୮ ରନ କରିଥିଲେ। ଜବାବରେ ଗ୍ରାସୀମ ଟିମ ୧୨୦ ରନ କରିବାକୁ ସମର୍ଥ ହୋଇଥିଲା। ବ୍ରହ୍ମପୁର ଟିମର କ୍ୟାପଟେନ ଦୀପକ କୁମାର ସାହୁ ରହିଥିବା ବେଳେ ଗ୍ରାସୀମ ଟିମର କ୍ୟାପଟେନ ଅଜୟ ଗୁପ୍ତା ରହିଥିଲେ।

## ବନାଗ୍ନି ରୋକିବାକୁ ସହଯୋଗ ଲୋଡ଼ିଲେ ବନଖଣ୍ଡ ଅଧିକାରୀ

କୋରାପୁଟ, ୧୪।୨(ସମିସ)




ବନାଗ୍ନି ଋତୁକୁ ସଫଳତାର ସହ ମୁକାବିଲା କରିବା ପାଇଁ କୋରାପୁଟ ବନଖଣ୍ଡ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିନେଇ ଆଜି କୋରାପୁଟ ବନଖଣ୍ଡ ସଭାଗୃହ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବନାଗ୍ନିକୁ ରୋକିବାକୁ ସମସ୍ତଙ୍କ ସହଯୋଗ ଲୋଡିଲେ କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ। ବନାଗ୍ନି କେବଳ ଜଙ୍ଗଲର ନୁହେଁ, ବରଂ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ପାଇଁ ଏକ ବଡ ସଂକଟ ଅଟେ ବୋଲି ସେ କହିଛନ୍ତି। ଏଥି ନିମନ୍ତେ ପୁଲିସ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ବନ ବିଭାଗକୁ ବନାଗ୍ନି ମୁକାବିଲାରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ୮୨୭ ଗୋଟି ବନ ସଂଲଗ୍ନ ଗ୍ରାମ ରହିଛି। ୭୯୯ ବନ ସୁରକ୍ଷା ସମିତି ଗଠନ କରାଯାଇଛି। ବନ ସୁରକ୍ଷା ସମିତିର ସଦସ୍ୟ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଲୋକମାନଙ୍କୁ ମଧ୍ୟ ସଚେତନତା କରାଯାଇଛି। ବନ ବିଭାଗ ଆପ୍ ମାଧ୍ୟମରେ କେଉଁ ଜଙ୍ଗଲରେ ନିଆଁ ଲାଗିଛି ତାହା ତତକ୍ଷଣାତ୍ ଜଣାପଡ଼ିବ। ଏହା ପରେ ବନ ବିଭାଗ ସ୍କ୍ୱାର୍ଡ ତୁରନ୍ତ ଜଙ୍ଗଲରେ ପହଞ୍ଚି ନିଆଁ ଲିଭାଇବା ଯନ୍ତ୍ର ବ୍ୟବହାର କରି ନିଆଁକୁ ଆୟତ୍ତ କରିବେ ବୋଲି ସେ କହିଛନ୍ତି। ସ୍କ୍ୱାର୍ଡର୍ ସଦସ୍ୟଙ୍କ ନିମନ୍ତେ ବିଭାଗ ତରଫରୁ ମଞ୍ଚ ପ୍ରସ୍ତୁତ କରାଯାଇଛି। ୬ଟି ଫାୟାର ସ୍କ୍ୱାର୍ଡ ଗଠନ କରାଯାଇଛି। ୧୨୦ ଜଣ ପାରା ଫାୟାର ଷ୍ଟାଫ ନିୟୋଜିତ ରହିବେ। ନାରାୟଣପାଟଣା, ଲକ୍ଷ୍ମୀପୁର ଏବଂ ଦଶମନ୍ତପୁର ବନାଗ୍ନି ପ୍ରବଣ ଅଞ୍ଚଳ ଭାବରେ ରହିଛି। କୋରାପୁଟ ବନଖଣ୍ଡ ସହିତ ୬ଟି ରେଞ୍ଜରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ଏସିଏଫ ଜଗନ୍ନାଥ ବିଶୋଇ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କ ସହ ବନଖଣ୍ଡର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ରାୟଗଡ଼ା, ୧୪।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ କନ୍ଧଖିଲୀମୁ ଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷ ଅରବିନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ହୁଇକା ଯୋଗ ଦେଇଥିଲେ। ବିଶେଷ ଅତିଥି ରୂପେ ହାଲୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଓଡ଼ିଆ ସିନେ ଜଗତର ବିଶିଷ୍ଟ ହାସ୍ୟ କଳାକାର ପ୍ରଭାକର ମିଶ୍ର ଓରଫ ଟୁନା ଟନ୍ ଟନ୍ ଯୋଗ ଦେଇଥିଲେ। ଏଥି ସହିତ ଆଞ୍ଚଳିକ ଗୋଷ୍ଠୀ ସଂଯୋଜକ ଗୋପାଳକୃଷ୍ଣ ପାଢ଼ୀ କତାପେଟାର ସଂଗ୍ରାମ, ବାଇସିଂ କ୍ଲଷ୍ଟର ଶ୍ରୀ ସୁବୁଦ୍ଧି, ସାଥୀ ସଂଯୋଜକ ମାନଙ୍କ ସହ ସଭାରେ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ କୋଡେସୁ ବିଦ୍ୟାଳୟର ଶିକ୍ଷକ ଦୀପକ ରାଉତ ଯୋଗ ଦେଇ ସଭାକାର୍ଯ୍ୟ ସମ୍ପାଦନା କରିଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ ଏବଂ ସହାୟକ ଶିକ୍ଷୟିତ୍ରୀ ଆଲିସା ବାରିକ୍ ଅତିଥି ମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଶିଷ୍ଟ ଅତିଥି ସମିତି ସଭ୍ୟ ତାଡ଼ମା, ଚନ୍ଦ୍ରଶେନ ଏବଂ ପିତାମହଲ ପଞ୍ଚାୟତର ସରପଞ୍ଚ ଟୁଟୁ ତାଡିଙ୍ଗି ଉଦ୍‌ବୋଧନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏସଏମସି ଅଧ୍ୟକ୍ଷ କାର୍ତିକ କାଡ୍ରାକା ଏବଂ ଗ୍ରାମର ମୁଖ୍ୟ ସମ୍ପ୍ରେୟା କାଡ୍ରାକା ମଞ୍ଚାସୀନ ଥିଲେ। ଗ୍ରାମର ୱାର୍ଡମେମ୍ବର ଶ୍ରୀମତୀ ଶର୍ମିଳା ପାଲକା ତଥା ଅଭିଭାବକ ଓ ଗ୍ରାମବାସୀ ଯୋଗଦେଇ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରୀତି ଭୋଜନ ଓ ପୁରସ୍କାର ବିବରଣ କରାଯାଇ ସଭାକାର୍ଯ୍ୟ ସମାପନ ହୋଇଥିଲା। ଏଥିରେ ଗ୍ରାମବାସୀ ବିଶେଷ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦୀପକ ଏବଂ ମାଣିକଣ୍ଠ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରି ବାର୍ଷିକ ଉତ୍ସବର ସମାପନ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୬୦ • ପାଉଣ୍ଡ ୧୨୪.୧୬
- ୟୁରୋ ୧୦୮.୦୫ • ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୪,୬୦୦ (ଭୁବନେଶ୍ୱର)
- ରୁପା : ୨,୪୮,୭୮୬ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୬୨୬.୦୦
- ନିଫ୍ଟି ୨୫,୪୭୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ନେଇ ରାହୁଲଙ୍କ ଅଭିଯୋଗ

# କ୍ଷତି ସହିବେ କପା ଚାଷୀ

ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତିକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ଏହି ଚୁକ୍ତି ଦ୍ୱାରା କପା ଚାଷୀ ଏବଂ ପୋଷାକ ଉଦ୍ୟୋଗ ଉପରେ ବିପରୀତ ପ୍ରଭାବ ପଡ଼ିବ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ରାହୁଲ ଅଭିଯୋଗ କରିଛନ୍ତି ଯେ ୧୮ ପ୍ରତିଶତ ଶୁଳ୍କ ବନାମ ଶୂନ ପ୍ରତିଶତ ବୁଝି ହେଉଛି। କେନ୍ଦ୍ର କ୍ୟାବିନେଟ ଏହାକୁ ନେଇ ମିଥ୍ୟା ପ୍ରଚାରପ୍ରସାର କରୁଛି। ସେମାନେ ବାଣିଜ୍ୟ ଚୁକ୍ତିକୁ ନେଇ କପା ଚାଷୀ ଏବଂ ପୋଷାକ ରପ୍ତାନୀକାରୀଙ୍କୁ ଧୋକା ଦେଉଛନ୍ତି।



ବାଂଲାଦେଶକୁ ପ୍ରସଙ୍ଗ ଉଠାଇ ରାହୁଲ କହିଛନ୍ତି ଯେ ଆମେରିକାରୁ ବସ୍ତ୍ର ଆଦି ଆଣିଲେ ଏହି ଦେଶକୁ କୌଣସି ଶୁଳ୍କ ଦେବାକୁ ପଡୁନି। କେବଳ କପାସ ଆମଦାନୀ କରିବାକୁ ୱାଶିଂଟନ ସର୍ତ୍ତ ରଖିଛି। ଭାରତର ବସ୍ତ୍ର ଆଦି ଉପରେ ୧୮ ପ୍ରତିଶତ ଶୁଳ୍କ ଘୋଷଣା ହେବା ପରେ ସଂସଦରେ ବାଂଲାଦେଶକୁ ମିଳୁଥିବା ସ୍ୱତନ୍ତ୍ର ରିଆତି ଉପରେ ରାହୁଲ ପ୍ରଶ୍ନ ଉଠାଇ ଥିଲେ। ମାତ୍ର ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଯେଉଁ ଉତ୍ତର ଦେଇଥିଲେ ତାହା ଚିନ୍ତାର ବିଷୟ। ଏହି ଲାଭ ନେବାକୁ ହେଲେ ଭାରତକୁ ବି ଆମେରିକାରୁ କପା ଆଣିବାକୁ ହେବ ବୋଲି ମନ୍ତ୍ରୀ କହିଥିଲେ। ଏହା ସେତେବେଳେ କାହିଁକି ବାଂଲାଦେଶ ସଙ୍କେତ ଦେଉଛି। ଭାରତର ବୟନ ଶିଳ୍ପ ଉଦ୍ୟୋଗ ଏବଂ କପା ଚାଷ ଜୀବିକାର ମେରୁଦଣ୍ଡ। କୋଟି କୋଟି ଲୋକଙ୍କ ଜୀବନ ଏବଂ ଜୀବିକା ଏହା ଉପରେ

### ବାଣିଜ୍ୟ ଚୁକ୍ତି ଆଗରେ କୂଅ, ପଛରେ ଖାଇ ସଦୃଶ

ଲୋକଙ୍କୁ କୁହାଗଲାନି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏହା କିଭଳି ନୀତି? ବାସ୍ତବରେ ଏହା କୌଣସି ବିକଳ୍ପ କି? ଏହା ଠିକ୍ ଆଗରେ କୂଅ ଏବଂ ପଛରେ ଖାଇ ସଦୃଶ ଫସୁଥିବା ଜାଲ ଭଳି। ଯଦି ଆମେ ଆମେରିକାରୁ କପା ମଗାଇବା ତେବେ ଭାରତର ଚାଷୀ ବରବାଦ ହୋଇଯିବେ। ଯଦି ନ ମଗାଇବା ତେବେ ଆମ ବୟନ ଶିଳ୍ପ ଉଦ୍ୟୋଗ ପଛରେ ରହି ଧ୍ୱଂସ ହୋଇଯିବ। ଏବେ ଭାରତରୁ କପା ଆମଦାନୀ କମ୍ କିମ୍ବା ବନ୍ଦ କରିବା ପାଇଁ ନିର୍ଭରଶୀଳ। ଏହି କ୍ଷେତ୍ରକୁ ଆଘାତ ଦେବାର ଅର୍ଥ ଲକ୍ଷ ଲକ୍ଷ ପରିବାରକୁ ବେରୋଜଗାର କରାଇ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେବା। ଦୂରଦର୍ଶୀ ଏବଂ ରାଷ୍ଟ୍ର ସ୍ୱାର୍ଥ ପାଇଁ ଚିନ୍ତା କରୁଥିବା ସରକାର କପା ଚାଷୀ ଏବଂ ବୟନ ଶିଳ୍ପ ରପ୍ତାନୀକାରୀଙ୍କ ସୁରକ୍ଷା ଓ ସମୃଦ୍ଧି ସୁନିଶ୍ଚିତ କରିବା ଉଚିତ। ମାତ୍ର ସରକାର ଠିକ୍ ଏହାର ବିପରୀତ କାର୍ଯ୍ୟ କରୁଛନ୍ତି। ଏଭଳି ଚୁକ୍ତି ହୋଇଛି ଯାହା ଦ୍ୱାରା ଉଭୟ କ୍ଷେତ୍ର ଗଭୀର ଭାବେ ପ୍ରଭାବିତ ହୋଇପାରେ।

### ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସୁବର୍ଣ୍ଣ ଉତ୍ସବ ପାଳନ

## ସୁନା ଓ ହୀରା ମାଷ୍ଟରପିସ୍‌ର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିଆତି

ଭୁବନେଶ୍ୱର, ୧୪।୨ (ସମିସ): ଖିମଜୀ ଜୁଏଲର୍ସ ରାଜ୍ୟବ୍ୟାପୀ ଉଜ୍ଜ୍ୱଳତା ସହ ଫ୍ଲାଗସିପ୍ ବାର୍ଷିକୀ ପାଳନ କରାଯାଉଛି। ନିଜର ପ୍ରମୁଖ ଫ୍ଲାଗସିପ୍ ଷ୍ଟୋର୍ ୬୨୧ ଜନପଥ ସହିଦନଗରର ବାର୍ଷିକୀ ଉପଲକ୍ଷେ ଗ୍ରାହକମାନଙ୍କ ପାଇଁ ଏକ ଭବ୍ୟ, ସୀମିତ ସମୟ ଅଫର ଘୋଷଣା କରିଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଅଫର ଉପଲବ୍ଧ। ଏଥିରେ ଗ୍ରାହକ ସୁନା ଓ ହୀରା ଗହଣାର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଓଡ଼ିଶାରେ ଥିବା ଖିମଜୀର ପ୍ରତ୍ୟେକ ଶୋ'ରୁମରେ ଏହି ଅଫର ଉପଲବ୍ଧ। ଏହି ଅଫର ୯୦ ବର୍ଷର କାରିଗରୀ ପ୍ରତି ସମ୍ମାନ ଜଣାଉଛି। ଆମର ସବୁଠୁ ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚିପାରିଛି। ଚମକୁଥିବା ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭ କରି ସୂକ୍ଷ୍ମ ଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁବର୍ଣ୍ଣ ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି।




## ଦେବାଶିଷ ଦୁବାଇ ୟୁରା ହୋମ୍ସ ରିୟଲ ଇଷ୍ଟେଟର ବ୍ରାଣ୍ଡ ଆମ୍ବାସାଡ଼ର

ଭୁବନେଶ୍ୱର, ୧୪।୨ (ସମିସ): ଦୁବାଇର ପ୍ରତିଷ୍ଠିତ ରିୟଲ ଇଷ୍ଟେଟ କମ୍ପାନୀ 'ୟୁରା ହୋମ୍ସ' ପକ୍ଷରୁ 'ମେ ଫେୟାର' ହୋଟେଲରେ ଏକ ଏକ୍ସପୋ ଅନୁଷ୍ଠିତ ହୋଇଯାଇଛି। ଓଲିଉଡ଼ ସୁପରଷ୍ଟାର ଦେବାଶିଷ ପାତ୍ର ଏହି କମ୍ପାନୀର ବ୍ରାଣ୍ଡ ଆମ୍ବାସାଡ଼ର ସହିତ ପାର୍ଟନର ଅଛନ୍ତି। ଏହି ୟୁରା ହୋମ୍ସ ରିୟଲ ଇଷ୍ଟେଟ କମ୍ପାନୀ ଦୁବାଇରେ ସମ୍ପତ୍ତି କିଣିବାକୁ ଚାହୁଥିବା ଗ୍ରାହକଙ୍କୁ ସାହାଯ୍ୟ କରିଥାଏ। ଓଡ଼ିଶା ବାହାରେ କିମ୍ବା ସୁଦୂର ଦୁବାଇରେ ଘର କିଣିବାକୁ ଅବା ବିକ୍ରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ୟୁରା ହୋମ୍ସ ସାହାଯ୍ୟ କରିବ। ସେହି ପରିପ୍ରେକ୍ଷୀରେ ୧୪ ଏବଂ ୧୫ ଫେବୃଆରୀରେ ୟୁରା ହୋମ୍ସ ଏବଂ ଦେବାଶିଷ ପାତ୍ରଙ୍କ ମିଳିତ ସହଯୋଗରେ ଦୁବାଇର ୫ଟି ଟପ୍ ଡେଭେଲପର୍ସ, ଶୋଭା, ଇମତିଆଜ୍, ଅଜିଜି ଭଳି କମ୍ପାନୀକୁ ନେଇ ଏହି ମେଳା ହୋଟେଲ ମେ ଫେୟାରରେ ଆୟୋଜିତ ହୋଇଛି। ଏହି ଏକ୍ସପୋରେ ଯୋଗଦେଇ ନିଜର ପ୍ରପରଟିଜ୍ ବ୍ୟବସାୟକୁ ବୃଦ୍ଧି କରିପାରିବେ ବୋଲି ଦେବାଶିଷ କହିଛନ୍ତି।



## କେୟାର ହସ୍ପିଟାଲ୍ସ ପକ୍ଷରୁ ଜନ୍ମଗତ ହୃଦ୍‌ରୋଗ ସଚେତନତା ଦିବସ

ଭୁବନେଶ୍ୱର, ୧୪।୨ (ସମିସ): କେୟାର ହସ୍ପିଟାଲ୍ସ ଭୁବନେଶ୍ୱର ଜନ୍ମଗତ ହୃଦରୋଗ (ସିଏଚଡି) ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆରୋଗ୍ୟ ଏବଂ ସ୍ଥିରତା ଅଭିମୁଖେ ସାହସୀ ସିଏଚଡି ଯୋଦ୍ଧାମାନଙ୍କ ପ୍ରେରଣାଦାୟୀ ଯାତ୍ରାକୁ ସମ୍ମାନିତ କରାଯାଇଥିଲା। ଜନ୍ମଗତ ହୃଦୟ ରୋଗ ବିଷୟରେ ସଚେତନତା ବୃଦ୍ଧି, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟକୁ ଉତ୍ସାହିତ ଏବଂ ଯୁବ ରୋଗୀ ଓ ସେମାନଙ୍କ ପରିବାରର ଶକ୍ତି ପାଳନ କରିବା ଏହାର ଉଦ୍ଦେଶ୍ୟ। ଶିଶୁ ହୃଦରୋଗର ବରିଷ୍ଠ ପରାମର୍ଶଦାତା ଡ.ସୌମ୍ୟକାନ୍ତି ମହାପାତ୍ର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଡ. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, (କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ବିଭାଗ ମୁଖ୍ୟ -ହୃଦରୋଗ), ଡ. ମନୋରଞ୍ଜନ ପାଢ଼ୀ (ବରିଷ୍ଠ ପରାମର୍ଶଦାତା ଏବଂ ବିଭାଗ ମୁଖ୍ୟ- ଆନାସ୍ଥେସିଓଲୋଜ), ସିଏଚଡି ଯୋଦ୍ଧା ଅଂଶଗ୍ରହଣ କରିଥିଲେ। ଡାକ୍ତରମାନେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ପ୍ରତି ହଜାରେ ଶିଶୁଙ୍କ ମଧ୍ୟରୁ ପ୍ରାୟ ୮ ଜଣ ଜନ୍ମଗତ ହୃଦରୋଗ ସହିତ ଜନ୍ମଗ୍ରହଣ କରନ୍ତି। କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିସଲେ ଆନନ୍ଦ କହିଛନ୍ତି, ନବଜାତ ସ୍କ୍ରିନିଂକୁ ସୁଦୃଢ଼ , ପ୍ରାରମ୍ଭିକ ରେଫରାଲକୁ ପ୍ରୋତ୍ସାହନ ଏବଂ ଉନ୍ନତ ଭିତ୍ତିଭୂମି ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବିଶ୍ୱସ୍ତରୀୟ ଶିଶୁ ହୃଦରୋଗ ଏବଂ ହୃଦରୋଗ ଚିକିତ୍ସା ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ।




## ମହାଶିବରାତ୍ରୀ ପାଇଁ 'ଆର୍ଟ ଅଫ୍ ଲିଭିଂ'ରେ ପହଞ୍ଚିବେ ୧୮୦ ଦେଶର ଭକ୍ତ

ବେଙ୍ଗାଲୁରୁ, ୧୪।୨ (ସମିସ):ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ର ଏହି ବର୍ଷ ଅତୁଳନୀୟ ଆଧ୍ୟାତ୍ମିକ ଉତ୍ସାହ ସହ ମହାଶିବରାତ୍ରୀ ଉତ୍ସବ ପାଳନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଅବସରରେ ୧୮୦ଟି ଦେଶରୁ ଲକ୍ଷାଧିକ ଭକ୍ତ ସାମିଲ ହେବେ। ସେମାନେ ଧ୍ୟାନ, ମଙ୍ଗଳମୟ ରୁଦ୍ର ହୋମ, ଭାବବିହ୍ୱଳ ଭଜନ ଓ ଗଭୀର ଆନ୍ତରିକ ନିରବତାରେ ଭିଜିଥିବା ଏକ ସନ୍ଧ୍ୟା - ଶିବ ତତ୍ତ୍ୱର ସର୍ବୋଚ୍ଚ ଉତ୍ସବର ଆନନ୍ଦ ସହିତ ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଓ ମାନବତାବାଦୀ ନେତା ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଦିବ୍ୟ ସାନ୍ନିଧ୍ୟ ପାଇପାରିବେ। ମହାଶିବରାତ୍ରି ଗଭୀର ବିଶ୍ରାମ, ଉଚ୍ଚତର ସଚେତନତା ଓ ଆନ୍ତରିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ସୁଯୋଗ ଦେଇଥାଏ। ଆର୍ଟ ଅଫ୍ ଲିଭିଂ ଆନ୍ତର୍ଜାତୀୟ କେନ୍ଦ୍ରରେ ସାରାରାତିର ଉତ୍ସବ ପ୍ରଭାବଶାଳୀ ମନ୍ତ୍ରୋଚ୍ଚାରଣ, ଭବ୍ୟ ବୈଦିକ କ୍ରିୟାକଳାପ ଓ ଆତ୍ମସ୍ପର୍ଶୀ ସଙ୍ଗୀତରୁ ଜନ୍ମ ନେଉଥିବା ଉର୍ଜାମୟ ଓ ଉତ୍ସାହଭରା ପରିବେଶ ପାଇଁ ସାରା ବିଶ୍ୱରେ ପରିଚିତ। ଏହାକୁ ନେଇ ଶ୍ରୀ ଶ୍ରୀ ରବି ଶଙ୍କର କହିଛନ୍ତି ଯେ ଶିବରାତ୍ରୀ ହେଉଛି ଏହି ଭୌତିକ ଜଗତ ଓ ତୁମ ଅନ୍ତର୍ନିହିତ ସୂକ୍ଷ୍ମ ଜଗତ ମଧ୍ୟରେ ଏକ ସେତୁ। ଏହି ଆନ୍ତରିକ ଯାତ୍ରା ବହୁତ ଅଧିକ ବାହ୍ୟ ବ୍ୟସ୍ତତା ବା କୋଳାହଳ ସହିତ ସମ୍ଭବ ନୁହେଁ। ଏହା ଏକ ଆନ୍ତରିକ ସଂଯୋଗର ସ୍ଥାନ, ମନୋରଞ୍ଜନର ନୁହେଁ।

## ନାଲ୍‌କୋ ଓ ଏନ୍‌ଏଲ୍‌ସିଆଇଏଲ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର



ଭୁବନେଶ୍ୱର, ୧୪।୨ (ସମିସ): ଭାରତ ସରକାରଙ୍କ ନବରତ୍ନ ସିପିଏସଇ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ ତଥା ନାଲକୋ ଶନିବାର ଏନଏଲସି ଇଣ୍ଡିଆ ଲିମିଟେଡ୍ (ଏନଏଲସିଆଇଏଲ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ଚୁକ୍ତି ୧୦୮୦ ମେଗାୱାଟ ବିଶିଷ୍ଟ ଥର୍ମାଲ କ୍ୟାପ୍ଟିଭ୍ ପାୱାର ପ୍ରକଳ୍ପ ଏବଂ ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏହି ଚୁକ୍ତି ହୋଇଛି। ତାମିଲନାଡୁର ମହାବଳୀପୁରମଠାରେ ନାଲକୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା ଏବଂ ଏନଏଲସିଆଇଏଲର ସିଏମଡି (ସିଏମଡି) ପ୍ରସନ୍ନ କୁମାର ମୋଟୁପାଲି ଓ ଏନଏଲସିଆଇଏଲ ଅନ୍ୟାନ୍ୟ ନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ଲାଗି ନାଲକୋର କ୍ୟାପ୍ଟିଭ୍ ଏବଂ ଦୀର୍ଘକାଳୀନ ବିଦ୍ୟୁତ୍ ଆବଶ୍ୟକତାକୁ ସହାୟତା କରିବା ଏହି ଚୁକ୍ତିର ଉଦ୍ଦେଶ୍ୟ। ଏହା ଦୀର୍ଘକାଳୀନ ବିଦ୍ୟୁତ୍ ସଂଯୋଗ ଏବଂ କୋଇଲା ଯୋଗାଣ ବ୍ୟବସ୍ଥା ପାଇଁ ଏକ ସଂରଚିତ ଢାଞ୍ଚା ପ୍ରଦାନ କରିବ।

## ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ଜେମ୍‌ଷ୍ଟୋନ୍ ଜୁଏଲାରୀ ଫେଷ୍ଟିଭାଲ




ଭୁବନେଶ୍ୱର, ୧୪।୨ (ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ 'ଜେମଷ୍ଟୋନ ଜୁଏଲାରୀ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ରହିଛି। ଅତି ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ଚିରନ୍ତନ ଶୋଭାର ଏହି ଉତ୍ସବ ଗ୍ରାହକଙ୍କୁ ସୁନା ଏବଂ ମୂଲ୍ୟବାନ ରତ୍ନପଥର, ଅନକଟ୍ ଡାଇମଣ୍ଡ ଏବଂ ପୋଲକି ତଥା ରତ୍ନ ପଥରରେ ନିର୍ମିତ ଚିତ୍ତାକର୍ଷକ ଅଳଙ୍କାରଗୁଡ଼ିକୁ ଦେଖିବାର ସୁଯୋଗ ପ୍ରଦାନ କରୁଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଭୁବନେଶ୍ୱରର ସମସ୍ତ ମ୍ୟାନେଜମେଣ୍ଟ ଟିମ୍ ଏବଂ ମଡେଲମାନଙ୍କ ଉପସ୍ଥିତିରେ ଏହି 'ଜେମଷ୍ଟୋନ୍ ଫେଷ୍ଟ' ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାହକମାନେ ଜେମଷ୍ଟୋନ୍ ଏବଂ ଅନକଟ୍ ଜୁଏଲାରୀର ଗଢ଼ା ମଜୁରୀ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ପୋଲକି ଜୁଏଲାରୀର ଷ୍ଟୋନ୍ ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ସ୍ୱତନ୍ତ୍ର ଅଫରଗୁଡ଼ିକ ସେମାନଙ୍କର ଲୋକପ୍ରିୟ ଇରା, ପ୍ରିସିଆ ଏବଂ ଭିରାଜ କଲେକ୍ସନରେ ଉପଲବ୍ଧ। ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ଅଫର ଉପଲବ୍ଧ। ଗ୍ରାହକମାନେ ମାତ୍ର ୩୦% ଅଗ୍ରୀମ ଦେଇ ନିଜ ପସନ୍ଦର ଅଳଙ୍କାର ବୁକ୍ ମଧ୍ୟ କରିପାରିବେ। ମାଲାବାର ସମ୍ପୂର୍ଣ୍ଣ ଶୁଦ୍ଧତାର ଗ୍ୟାରେଣ୍ଟିର ଦେଉଛି ବୋଲି ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପ୍ରତ୍ୟେକ ଅଳଙ୍କାରରେ ବିଶ୍ୱସନୀୟତା, ସ୍ୱଚ୍ଛତା ଏବଂ ଗୁଣବତ୍ତା ବଜାୟ ରଖି ସବୁଠାରୁ ବିଶ୍ୱସ୍ତ ଅଳଙ୍କାର ଜୁଏଲର ମାନ୍ୟତା ହାସଲ କରିଛି।

### କିଶାନ କ୍ରେଡିଟ କାର୍ଡ ପାଇଁ ଆର୍‌ବିଆଇର ନୂଆ ପ୍ରସ୍ତାବ

# ୬ ବର୍ଷରେ ପରିଶୋଧ କରିପାରିବେ ଋଣ

ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): କିଶାନ କ୍ରେଡିଟ କାର୍ଡ (କେସିସି) ଋଣ ପରିଶୋଧ କରିବା ପାଇଁ ଏଥର ଚାଷୀଙ୍କୁ ୬ ବର୍ଷ ସମୟ ମିଳିବ। କେବଳ ସେତିକି ନୁହେଁ, ପଶୁପାଳନ ଏବଂ ଚାଷ ସହିତ ମାଟି ଯାଞ୍ଚ, ପାଣିପାଗର ପୂର୍ବାନୁମାନ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ମଧ୍ୟ ଆର୍ଥିକ ସହାୟତା ଦିଆଯିବ। କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ଦ୍ୱାରା ଅଣା ଯାଇଥିବା ଚିଠା ପ୍ରସ୍ତାବରେ ଏହି ନିୟମ ରହିଛି। କେସିସି ଯୋଜନାକୁ ଅଧିକ ଉଦାର ଏବଂ ଆଧୁନିକ କରିବାକୁ ଏପରି କରାଯାଇଛି। ଏହା ଉପରେ ଲୋକଙ୍କ ପ୍ରସ୍ତାବ ଆହ୍ୱାନ କରାଯାଇଛି। ମାର୍ଚ୍ଚ ୬ ତାରିଖ ସୁଦ୍ଧା ଏହା ଉପରେ ମତାମତ ଦେଇପାରିବେ। ବାଣିଜ୍ୟିକ ବ୍ୟାଙ୍କ, ସ୍ମଲ ଫାଇନାନ୍ସ ବ୍ୟାଙ୍କ, ରିଜନାଲ ରୁରାଲ ବ୍ୟାଙ୍କ, ରୁରାଲ କୋ-ଅପରେଟିଭ ବ୍ୟାଙ୍କ ଉପରେ ଏହି ନୂଆ ନିୟମ ଲାଗୁ ହେବ।

ଏହି ଚିଠା ପ୍ରସ୍ତାବରେ ଆରିବିଆଇ ଅନେକ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଛି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ କେସିସି ପ୍ରସ୍ତୁତ କରିବାକୁ ଏଭଳି କରାଯାଉଛି। ଫସଲ ଋତୁର ବର୍ଗୀକରଣ କରାଯାଇଛି। କମ ଅବଧିରେ ଫସଲକୁ ୧୨ ମାସ ଏବଂ ଅଧିକ ସମୟର ଫସଲ ପାଇଁ ୧୮ ମାସିଆ ଅବଧି ରଖାଯାଇଛି। ଏହା ଦ୍ୱାରା ସବୁ ବ୍ୟାଙ୍କର ଋଣ ଅନୁମୋଦନ ଏବଂ ରିପେମେଣ୍ଟ ସମୟ ସମାନ ରହିବ। କେସିସିରେ ଋଣ ଅବଧି ବୃଦ୍ଧି ଦ୍ୱାରା ଦୀର୍ଘ ଅବଧିର ଶସ୍ୟ ପାଇଁ ରିପେମେଣ୍ଟ ସହଜ ହେବ। ଡ୍ରଇଁ ଲିମିଟକୁ ପ୍ରତ୍ୟେକ ଫସଲ ଋତୁ ସହ 'ସ୍କେଲ ଅଫ ଫାଇନାନ୍ସ' (ଫସଲ ଉତ୍ପାଦନର ଅସଲ




### ମାଟି ଯାଞ୍ଚ, ଜୈବିକ ଚାଷ ପାଇଁ ମିଳିବ ଅଲଗା ପାଣ୍ଠି

ମୂଲ୍ୟ) ସହ ସଂଯୋଗ କରିଦିଆଯାଇଛି। ଏହା ଦ୍ୱାରା ଚାଷୀଙ୍କୁ ଆବଶ୍ୟକତା ମୁତାବକ ଋଣ ମିଳିପାରିବ। ଚାଷ ଉପକରଣର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ୨୦ ପ୍ରତିଶତ ନିୟମରେ ଏବେ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ବନ୍ଧିତ ବ୍ୟୟକୁ ବି ସାମିଲ କରାଯାଇଛି। ଚିଠା ପ୍ରସ୍ତାବରେ ମୃତ୍ତିକା ପରୀକ୍ଷଣ, ବାସ୍ତବ ସମୟରେ ପାଣିପାଗର ପୂର୍ବାନୁମାନ, ଜୈବିକ ଚାଷ ତଥା ଉତ୍ତମ କୃଷିକାର୍ଯ୍ୟ ପାଇଁ ପ୍ରମାଣପତ୍ର ମିଳିବ। ଏହା ଦ୍ୱାରା ଚାଷୀ ଆଧୁନିକ ଜ୍ଞାନକୌଶଳକୁ ସହଜରେ ଆପଣାଇ ପାରିବ। ଏହି ପରିବର୍ତ୍ତନ ଫଳରେ ଚାଷୀଙ୍କ ଋଣ ପେଠ ଚାପ ହ୍ରାସ ପାଇବ। ଅସଲ ଖର୍ଚ୍ଚ ମୁତାବକ କ୍ରେଡିଟ ଲିମିଟ ରହିବାରୁ ପାଣ୍ଠିର ଅଭାବ ରହିବ ନାହିଁ। ଜ୍ଞାନକୌଶଳ ସମ୍ବନ୍ଧିତ ଖର୍ଚ୍ଚ ପରିସରଭୁକ୍ତ ହୋଇଥିବାରୁ ଜୈବିକ ଚାଷକୁ ପ୍ରୋତ୍ସାହନ ମିଳିବ। ମହଙ୍ଗା ଅନୌପଚାରିକ ଋଣ ଉପରୁ ନିର୍ଭରଶୀଳତା ହ୍ରାସ ପାଇବ।

## ବ୍ରହ୍ମପୁତ୍ର ନଦୀ ତଳେ ହେବ ଦେଶର ପ୍ରଥମ ରାସ୍ତା ଓ ରେଳ ସୁଡ଼ଙ୍ଗ

ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ଆସାମର ବ୍ରହ୍ମପୁତ୍ର ନଦୀ ତଳେ ଦେଶର ପ୍ରଥମ ରୋଡ-କମ-ରେଲ (ରାସ୍ତା ସହ ରେଳ ସୁଡ଼ଙ୍ଗ) ସମେତ ଚାରି ଥାକିଆ ଏକ୍ସପ୍ରେସ-କଣ୍ଟ୍ରୋଲଡ ଗ୍ରୀନଫିଲ୍ଡ କରିଡର ନିର୍ମାଣ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏଥିପାଇଁ ୧୮, ୬୬୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ଭାରତର ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ଅଣ୍ଡରୱାଟର ରୋଡ-କମ-ରେଲ ଟନେଲ ପ୍ରକଳ୍ପ ହେବ। ଏଥିରେ ଗୋଟିଏ ସୁଡ଼ଙ୍ଗରେ ରାସ୍ତା ଓ ରେଳ ଲାଇନ ରହିବ। ଟ୍ରେନ ଏବଂ ଗାଡ଼ି ଏକାଠି ଚାଲିବ। ଏହାକୁ ଇଞ୍ଜିନିୟରିଂ-ପ୍ରୋକ୍ୟୁରମେଣ୍ଟ-କନଷ୍ଟ୍ରକ୍ସନ (ଇପିସି) ଆଧାରରେ ବିକଶିତ କରାଯିବ। ଏହି ପ୍ରକଳ୍ପ ଅଧିନରେ ଗୋହପୁର (ଏନଏଚ-୧୫) ରୁ ନୁମାଲିଗଡ଼ (ଏନଏଚ-୭୧୫) ମଧ୍ୟରେ ୧୫.୭୯ କିମିର ସୁଡ଼ଙ୍ଗ ନିର୍ମାଣ ହେବ। ଏହା ଦ୍ୱାରା ନୁମାଲିଗଡ଼ ଏବଂ ଗୋହପୁର ମଧ୍ୟରେ ଦୂରତା ୨୪୦ କିମିରୁ ହ୍ରାସ ପାଇବ। ସୁଡ଼ଙ୍ଗ ଦ୍ୱାରା ଆସାମ, ଅରୁଣାଚଳ ପ୍ରଦେଶ ଏବଂ ନାଗାଲ ସମେତ ପୂର୍ବୋତ୍ତର ରାଜ୍ୟକୁ ଯୋଗାଯୋଗ ବ୍ୟବସ୍ଥା ମଜବୁତ ହେବ।

### 'ଲୋକଙ୍କ ସରକାର'ଙ୍କ ବାସ୍ତବ ଚିତ୍ର

## ଭତ୍ତା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ପୌର କାର୍ଯ୍ୟାଳୟକୁ ଆସିଲେ ବୃଦ୍ଧ

ପୁରୀ,୧୪।୨(ସମିସ): ରାଜ୍ୟ ସରକାର ନିଜ ପିଠି ଥାପୁଡ଼ାଇବାରେ ବ୍ୟସ୍ତ ଥିବା ବେଳେ ନେତା ମନ୍ତ୍ରୀମାନେ 'ଲୋକଙ୍କ ସରକାର' କହି ଡିଣ୍ଡିମ ପିଟୁଛନ୍ତି। ବାସ୍ତବ ତା କିନ୍ତୁ ପ୍ରଚାରଠାରୁ ଶହେ କୋଷ ଦୂରରେ। ଭତ୍ତା ଟଙ୍କା ଗଣ୍ଡିକ ପାଇଁ ଜଣେ ୮୦ ବର୍ଷର ବୃଦ୍ଧ ଅଟୋଭଡ଼ା କରି ପୌର କାର୍ଯ୍ୟାଳୟରେ ପହଞ୍ଚିବା ଏବଂ କାର୍ଯ୍ୟାଳୟ ମୁଖ୍ୟ ଫାଟକରୁ ଭତ୍ତା ବଣ୍ଟନ ଗୃହକୁ ଗୁରୁଣ୍ଡି ଗୁରୁଣ୍ଡି ଯିବା ଭଳି ଘଟଣା ଏହାର ଅନ୍ୟତମ ପ୍ରମାଣ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ପୁରୀ ପୌର କାର୍ଯ୍ୟାଳୟ ପରିସରରେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ଫାଟକ ନିକଟରେ ଅଟୋରୁ ଓହ୍ଲାଇବା ପରେ ବୃଦ୍ଧଜଣକ ତଳେ ଗୁରୁଣ୍ଡି ଗୁରୁଣ୍ଡି ଭିତରକୁ ଯାଇଥିଲେ। ଭତ୍ତା ଟଙ୍କା ପାଇବା ପରେ ପୁଣି କାର୍ଯ୍ୟାଳୟ ବାହାରକୁ ସେମିତି ଗୁରୁଣ୍ଡିଗୁରୁଣ୍ଡି ଆସିଥିଲେ। ଏହି ବୃଦ୍ଧ ଜଣକ ହେଉଛନ୍ତି ବଳିଆପଣ୍ଡାର ସର୍ବେଶ୍ୱର ମଣ୍ଡଳ।

୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ୩,୫୦୦ ଟଙ୍କାର ଭତ୍ତା ରାଜ୍ୟ ସରକାର ପ୍ରଦାନ କରୁଛନ୍ତି। ହେଲେ ପରିଣତ ବୟସରେ ପହଞ୍ଚିଥିବା ଏହି ବରିଷ୍ଠ ନାଗରିକଙ୍କ ମଧ୍ୟରୁ ଅନେକ ଚଲାବୁଲା କରିବାକୁ ସକ୍ଷମ ନୁହନ୍ତି। ତେଣୁ ସେମାନଙ୍କୁ ପରିବାର ସଦସ୍ୟ ଭତ୍ତା ବଣ୍ଟନ କେନ୍ଦ୍ରକୁ ନେବା ବେଳେ ହଇରାଣ ହୋଇଥା'ନ୍ତି। ସର୍ବେଶ୍ୱର ନିଜେ ଚାଲିବାକୁ ସକ୍ଷମ ନୁହନ୍ତି। ତେଣୁ ପରିବାରର ଦୁଇଜଣ ମହିଳା ଏକ ଅଟୋ କରି ତାଙ୍କୁ ଘରୁ ଆଣିଥିଲେ। ପୌର କାର୍ଯ୍ୟାଳୟ ଫାଟକ ପାଖରୁ ତଳେ ଗୁରୁଣ୍ଡି ଗୁରୁଣ୍ଡି ଯାଇଥିଲେ ସର୍ବେଶ୍ୱର। ଫେରିବା ବେଳେ ସାଥିରେ ଥିବା ଦୁଇ ମହିଳା ତାଙ୍କ ଦୁଇହାତକୁ ଧରି କିଛି ବାଟ ଚାଲି ଆସିଥିଲେ। ହେଲେ ସର୍ବେଶ୍ୱର ଚାଲିପାରୁ ନ ଥିବାରୁ ତଳେ ବସି ଘୁଷୁରି ଘୁଷୁରି କାର୍ଯ୍ୟାଳୟ ଫାଟକ ପାଖକୁ ଆସିଥିଲେ। ପରେ ପରିବାରଲୋକେ ତାଙ୍କୁ ଏକ ଅଟୋ କରି ଘରକୁ ନେଇଥିଲେ। ବଡ଼ କଥା ହେଉଛି ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବହୁତ କମ୍। ତେଣୁ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ପୌର କର୍ମଚାରୀ ସେମାନଙ୍କ ପାଖକୁ ଯାଇ ଭତ୍ତା ଟଙ୍କା ପ୍ରଦାନ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



### ସାଂସଦଙ୍କୁ ଜିଲ୍ଲାପାଳ ନିମନ୍ତ୍ରଣ ନକରିବା ପ୍ରସଙ୍ଗ

## ଏହା ମୋର ନୁହେଁ; ଗୃହକୁ ଅପମାନ: ଦେବାଶିଷ

କଟକ, ୧୪।୨(ସମିସ): କଟକ ଜିଲ୍ଲାପାଳଙ୍କ ବିରୋଧରେ ଆସିଥିବା ପ୍ରୋଟୋକଲ୍ ଉଲ୍ଲଂଘନ ଓ ସ୍ୱାଧିକାର ଭଙ୍ଗ ଅଭିଯୋଗକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇଛି। ଗତ ନେତାଜୀ ଜୟନ୍ତୀ ଅବସରରେ ଉପ-ରାଷ୍ଟ୍ରପତିଙ୍କ କଟକ ଗସ୍ତ ସମୟରେ ସ୍ଥାନୀୟ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରା ନ ଯିବା ଏବଂ ସରକାରୀ ଫଳକରେ ତାଙ୍କ ନାମ ନ ରହିବା ପ୍ରସଙ୍ଗରେ ଆଜି ସାଂସଦ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ଘଟଣା କେବଳ ବ୍ୟକ୍ତିଗତ ଅପମାନ ନୁହେଁ, ବରଂ ସଂସଦୀୟ ଗୃହର ମର୍ଯ୍ୟାଦା ଉପରେ ଆଘାତ। ଜଣେ ଜିଲ୍ଲାପାଳ ଭାବେ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଜଣେ ଦକ୍ଷ ଅଧିକାରୀ ହୋଇପାରନ୍ତି, କିନ୍ତୁ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କିପରି ସରକାରୀ ରୁଲ୍‌ବୁକ୍‌ରେ ଥିବା ପ୍ରୋଟୋକଲ୍‌କୁ ଭୁଲିଗଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ଆହୁରି କହିଛନ୍ତି ଯେ କାର୍ଯ୍ୟକ୍ରମ ପୂର୍ବ ରାତିରେ କେବଳ ଏକ ଇ-ମେଲ୍ ପଠାଇ ଜିଲ୍ଲା ପ୍ରଶାସନ ନିଜ ଦାୟିତ୍ୱ ସାରିଦେଲା। କେବଳ ଏକ ମେଲ୍ ଦେଖି କ'ଣ ଜଣେ ଜନପ୍ରତିନିଧି ନିମନ୍ତ୍ରଣ ବୋଲି ଭାବି ଧାଇଁଯିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଯଦି କେହି କର୍ମଚାରୀ ଏହି ଭୁଲ୍ କରିଛନ୍ତି, ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ? ସେ ସ୍ପଷ୍ଟ କରିଛନ୍ତି ଯେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟ ନିର୍ବାଚିତ ପ୍ରତିନିଧିମାନେ ଏହି ବିଷୟରେ କାହିଁକି ଚୁପ୍ ରହିଲେ, ତାହା ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର। କିନ୍ତୁ, ଅନେକ ସାଂସଦ ତାଙ୍କୁ ଏହି ଲଢ଼େଇରେ ସମର୍ଥନ କରିଛନ୍ତି। ଜିଲ୍ଲାପାଳ ଜଣେ ଜନପ୍ରତିନିଧିଙ୍କୁ ଏଭଳି ଅଣଦେଖା କରି ଯେଉଁ ନୂଆ ଅଧ୍ୟାୟ ସୃଷ୍ଟି କଲେ, ତାହା କଦାପି ଗ୍ରହଣୀୟ ନୁହେଁ। ରାଜ୍ୟସଭା ସଚିବାଳୟର ଏହି ପଦକ୍ଷେପ ପରେ ଏବେ କଟକ ଜିଲ୍ଲାପାଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ଭାବନା ଚର୍ଚ୍ଚା ଜୋର୍ ଧରିଛି।

# ପ୍ରେକ୍ଷାଳୟରେ 'ବର ବଧୂ' ଓ 'ରକ୍ତ ଗୋଲାପ'



ପ୍ରେମ ଦିବସ ଅବସରରେ ମୁକ୍ତିଲାଭ କରିଛି ଦୁଇଟି ଓଡ଼ିଆ ସିନେମା 'ବର ବଧୂ' ଓ 'ରକ୍ତ ଗୋଲାପ'। 'ବର ବଧୂ'ର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀ ନଜର ଆସିଛନ୍ତି। ଏଥିରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ଯୋଡ଼ି ଚର୍ଚ୍ଚା ସାଉଁଟୁଛି। ସିନେମାରେ ଶୈଳେନ୍ଦ୍ର ବିଜୁ ଏବଂ ଶିବାନୀ ସୁମନ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମଟିରେ ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହାର କାହାଣୀରେ ରହିଛି। ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିଛନ୍ତି। ସିନେମାର ନିର୍ଦ୍ଦେଶନାରେ ବିଶ୍ୱରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ।

ସେହିପରି ଏଲିନା ଏବଂ ଅଭିଷେକଙ୍କ ଅଭିନୀତ ସିନେମା 'ରକ୍ତ ଗୋଲାପ'କୁ ବି ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ବିଶେଷକରି ଏହାର 'ମେଘ କଦମ୍ବ...' ଗୀତଟିକୁ ଦର୍ଶକୀୟ ଆଦୃତି ମିଳିଛି। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି। ହର ରଥ, ସମରେଶ, ଉଦିତ, ଚୌଧୁରୀ ଜୟପ୍ରକାଶ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି। ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସ୍‌ପେନ୍ସ-ଥ୍ରୀଲର୍ କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି। ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି। ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା, 'ରକ୍ତ ଗୋଲାପ'କୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଥ୍ରୀଲର୍ ଭାବରେ ପ୍ରତିଷ୍ଠିତ କରିଛି। ■

# ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ 'ଚାରିକାନ୍ଧ'



ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ବିଶ୍ୱନାଥ ରଥଙ୍କ ନିର୍ଦ୍ଦେଶନା ଓ ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ମଧ୍ୟମ ଅବଧିର ଓଡ଼ିଆ ଚଳଚ୍ଚିତ୍ର 'ଚାରିକାନ୍ଧ' ଜାପାନର ହୋକ୍କାଇଡ଼ୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଛି। ଜୀବନର ସାୟାହ୍ନରେ ପହଞ୍ଚିଲା ପରେ ଯେତେବେଳେ ପଛକୁ ଚାହିଁଲେ ଦେଖାଯାଏ -ସ୍ତ୍ରୀ ଚାଲିଯାଇଛି, ପିଲାମାନେ ନିଜ ସଂସାର ନେଇ ସୁଦୂର ବିଦେଶରେ, ଆଉ ଘର କହିଲେ କେବଳ ଚାରିକାନ୍ଥର ଶୂନ୍ୟତା। ଗାଁର ସେଇ ବଡ଼ ପରିବାର ଆଜି ସହରୀ ସଭ୍ୟତାର ଚକାଚକ ମଧ୍ୟରେ ହଜି ଯାଇଛି। ମନରେ ଗୋଟିଏ ପ୍ରଶ୍ନ – 'ଯଦି ଆଜି ମୁଁ ମରିଯାଏ, ମୋ ଶବକୁ କାନ୍ଧ ଦେବ କିଏ?' ବାର୍ଦ୍ଧକ୍ୟ ଅବସ୍ଥାରେ ମନ ଖୋଜେ ଏକ ସାଥି, ନିଜର ଲୋକଙ୍କ ସାହାଯ୍ୟ ଆଉ ସହାୟତା। ସାମ୍ପ୍ରତିକ ସମାଜର କଠୋର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକଲାପଣକୁ ନେଇ ନିର୍ମିତ ଓଡ଼ିଶାର ଏକ ଭିନ୍ନ ଧରଣର ଫିଲ୍ମ 'ଚାରିକାନ୍ଧ'। ଅଠତିରିଶ ମିନିଟ ଫିଲ୍ମଟି ଶତଚାଳିଶରୁ ଅଧିକ ଜାତୀୟ ଏବଂ ଆନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗ ଦେବା ସହିତ ଏକୋଇଶିରୁ ଅଧିକ ପୁରସ୍କାର ସାଉଁଟିଲାଣି। ଏବେ ସିନେମାକୁ ନେଇ ଜାପାନ ଫିଲ୍ମ ଫେଷ୍ଟିଭାଲକୁ ଯାଇଛନ୍ତି ପ୍ରଯୋଜକ ଅତିଶ କୁମାର ରାଉତ। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶୀଲ ମିଶ୍ର , ଗୌରବ ମହାନ୍ତି , ଶିବାନୀ, ପ୍ରଭଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ ପ୍ରତିଭାବାନ କଳାକାର। ଚାରିକାନ୍ଧ ବେଲଜିୟମରେ ପ୍ରଦର୍ଶିତ ହୋଇଥିବା ପ୍ରଥମ ଓଡ଼ିଆ ଫିଲ୍ମ ଭାବେ ଇତିହାସ ରଚିଛି। ■

# 'ତୁ ଖରା ମୁଁ ଛାଇ'ର ତୃତୀୟ ଅଧ୍ୟାୟ ଆରମ୍ଭ

ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ'। ଏହି ଧାରାବାହିକର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଅଭି ଓ ମାନି। ଅକ୍ଷୟ ପରିଜା ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' କାହାଣୀରେ ସାତ ବର୍ଷ ପରେ ଅଭି ଆଉ ସେହି ପୁରୁଣା ମଣିଷ ହୋଇ ରହିନାହିଁ। ମାନିର ମୃତ୍ୟୁ ଖବର ତାକୁ ଏକ ଶାନ୍ତ କିନ୍ତୁ ଭୟଙ୍କର ବ୍ୟକ୍ତିତ୍ୱରେ ପରିଣତ କରିଛି । ସେ ଗମ୍ଭୀର ଏବଂ ସଂଯମ। ଅନ୍ୟପଟେ ମାନି ନିଜର ପୁରୁଣା ସ୍ମୃତିକୁ ହରାଇ ଏକ ଅଲଗା ଦୁନିଆରେ ବଞ୍ଚିଛି। ସେ ମାନସିକ ଅସୁସ୍ଥତା ସହ ସଂଗ୍ରାମ କରିବା ସହିତ ନିଜର ଛଅ ବର୍ଷର ପୁଅ 'ଗୋଲୁ'କୁ ବଡ଼ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛି। ମାଧବ ଚରିତ୍ର ପ୍ରତିଶୋଧ ନେବା ପାଇଁ ମାନିର ମନରେ ଲୁଚି ରହିଥିବା କ୍ରୋଧକୁ ଉସୁକାଉଥିବା ବେଳେ କାହାଣୀରେ ଆରମ୍ଭ ହେଉଛି ଏକ ଭୟଙ୍କର ଷଡ଼ଯନ୍ତ୍ର, ଯାହା ମାନିକୁ ନିଜ ଭାଗ୍ୟ ବିରୁଦ୍ଧରେ ଛିଡ଼ା କରିଦେଇପାରେ। ନାଟକ ପ୍ରିୟ ଗୋଲୁ (ମାନିର ପୁଅ) ନିଜର ବିଭିନ୍ନ ବେଶଭୂଷା ଏବଂ ଚପଳତା ମାଧ୍ୟମରେ ସମସ୍ତଙ୍କ ଜୀବନରେ ଉତ୍ସାହ ଓ ଭରସା ଭରି ଦେଉଛି। ତେବେ କାହାଣୀରେ ଆସୁଛି ଏକ ରୋମାଞ୍ଚକର ଇମୋସନାଲ୍ ଥ୍ରୀଲର। ■



ପରଦା ପଛର କାହାଣୀ

# ଫାଇଟ୍ ଦୃଶ୍ୟ ପାଇଁ ଭୟଭୀତ ଅଲି ହସନ୍



୨୦୨୬ ଜାନୁଆରୀରେ ୨୩ରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବର୍ଡର-୨'। ଫିଲ୍ମଟି ପ୍ରେକ୍ଷାଳୟରେ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା। ଏଥିସହ ବକ୍ସ ଅଫିସ୍‌ରେ ଫିଲ୍ମଟି ମାତ୍ର ୨୦ ଦିନ ମଧ୍ୟରେ ୩୧୬ କୋଟି ଆୟ କରିଛି। ନିକଟରେ ଫିଲ୍ମ ଅଭିନେତା ଅଲି ହସନ୍ ଏଥିରେ ଅଭିନୟ କରିଥିବା ଚରିତ୍ର ସଂପର୍କରେ ରୋଚକୀୟ କଥା କହିଛନ୍ତି। 'ବର୍ଡର-୨'ରେ ସନ୍ନି ଦେଓଲଙ୍କ ସହ ଫାଇଟ୍ ଦୃଶ୍ୟ ସୁଟ୍ କରିବା ତାଙ୍କ ପାଇଁ ଏତେ ସହଜ ନ ଥିଲା। ସେ ଫାଇଟ୍ ଦୃଶ୍ୟ ସୁଟିଂ କରିବାବେଳେ ଅନେକ ଥର ଭୟଭୀତ ହୋଇପଡୁଥିଲେ। କାରଣ ପିଲାବେଳୁ ଯାହାଙ୍କୁ ଟିଭିରେ ଦେଖି ବଡ଼ ହୋଇଛୁ, ତାଙ୍କ ସମ୍ମୁଖରେ ଅଭିନୟ କରିବା ସେତେ ସହଜ ନଥିଲା । କ୍ୟାମେରା ସମ୍ମୁଖରେ ତାଙ୍କ ଆଭା, ଶକ୍ତି ସହ ସମନ୍ୱୟ ରକ୍ଷା କରି ସୁଟିଂ କରିବା ବଡ଼ ଚ୍ୟାଲେଞ୍ଜ୍ ଥିଲା ବୋଲି ଅଭିନେତା ଅଲି ହସନ୍ କରିଛନ୍ତି। ଅବଶ୍ୟ ସେ ଏହା ପୂର୍ବରୁ ସନ୍ନି ଦେଓଲଙ୍କ ସହ ଧାରାବାହିକ ସିଆଇଡିରେ ଅଭିନୟ କରିଛନ୍ତି। ସେ ସମୟରେ ସନ୍ନି ଦେଓଲ ଫିଲ୍ମ ପ୍ରମୋସନ୍ ପାଇଁ ସୁଟ୍ କରିବାକୁ ଆସିଥିଲେ। ଏହାପରେ ପ୍ରାୟ ଏକ ଦଶନ୍ଧି ପରେ ହସନ୍‌ଙ୍କୁ ସନ୍ନି ଦେଓଲଙ୍କ ସହ 'ବର୍ଡର-ଟୁ'ରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ତେବେ ସେଟ୍‌ରେ ସେ ସନ୍ନିଙ୍କ ସହ ପୂର୍ବରୁ ସୁଟ୍ କରିଥିବା ସିଆଇଡିର ଦୃଶ୍ୟ ବା ଫଟୋ ଦେଖାଇଥିଲେ। ଏହାକୁ ଦେଖି ସନ୍ନି ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଅଲି ହସନ୍ ପାକିସ୍ତାନୀ କର୍ଣ୍ଣେଲ ଜାହିର୍ ହୁସେନ୍‌ଙ୍କ ଭୂମିକାରେ ଅଭିନୟ କରିଛନ୍ତି। ■

# ବାହା ହେବେ କୃତିକା



ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ କୃତିକା କମରା ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବେ। ସେ କ୍ରିକେଟ ହୋଷ୍ଟ ଗୌରବ କପୁରଙ୍କୁ ବିବାହ କରିବେ। ତେବେ ଦୁହିଁଙ୍କ ବିବାହ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ରହି ଆସିଛି। ହେଲେ ଦୁହେଁ ଡେଷ୍ଟିନେସନ ବିବାହ କରିବେ ନାହିଁ। ମଡର୍ଣ୍ଣ ଏବଂ ମିନିମଲିଷ୍ଟ ବିବାହ କରିବା ନିଷ୍ପତ୍ତି ନେଇଛନ୍ତି। ଦୁହେଁ ନିଜ ବିବାହ ପ୍ରସ୍ତୁତିରେ ପୂରା ସାମିଲ ଅଛନ୍ତି। ସେମାନେ ପ୍ରତ୍ୟେକ ଛୋଟ ବଡ଼ ଜିନିଷକୁ ବୁଝିବିଚାରି ଯୋଜନା କରୁଛନ୍ତି। ବର୍ତ୍ତମାନର ଦେଖାଣିଆ ବିବାହ ପରିବର୍ତ୍ତେ ସୋନେ ଶାନ୍ତ ବାହାଘର ଚାହୁଁଛନ୍ତି। ଯାହାକି ସେମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିବ। ସେମାନଙ୍କ ପାଇଁ ବାହାଘରର ଅର୍ଥ ବଡ଼ ଆୟୋଜନ ନୁହେଁ, ବରଂ ଏହାର ଗୁରୁତ୍ୱକୁ ବୁଝିବା ଉପରେ ଦୃଷ୍ଟି ଦିଅନ୍ତି। ମୁମ୍ବାଇରେ ହିଁ ଦୁହିଁଙ୍କ ବାହାଘର ହେବ। ସାଜସଜ୍ଜାଠାରୁ ଆରମ୍ଭ କରି ଷ୍ଟାଇଲ୍, ପସନ୍ଦ ସବୁକିଛି ଦୁହିଁଙ୍କ ବ୍ୟକ୍ତିତ୍ୱକୁ ହିଁ ପ୍ରତିଫଳିତ କରିବ ବୋଲି କୁହାଯାଉଛି। ■

## ସାକ୍ଷାତକାର

# "ନିର୍ଭୀକତା ସହ କାମ କଲେ ସଫଳତା ମିଳେ"

**ଲକ୍ଷ୍ମୀପ୍ରିୟା ସାହୁ, ଅଭିନେତ୍ରୀ**



ସେ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଅନେକ ମ ରେ ସେ ଚମ ।ର ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି ହେଲେ ସେ ଭାଗ୍ୟବଶତ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ ୨୦୨ ସିଦ୍ଧାର୍ଥ'ରଜସୁ ରୀ' ରିଆଲିଟି ଶୋ'ର ସେ ବିଜେତା ହୋଇଥିଲେ ପରେ ପରେ ଧାରାବାହିକରେ କାମ କରିବାକୁ ତାଙ୍କୁ ସୁ ।ଗ ମିଳିଲା ବର୍ତ୍ତମାନ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ଦୀପା ଭୂମିକାରେ ଅଭିନୟ କରୁଛନ୍ତି ଏହି ଦୀପ୍ତିମାନ ଅଭିନେତ୍ରୀ ଜଣକ ହେ ଛନ୍ତି ଜଗ ।ଥ ଧାମ ପୁରୀର ଲକ୍ଷ୍ମୀପ୍ରିୟା ସାହୁ ଦୁଇଟି ମ୍ୟୁଜି ଭି ିଓ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲେ ତେବେ ଭବିଷ୍ୟତରେ ଲକ୍ଷ୍ମୀପ୍ରିୟା ଶାସ୍ତ୍ରୀୟ ନୃତ୍ୟ ସହିତ ଅଭିନୟ ।ତ୍ରା ଜାରି ରଖିବେ କି ନାହିଁ ଜାଣିବା ତାଙ୍କ ମୁହଁରୁ

**ଶାସ୍ତ୍ରୀୟ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ବାଛିଲେ?**

● ମୁଁ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ଏହା ସହ ପାର୍ଲର କୋର୍ସ କରିଥିଲି। ହେଲେ ଓଲିଉଡ୍ ନାୟିକା ଏଲିନା ସାମନ୍ତରାୟଙ୍କ 'ଲଭ୍ ଷ୍ଟେସନ୍' ସିନେମାଟି ମୋ ହୃଦୟକୁ ଗଭୀର ଭାବରେ ଛୁଇଁଥିଲା । ସମାନ ସିନେମାକୁ ବାରମ୍ବାର ଦେଖିଲି। ସେଥିରେ ଏଲିନାଙ୍କ ଅଭିନୟ ଓ କଥା କହିବାର ଶୈଳୀରେ ମୁଁ ଅନୁପ୍ରାଣିତ ହୋଇଥିଲି। ତାଙ୍କର ସମସ୍ତ ସଂଳାପ କହିବାକୁ ଲାଗିଲି। ତେଣୁ ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ ୨୦୨୪ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' 'ରଜ ସୁନ୍ଦରୀ'ରେ ଭାଗ ନେଇ ବିଜେତା ହେଲି। ପରେ ପରେ କିଛି ଅଡିସନ୍ ଦେଇଥିଲି। ସୌଭାଗ୍ୟ ବଶତଃ ମୋତେ 'ସାଥି ସାତଜନ୍ମର' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। 'ମା' ତୋ ପଣତରେ ମୋ ଦୁନିଆ' ଓ 'ଫୁଲବାଣୀ' ଦୁଇଟି ମ୍ୟୁଜିକ୍ ଭିଡ଼ିଓରେ ମୁଁ କାମ କରିଛି।

**କ୍ୟାମେରା ସାମ୍ନାରେ ପ୍ରଥମ ସଟ୍ ଓକେ ହୋଇଥିଲା?**

● ନା। ପୂର୍ବରୁ ଏକାଧିକ କ୍ୟାମେରା ସାମ୍ନାରେ ମୁଁ କେବେ କାମ କରି ନ ଥିଲି। କ୍ୟାମେରା ସାଙ୍ଗକୁ ସିନିୟର୍ କଳାକାରମାନଙ୍କୁ ଦେଖି ପ୍ରଥମ ଥର ମୁଁ ବହୁତ ଡରି ଯାଇଥିଲି। ସଂଳାପ କିଛି ମନେ ପଡ଼ି ନଥିଲା। ହେଲେ ସେଟ୍‌ର ସମସ୍ତେ ମୋତେ ସ୍ୱାଭାବିକ କରିଥିଲେ। ଭଲ କାମ କରିବାକୁ ଉତ୍ସାହ ଯୋଗାଇଥିଲେ।

**'ସାଥି ସାତ ଜନ୍ମର'ରେ ଆପଣଙ୍କ ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ଏଥିରେ ମୁଁ ନାୟକର ଭଉଣୀ ଦୀପା ଚରିତ୍ରରେ ଅଭିନୟ କରୁଛି। ଦୀପା ଜଣେ ସାଧାସିଧା ଝିଅ। ସେ ତାର ଦୁଇ ଭାଉଜଙ୍କୁ ସମର୍ଥନ କରୁଛି। ସବୁବେଳେ ସେ ସତ୍ୟପଥରେ ଥାଏ। ଭୁଲ୍‌କୁ ଭୁଲ୍ କହିବାକୁ ସେ କୁଣ୍ଠାବୋଧ କରୁନାହିଁ।

**ସ୍ମରଣୀୟ ମୁହୂର୍ତ୍ତ?**

● ଯେଉଁଦିନ ମୁଁ ଟିଭିରେ ମୋ ନିଜକୁ ଦେଖିଥିଲି ଏତେ ଖୁସି ଲାଗିଥିଲା ଯେ ମୁଁ ଭୋ ଭୋ ହୋଇ କାନ୍ଦିଥିଲି।

**ଆପଣଙ୍କ ପ୍ରେରଣା?**

● ମୋ' ପରିବାର ଲୋକ ଓ ପ୍ରିୟ ବନ୍ଧୁ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ମୋତେ ଖାଲି ବସିବାକୁ ଆଦୌ ଭଲ ଲାଗେନି। କିଛି ନା କିଛି କାମ କରୁଥାଏ। ପ୍ରୋମୋସନ୍, ମଡେଲ ସୁଟ୍, ମଞ୍ଚ ପରିଚାଳନାରେ ସମୟ ବିତାଏ।

**ଲକ୍ଷ୍ମୀପ୍ରିୟା ଏତେ ଫିଟ୍ କେମିତି?**

● ମୁଁ ଜିମ୍ ଯାଏନି। ହେଲେ ଶାସ୍ତ୍ରୀୟ ନୃତ୍ୟ ଯୋଗୁଁ ସର୍ବଦା ମୁଁ ଫିଟ୍ ରହିଥାଏ।

**ଅଭିନୟ ଜୀବନ୍ତ କରିବାକୁ କ'ଣ କରନ୍ତି?**

● ପ୍ରଥମତଃ କଥାବାର୍ତ୍ତା ଶୈଳୀ, ଭାବଭଙ୍ଗୀ, ଷ୍ଟୋରୀ ଲାଇନକୁ ବୁଝିବାକୁ ଗୁରୁତ୍ୱ ଦିଏ। ଅଭିନୟ ମାଧ୍ୟମରେ କେମିତି ଲୋକଙ୍କ ମନ କିଣିପାରିବି ସେ ସବୁ ଦିଗ ପ୍ରତି ଧ୍ୟାନ ଦିଏ। ମୋତେ କ'ଣ ଚରିତ୍ର ମିଳିଛି ସେଥିରେ କେତେ ଭିତରକୁ ଯାଇହେବ ତାହାକୁ ଧ୍ୟାନ ଦିଏ। ମୁଁ ମୋ ରୁମ୍‌କୁ ବନ୍ଦ କରି ଦର୍ପଣ ସାମ୍ନାରେ ସଂଳାପ କହୁଥାଏ।

**ଡ୍ରିମ୍ ରୋଲ?**

● ମୋ' ପାଇଁ କିଛି ଡ୍ରିମ୍ ରୋଲ୍ ନାହିଁ। ହେଲେ ଇଚ୍ଛା ଅଛି ସାରା ଓଡ଼ିଶାରେ ମୋର ପୋଷ୍ଟର ଲାଗୁ। ସାଢ଼େ ଚାରିକୋଟି ଓଡ଼ିଆ ମୋତେ ଜାଣନ୍ତୁ। ଭଲ ଅଭିନୟ ମାଧ୍ୟମରେ ମୁଁ ସେମାନଙ୍କ ମନରେ ମୋ ପାଇଁ ଟିକେ ଭଲ ପାଇବା ପାଇପାରେ।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଯଦି ଏହି ଲାଇନ୍‌ରେ କାମ କରିବାକୁ ଅଛି ତେବେ କାମକୁ ହୃଦୟର ସହ କରନ୍ତୁ। କାମକୁ ଶହେ ପ୍ରତିଶତ କରନ୍ତୁ। ନିର୍ଭୀକତା ସହିତ କାମ କଲେ ସଫଳତା ନିଶ୍ଚୟ ମିଳେ। ■

## ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମୁକାବିଲା ଆଜି

# ସ୍ପିନ୍ ଓ ବର୍ଷା ଭାରତ ରାସ୍ତାରେ ପ୍ରତିବନ୍ଧକ





**କଲମ୍ବୋ,୧୪।୨ (ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତିକ୍ଷୀତ ବିଶ୍ୱକପ୍ କ୍ରିକେଟ ମୁକାବିଲା ଆସନ୍ତାକାଲି କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତ-ପାକିସ୍ତାନ ମୁକାବିଲାକୁ କେବଳ ଉଭୟ ଦେଶ ନୁହେଁ ସମଗ୍ର ବିଶ୍ୱର ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି। ଏପରିକି ଉଭୟ ଦେଶର ଦର୍ଶକ ଏହି ମୁକାବିଲାରେ ବିଜୟକୁ ବିଶ୍ୱକପ୍ ବିଜୟଠାରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଭଳି ସ୍ଥିତିରେ ବାଂଲାଦେଶକୁ ସମର୍ଥନ କରି ଭାରତର ଏହି ମୁକାବିଲାକୁ ବୟକଟ କରିଥିବା ପାକିସ୍ତାନ ସରକାର ମ୍ୟାଚ୍ ଖେଳିବାକୁ ରାଜି ହେବା ପରେ ଏହାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ପରିବର୍ତ୍ତିତ ରାଜିନାମା ଅନୁଯାୟୀ ପାକିସ୍ତାନ ଏହି ବିଶ୍ୱକପ୍‌ରେ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ଏଣୁ ପରିବେଶ, ପିଚ୍ ଓ ଜଳବାୟୁ ସମ୍ପର୍କରେ ପାକିସ୍ତାନ ଖେଳାଳିମାନେ ଆଗୁଆ ଅବଗତ ହୋଇସାରିଛନ୍ତି। ଏହି ବିଭାଗରେ ଭାରତ ଅପେକ୍ଷା ପାକିସ୍ତାନକୁ ଫାଇଦା ମିଳିବ। ପାକିସ୍ତାନର ଆଉ ଏକ ବଡ଼ ଫାଇଦା ହେଉଛି ଏଠିକାର ମନ୍ଥର ୱିକେଟରେ ସ୍ପିନରଙ୍କ ଦବ୍‌ଦବା। ପାକିସ୍ତାନ ଏଠାରେ ଖେଳିଥିବା ୨ଟି ମ୍ୟାଚ୍‌ରେ ସ୍ପିନରମାନେ ପ୍ରଭାବ ବିସ୍ତାର କରିଛନ୍ତି। ଏପରିକି ଏମାନଙ୍କୁ ମିଡିଲ ଓଭରରେ ଖେଳିବା କଷ୍ଟକର ହେଉଛି। ଭାରତ ବିପକ୍ଷରେ ଏହା ମ୍ୟାଚ୍ ଜିତିବାରେ ବଡ଼ ପ୍ରତିବନ୍ଧକ ହୋଇପାରେ। ଆଉ ଏକ ପ୍ରତିବନ୍ଧକ ହେଉଛି ବର୍ଷା। ଏଠାରେ ଆସନ୍ତାକାଲି ମଧ୍ୟମରୁ ପ୍ରବଳ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଣୁ କହିବାକୁ ଗଲେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଜିତିବାକୁ ହେଲେ ଭାରତ ଆଗରେ ସ୍ପିନ୍‌ର ଓ ବର୍ଷା ମୁଖ୍ୟ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି।

### ● ସ୍ପିନ୍ ବିପକ୍ଷରେ ଭାରତ ଦୁର୍ବଳ

କୁହାଯାଏ ଭାରତୀୟ ଉପମହାଦେଶୀୟ ପିଚ୍‌ରେ ବିଦେଶୀ ଦଳଗୁଡିକ ସ୍ପିନ୍ ବୋଲିଂକୁ ମୁକାବିଲା କରିବାରେ ଅସୁବିଧା ଭୋଗିଥାନ୍ତି। ଭାରତକୁ ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଏହାକୁ ଭୁଲ ପ୍ରମାଣିତ କରିଛି। ଏବେ ଭାରତୀୟମାନେ ସ୍ପିନ ବୋଲିଂ ବିପକ୍ଷରେ ଭଲ ଖେଳିପାରୁ ନାହାନ୍ତି। ଏହି ବିଶ୍ୱକପ୍‌ରେ ମଧ୍ୟ ତାହାର ଏକ ଝଲକ ଦେଖିବାକୁ ମିଳିଛି। ଗ୍ରୁପ୍‌ରେ ଦୁଇ ଦୁର୍ବଳ ଦଳ ଭାବେ ବିବେଚିତ ୟୁଏସ୍ଏ ଓ ନାମିବ୍ୟା ବିପକ୍ଷରେ ଭାରତ ବିଜୟୀ ହୋଇଛି ସତ, କିନ୍ତୁ ଦଳ ୯ଟି ଲେଖାଏଁ ୧୮ଟି ୱିକେଟ ହରାଇଛି। ଏହା ମଧ୍ୟରୁ ସ୍ପିନରମାନେ ୮ଟି ୱିକେଟ ନେଇଛନ୍ତି। ୱିକେଟପ୍ରତି ୧୨.୨୩ ହାର ଓ ୯୯ ଷ୍ଟ୍ରାଇକ୍‌ରେଟ୍‌ରେ ଭାରତୀୟ ବ୍ୟାଟର ରନ୍ ସଂଗ୍ରହ କରିଛନ୍ତି। ଅନ୍ୟ ପକ୍ଷରେ ପେସ୍ ବୋଲିଂ ବିପକ୍ଷରେ ୱିକେଟ ପ୍ରତି ୫୦ ହାରରେ ଓ ୧୮୨ ଷ୍ଟ୍ରାଇକ୍ ରେଟ୍‌ରେ ରନ ମିଳିଛି। ଏଣୁ ଭାରତୀୟମାନେ ସ୍ପିନରଙ୍କ ବିପକ୍ଷରେ କେତେ ଦୁର୍ବଳ ଏଥିରୁ କିଛି ସୂଚନା ମିଳୁଛି। ଚଳିତ ବିଶ୍ୱକପ୍‌ରେ ଏଠାରେ ୩ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ସ୍ପିନରମାନେ ୨୦ଟି ୱିକେଟ ନେଇଛନ୍ତି। ଏପରିକି ରାତିରେ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ସ୍ପିନରଙ୍କୁ ୧୦ଟି ୱିକେଟ ମିଳିଥିଲା। ଭାରତ ଓ ପାକିସ୍ତାନ ମୁକାବିଲା ମଧ୍ୟ ରାତି ୭ଟାରୁ ଆରମ୍ଭ ହେବ। ପାକିସ୍ତାନ ଏହି ମ୍ୟାଚ୍‌ରେ ଆମେରିକା ମୁକାବିଲା ଭଳି ୪ କିମ୍ବା ୫ଜଣ ସ୍ପିନରଙ୍କୁ ଖେଳାଇବାକୁ ସୁଯୋଗ ଦେଇପାରେ। ମିଷ୍ଟ୍ରି ସ୍ପିନର ଆବ୍ରାର ଅହମ୍ମଦ୍, ବାମହାତୀ ସ୍ପିନର ମହମ୍ମଦ୍ ନୱାଜ, ଲେଗ୍ ସ୍ପିନର ସଦାବ ଖାନ୍ ଏବଂ ଅଣପାରମ୍ପରିକ ଶୈଳୀରେ ବୋଲିଂ କରୁଥିବା ଉସ୍‌ମାନ ତାରିକ୍ ଏହି ମ୍ୟାଚ୍‌ରେ ପାକିସ୍ତାନର ଟ୍ରମ୍ପକାର୍ଡ ସାଜିବେ।

### ● ପିଚ୍‌ରେ ୧୭୦ରୁ ୧୯୦ ବଡ଼ ସ୍କୋର

ରଣସିଂହେ ପ୍ରେମଦାସା ପିଚ୍ ଅତ୍ୟନ୍ତ ମନ୍ଥର ରହିଛି। କିନ୍ତୁ ବଲ ଅଧିକ ଟର୍ଣ୍ଣ ନେଉନାହିଁ। ବ୍ୟାଟରଙ୍କୁ ହାତଖୋଲା ସଟ୍ ଖେଳିବାରେ ଆଦୌ ସହାୟକ ହେଉନାହିଁ। ଏପରିକି ଏଠାରେ ଖେଳାଯାଇଥିବା ୩ଟି ମ୍ୟାଚ୍‌ରେ ଜିତିଥିବା ଦଳ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମିଡିଲ ଓଭରରେ ଗୋଟିଏ ହେଲେ ଛକା ମାରି ନାହାନ୍ତି। ଏଠାରେ ୭ମରୁ ୧୬ତମ ଓଭରରେ ଦଳଗୁଡିକ ୭.୪ ହାରରେ ରନ୍ ସଂଗ୍ରହ କରିଛନ୍ତି। ପାୱାର ପ୍ଲେ'ରେ କମ୍ ୱିକେଟ ଓ ଅଧିକ ରନ୍ ମିଳିଛି। ଏଣୁ ଷ୍ଟ୍ରୋକ୍‌ମେକରଙ୍କ ଲାଗି ପାୱାର ପ୍ଲେରେ ଦ୍ରୁତ ରନ୍ ସଂଗ୍ରହ କରିବା ସହଜ ହେବ। ଭାରତୀୟ ଦଳରେ ତିଲକ ବର୍ମା ଏବଂ ଯଦି ଖେଳିବାର ସୁଯୋଗ ପାଆନ୍ତି ତେବେ ସଞ୍ଜୁ ସାମସନ ମିଡିଲ ଓଭରରେ ଭଲ ଖେଳିବେ। ଚଳିତ ବିଶ୍ୱକପ୍‌ରେ ଏଠାରେ ସର୍ବାଧିକ ୧୮୨ ରନ୍ ଅଷ୍ଟ୍ରେଲିଆ ସଂଗ୍ରହ କରିଛି। ଏଣୁ ସ୍ପିନରଙ୍କ ନିୟନ୍ତ୍ରଣରେ ଥିବା ଏହି ପିଚ୍‌ରେ ୧୭୦ରୁ ୧୯୦ ରନ୍ ବଡ଼ ସ୍କୋର ଭାବେ ବିବେଚିତ ହେବ। ଉଭୟ ଦଳରେ ଏକାଧିକ ପାୱାର ହିଟର ଅଛନ୍ତି। ଏମାନଙ୍କ ବ୍ୟାଟ କଥା କହିଲେ, ୨୫୦ ରନ୍ ମଧ୍ୟ ଡିଫେଣ୍ଡ କରିବା କଷ୍ଟକର ହୋଇପାରେ।

### ● ବାଧାପ୍ରାପ୍ତ ହୋଇପାରେ ମୁକାବିଲା

କଲମ୍ବୋରେ ଆସନ୍ତାକାଲି ରାତିରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଶ୍ରୀଲଙ୍କାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ଆକାଶରେ ବାଦଲ ଢ଼ାଙ୍କିହୋଇ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷା ହେବାର ସମ୍ଭାବନାକୁ ଆଦୌ ଏଡ଼ାଇଦେଇହେବ ନାହିଁ। ଏଭଳି ସ୍ଥିତିରେ ଏହି ମ୍ୟାଚ୍ ଦେଖିବାକୁ ଭାରତରୁ ଯାଇଥିବା ୧୬,୦୦୦ ଦର୍ଶକ ଆଶଙ୍କା ମଧ୍ୟରେ ରହିଛନ୍ତି। ପ୍ରେମଦାସା ଷ୍ଟାଡିୟମ୍‌ରେ କ୍ଷମତା ହେଉଛି ୨୮,୦୦୦। ଏଠାରେ ମ୍ୟାଚ୍ ହେଲେ ଭାରତରେ ଖେଳ ହେଉଛି ବୋଲି ଜଣାଯିବ। କିନ୍ତୁ ମ୍ୟାଚ୍ ନ ହେଲେ କେବଳ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ନୁହଁନ୍ତି, ଟେଲିଭିଜନ ଏବଂ ଅନ୍ୟାନ୍ୟ ଆପ୍‌ରେ ଖେଳ ଦେଖିବାକୁ ଅପେକ୍ଷା କରିଥିବା ଦର୍ଶକ ଯେ ନିରାଶ ହେବେ ଏହା ନିଃସନ୍ଦେହରେ କୁହାଯାଇପାରେ।

## ସେଦିନ ବି ଥିଲା 'ଜାଗର': ଧୂଳି ଚାଟିଥିଲା ପାକିସ୍ତାନ

ପୁଣିଥରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ମହା ଶିବରାତ୍ରି ଅର୍ଥାତ ଜାଗରରେ ଆଉ ଏକ ବିଶ୍ୱକପ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ରବିବାର ସାରା ଦେଶରେ ଜାଗର ପାଳନ କରାଯିବ। ଏହି ଦିନ ଦୁଇ ଦେଶ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ପାଖାପାଖି ୨୩ ବର୍ଷ ତଳେ ଜାଗର ଦିନ ୨୦୦୩ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ପୁଲ୍ ଏ'ର ଏକ ମୁକାବିଲାରେ ଦୁଇ ଦେଶ ପରସ୍ପରକୁ ଭେଟିଥିଲେ। ମାର୍ଚ୍ଚ ୧ରେ ଅନୁଷ୍ଠିତ ଏହି ରୋମାଞ୍ଚକ ମୁକାବିଲାରେ ଭାରତ ୨୬ଟି ବଲ ବାକି ରଖି ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା। ପୁଣିଥରେ ଭାରତ ଏଥର ସେହି ପ୍ରଦର୍ଶନକୁ ଦୋହରାଇବ ବୋଲି ଆଶା କରାଯାଉଛି। ୨୦୦୩ରେ ଦକ୍ଷିଣ ଆଫ୍ରିକାର ସେଞ୍ଚୁରିସଆନରେ ଟସ୍ ଜିତି ପାକିସ୍ତାନ ଓପନର ସଇଦ ଅନୱାରଙ୍କ ୧୦୧ ରନର ଶତକୀୟ ପାଳି ବଳରେ ୭ ୱିକେଟ ହରାଇ ୨୭୩ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ସଚିନ ତେନ୍ଦୁଲକରଙ୍କ ୯୮ ରନର ଧୂଆଁଧାର ପାଳି (୭୫ ବଲ, ୧୨ ଚୌକା, ୧ ଛକା) ଓ ଯୁବରାଜ ସିଂହଙ୍କ ଅପରାଜିତ ୫୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୪୫.୪ ଓଭରରେ ୪ ୱିକେଟ ହରାଇ ୨୭୬ ରନକରି ବାଜି ମାରିଥିଲା। ସଚିନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ଭାରତ -୧୨, ପାକିସ୍ତାନ-୩

ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୦୭ ବିଶ୍ୱକପ୍‌ରୁ ଟି-୨୦ ଫର୍ମାଟରେ ମୁକାବିଲା ହୋଇଆସୁଛି। କଲମ୍ବୋରେ ଆସନ୍ତାକାଲି ଖେଳାଯିବାକୁ ଥିବା ମୁକାବିଲା ପୂର୍ବରୁ ଉଭୟ ଦଳ ପରସ୍ପର ସହ ୧୬ଥର ସାମ୍ନାସାମ୍ନି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲାବେଳେ ପାକିସ୍ତାନ ୩ଟିରେ ଜିତିଛି। ୨୦୦୭ ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲାବେଳେ ବୋଲ୍‌ଆଉଟରେ ଭାରତ ଏହି ମ୍ୟାଚ୍‌କୁ ମଧ୍ୟ ଜିତିନେଇଥିଲା। ଟି-୨୦ ବିଶ୍ୱକପ୍‌ରେ ଉଭୟ ଦେଶ ୮ଥର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଭାରତ ଗୋଟିଏ ବୋଲ ଆଉଟ ମ୍ୟାଚ୍‌କୁ ମିଶାଇ ୭ଥର ଓ ପାକିସ୍ତାନ ଥରେ ବିଜୟୀ ହୋଇଛି। ସେହିପରି ଦିନିକିଆ ଫର୍ମାଟରେ ଭାରତ ଓ ପାକିସ୍ତାନ ପରସ୍ପର ସହ ୮ଥର ଲଢ଼େଇ କରିଛନ୍ତି। ସମସ୍ତ ୮ଟି ଯାକ ମୁକାବିଲାରେ ଭାରତ ବିଜୟୀ ହୋଇଛି।

### ଭାରତ-ପାକ୍ ଟି-୨୦ ବିଶ୍ୱକପ୍ ଫଳାଫଳ

| ବିଶ୍ୱକପ୍ | ଭେନ୍ୟୁ | ଫଳାଫଳ |
|---|---|---|
| ୨୦୦୭ | ଡର୍ବାନ | ମ୍ୟାଚ୍ ଟାଇ/ଭାରତ ବୋଲଆଉଟରେ ବିଜୟୀ |
| ୨୦୦୭ | ଜୋହାନ୍ସବର୍ଗ | ଭାରତ ୫ରନ୍‌ରେ ବିଜୟୀ |
| ୨୦୧୨ | କଲମ୍ବୋ | ଭାରତ ୮ ୱିକେଟରେ ବିଜୟୀ |
| ୨୦୧୪ | ମୀରପୁର | ଭାରତ ୭ ୱିକେଟରେ ବିଜୟୀ |
| ୨୦୧୬ | କୋଲକାତା | ଭାରତ ୬ ୱିକେଟରେ ବିଜୟୀ |
| ୨୦୨୧ | ଦୁବାଇ | ପାକିସ୍ତାନ ୧୦ ୱିକେଟରେ ବିଜୟୀ |
| ୨୦୨୨ | ମେଲବୋର୍ଣ୍ଣ | ଭାରତ ୪ ୱିକେଟରେ ବିଜୟୀ |
| ୨୦୨୪ | ନ୍ୟୁୟର୍କ | ଭାରତ ୬ ରନ୍‌ରେ ବିଜୟୀ |
| ୨୦୨୬ | କଲମ୍ବୋ | -------- |

| | | |
|---|---|---|
| ଖେଳ ଆରମ୍ଭ | : | ରାତି ୭ଟା |
| ଭେନ୍ୟୁ | : | ପ୍ରେମଦାସା ଷ୍ଟାଡିୟମ୍ |
| ପ୍ରସାରଣ | : | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |
| ଲାଇଭ୍ ଷ୍ଟ୍ରିମିଂ | : | ଜିଓହଟ୍‌ଷ୍ଟାର |

### ଉଭୟ ଦଳ

**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶ୍‌ପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

**ପାକିସ୍ତାନ:** ସାହିବଜାଦା ଫରହାନ, ସାଏମ ଆୟୁବ, ବାବର ଆଜମ, ଫକର ଜମାନ, ସଲ୍‌ମାନ ଅଲି ଆଘା (ଅଧିନାୟକ), ଉସ୍‌ମାନ ଖାନ୍ ଓ ଖ୍ୱାଜା ନାଫୟ (ଉଭୟ ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ସଦାବ ଖାନ୍, ଆବ୍ରାର ଅହମ୍ମଦ୍, ଉସ୍‌ମାନ ତାରିକ୍, ସଲମାନ ମିର୍ଜା, ଫହୀମ୍ ଆଶ୍ରଫ, ସାହିନ ଆଫ୍ରିଦୀ, ନସୀମ ଶାହ।



### ଆଜିର ବିଶ୍ୱକପ୍ ମ୍ୟାଚ୍

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ୱେଷ୍ଟଇଣ୍ଡିଜ୍-ନେପାଳ | ପୂର୍ବାହ୍ନ ୧୧ଟା | ମୁମ୍ବଇ |
| ଆମେରିକା-ନାମିବ୍ୟା | ଅପରାହ୍ଣ ୩ଟା | ଚେନ୍ନଇ |
| ଭାରତ-ପାକିସ୍ତାନ | ରାତି ୭ଟା | କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ତନ୍ମୟୀଙ୍କ ଶତକ; ଓଡ଼ିଶା ବିଜୟୀ



ଭୁବନେଶ୍ୱର, ୧୪।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ କ୍ରିକେଟ୍‌ରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨ ୱିକେଟ୍‌ରେ ରୋମାଞ୍ଚକ ଭାବେ ପୁଡୁଚେରୀକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁଡୁଚେରୀ ୪୮.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଯୁବାଶ୍ରୀ (୭୬ ରନ) ଓ ସୋନାଲ (୬୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଓଡ଼ିଶାର ରୀମାଲକ୍ଷ୍ମୀ ଏକ୍କା ୩ଟି ଓ ପଦାର୍ପଣକାରୀ ନିବେଦିତା ଜନ ନାଏକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ତନ୍ମୟୀ ବେହେରା (୧୦୨ ବଲରେ ୧୦୩ ରନ)ଙ୍କ ଦମ୍‌ଦାର ଶତକ ବଳରେ ଓଡ଼ିଶା ୪୯.୪ ଓଭରରେ ୮ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରିତା ମେହେର ୪୮, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩୦ ରନର ଉପଯୋଗୀ ପାଳି ଖେଳିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ତନ୍ମୟୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

## ୟୁରୋପୀୟ ଦେଶ ବିପକ୍ଷରେ ଇଂଲଣ୍ଡର ପ୍ରଥମ ବିଜୟ

**କୋଲକାତା, ୧୪।୨ (ଏଜେନ୍ସି):** ଟି-୨୦ ବିଶ୍ୱକପ୍‌ରେ ୟୁରୋପୀୟ ଦେଶ ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି ଇଂଲଣ୍ଡ। ଐତିହାସିକ ଇଡେନ ଗାର୍ଡେନ୍ସରେ ଶନିବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଇଂଲଣ୍ଡ ୫ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଅଧିନାୟକ ରିଚି ବେରିଙ୍ଗଟନଙ୍କ ୪୯ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ୧୯.୪ ଓଭରରେ ୧୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଇଂଲଣ୍ଡର ଆଦିଲ ରଶିଦଙ୍କୁ ୩ଟି ଏବଂ ଜୋଫ୍ରା ଆର୍ଚର ଓ ଲିଆମ ଡଶନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ୧୦ଟି ବଲ୍ ଓ ୫ଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲକ୍ଷ୍ୟ ହାସଲ କରିନେଇଥିଲା। ଟମ୍ ବାନଟନ୍ ସର୍ବାଧିକ ୬୩, ଜାକବ ବେଥେଲ ୩୨, ସାମ କରନ ୨୮, ୱିଲ ଜ୍ୟାକ୍ସ ୧୬ ରନ କରିଥିଲେ। ଦୁଇ ଓପନର ଫିଲ୍ ସଲ୍ଟ (୨ ରନ) ଓ ଜୋଶ୍ ବଟଲର (୩ ରନ) ନିରାଶ କରିଥିଲେ। ବାନଟନ ତାଙ୍କ ୪୧ ବଲ୍ ପାଳିରେ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ଇଂଲଣ୍ଡ ୪ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ସ୍କଟଲାଣ୍ଡ ୩ୟ ମ୍ୟାଚରୁ ୨ୟ ପରାଜୟବରଣ କରିଛି। ଟି-୨୦ ବିଶ୍ୱକପ୍ ଇତିହାସରେ ୟୁରୋପୀୟ ରାଷ୍ଟ୍ର ବିପକ୍ଷରେ ଇଂଲଣ୍ଡ ୬ଷ୍ଠ ମ୍ୟାଚରୁ ପ୍ରଥମ ବିଜୟ ହାସଲ କରିଛି। ଏଥିପୂର୍ବରୁ ଇଂଲଣ୍ଡ ୨୦୦୯ ବିଶ୍ୱକପ୍‌ରେ ନେଦରଲାଣ୍ଡସ (୪ ୱିକେଟ୍), ୨୦୧୪ ସଂସ୍କରଣରେ ନେଦରଲାଣ୍ଡସ (୪୫ ରନ) ଓ ୨୦୨୨ରେ ଆୟର୍ଲାଣ୍ଡ (ଡିଏଲ୍ ୫ ୱିକେଟ୍) ନିକଟରୁ ପରାସ୍ତ ହୋଇଥିଲା। ସେହିଭଳି ଆୟର୍ଲାଣ୍ଡ (୨୦୧୦) ଓ ସ୍କଟଲାଣ୍ଡ (୨୦୨୪) ବିପକ୍ଷରେ ଇଂଲଣ୍ଡର ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୯୬ ରନରେ ଓମାନକୁ ହରାଇ ପ୍ରଥମ ବିଜୟ ପାଇଛି। ଅଧିନାୟକ ଲୋରକାନ ଟକର ୯୪ ରନ କରି ଆୟର୍ଲାଣ୍ଡ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ।

### ମାର୍କରମଙ୍କ ରେକର୍ଡ ଅର୍ଦ୍ଧଶତକ

**ଅହମ୍ମଦାବାଦ, ୧୪।୨ (ଏଜେନ୍ସି):** ଅଧିନାୟକ ଆଇଡେନ ମାର୍କରମଙ୍କ ରେକର୍ଡ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ଚଳିତ ଟି-୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ ବିଜୟ ସ୍ୱାଦ ଚାଖିଛି। ଶନିବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୭ ୱିକେଟରେ ୧୭୫ ରନ କରିଥିଲା। ମାର୍କ ଚାପମାନ ୪୮, ଡାରୀଲ ମିଚେଲ ୩୨, ଫିନ ଆଲେନ ୩୧ ରନର ପାଳି ଖେଳିଥିଲେ। ପ୍ରତିପକ୍ଷ ବାମହାତୀ ଦ୍ରୁତ ବୋଲର ମାର୍କୋ ଜାନସେନଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାର୍କରମ ସର୍ବାଧିକ ଅପରାଜିତ ୮୬ ରନ କରିଥିଲେ। ୧୯ ବଲରେ ଅର୍ଦ୍ଧଶତକ ହାସଲ କରି ମାର୍କରମ ଟି-୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବ୍ୟାଟର ଭାବେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ କ୍ୱିଣ୍ଟନ ଡି କକ୍ (୨୧ ବଲ୍)ଙ୍କ ନାମରେ ରହିଥିଲା। ହ୍ୟାଟ୍ରିକ ବିଜୟ ସହ ୬ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା ଗ୍ରୁପ୍-ଡି'ରେ ଶୀର୍ଷକୁ ଉଠିଛି। ଅପରପକ୍ଷରେ ୩ ମ୍ୟାଚରୁ ପ୍ରଥମ ପରାଜୟ ସହ ୪ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ୨ୟ ସ୍ଥାନରେ ରହିଛି।

## ଏଫ୍ଆଇଏଚ୍ ପ୍ରୋ ଲିଗ୍: ଭାରତର ହ୍ୟାଟ୍ରିକ ପରାଜୟ

**ରାଉରକେଲା, ୧୪।୨ (ସମିସ):** ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଘରୋଇ ଭାରତ ହ୍ୟାଟ୍ରିକ ପରାଜୟବରଣ କରିଛି। ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚରେ ଶକ୍ତିଶାଳୀ ବେଲ୍‌ଜିୟମ ୪-୨ ଗୋଲରେ ଭାରତକୁ ମାତ୍ ଦେଇଛି। ଚଳିତ ପ୍ରୋ ଲିଗ୍‌ରେ ବେଲ୍‌ଜିୟମଠାରୁ ଭାରତର ଏହା ଦ୍ୱିତୀୟ ପରାଜୟ। ଏଥିପୂର୍ବରୁ ଭାରତ ଏହି ଗ୍ରାଉଣ୍ଡରେ ୩-୧ ଗୋଲରେ ହାରିଥିଲା। ସେହିଭଳି ଆର୍ଜେଣ୍ଟିନା ନିକଟରୁ ମଧ୍ୟ ଭାରତ ୮-୦ ଗୋଲରେ ଲଜ୍ଜାଜନକ ଭାବେ ପରାଜୟବରଣ କରିଥିଲା। ହରମନପ୍ରୀତ୍ ସିଂହ ନେତୃତ୍ୱାଧୀନ ଭାରତ କ୍ରମାଗତ ୩ଟି ମ୍ୟାଚ୍ ହାରି ପଏଣ୍ଟ ଖାତା ଖୋଲିପାରିନି। ଅପରପକ୍ଷରେ ବେଲ୍‌ଜିୟମ ୮ମ ମ୍ୟାଚରୁ ୭ମ ବିଜୟ ଓ ଗୋଟିଏ ଡ୍ର ସହ ୨୨ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ରାଉରକେଲା ପର୍ଯ୍ୟାୟରେ ଭାରତ ଏହାର ଶେଷ ମ୍ୟାଚରେ ରବିବାର ପୁଣିଥରେ ଆର୍ଜେଣ୍ଟିନାକୁ ଭେଟିବ। ଅପରପକ୍ଷରେ ଶନିବାର ବେଲ୍‌ଜିୟମ ବିପକ୍ଷରେ ଖେଳି ଅମନଦୀପ୍ ଲାକ୍ରା ତାଙ୍କ ସିନିଅର ପଦାର୍ପଣ କରିଛନ୍ତି।

### ● ନିରଞ୍ଜନ ବେହେରା ଶ୍ରେଷ୍ଠ ଖେଳାଳି

## ତମାଣ୍ଡୋ କ୍ରିକେଟ କ୍ଲବ୍‌ର ୨ୟ ବିଜୟ

ଭୁବନେଶ୍ୱର,୧୪।୨(ସମିସ): ବିଜେତା ୱାରିୟର୍ସକୁ ୪ ୱିକେଟରେ ପରାସ୍ତ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଆୟୋଜକ ଟିସିସି ସେମିଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ କରିଛି। ତମାଣ୍ଡୋ ଖେଳ ପଡ଼ିଆରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିଜେତା ୱାରିୟର୍ସ ୧୯.୧ ଓଭରରେ ୧୪୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ନିରଞ୍ଜନ ବେହେରା ସର୍ବାଧିକ ୩ଟି ଓ ସୁଶିଲ ବାରିକ ୨ଟି ୱିକେଟ ନେଇଥିଲେ। ୱାରିୟର୍ସ ପକ୍ଷରୁ ଜି ଲାବନ ୫୦ ଓ ଆଦର୍ଶ ବର୍ମା ୫୨ ରନ୍ କରିଥିଲେ। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୦.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୨୩ ବଲ୍‌ରେ ୩୭, ସିଦ୍ଧାନ୍ତ ଜେନା ୧୦ ବଲ୍‌ରେ ୩୨ ଓ ସୟଦ ଜାକି ୫ ବଲ୍‌ରେ ୩ଟି ଛକା ଓ ଗୋଟିଏ ଚୌକା ସହ ଅପରାଜିତ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପ୍ରଶାନ୍ତଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ଆଜିର ମ୍ୟାଚ୍‌ରେ ୱାର୍ଡ ନଂ-୫୨ର କର୍ପୋରେଟର ଧୀରେନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଆସନ୍ତାକାଲି ସମ୍ବଲପୁରର ଏମ୍ଏମସିସି ଓ କାକଟପୁରର ଏମ୍‌ସିସି ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।




## ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟ୍‌ବଲ




ଭୁବନେଶ୍ୱର, ୧୪।୨ (ସମିସ): ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଅଲ୍‌ଓଡ଼ିଶା ଫୁଟ୍‌ବଲ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୧୫ରୁ ଆରମ୍ଭ ହେବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର ସିଟି କ୍ଲବ ଏବଂ ଭୁବନେଶ୍ୱର ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବଛାବଛା ୮ଟି ଦଳ ଅଂଶଗ୍ରହଣ କରିବେ। ସେହି ଦଳଗୁଡ଼ିକ ହେଲା କିଶୋର କ୍ଲବ, ମଙ୍ଗଳା କ୍ଲବ, ସମଲେଶ୍ୱରୀ ସ୍ପୋର୍ଟିଂ, ୟୁନିଟ୍-୬ ଆଥଲେଟିକ ଆସୋସିଏସନ, ରାଉରକେଲା ରେଡ୍ ୟୁନାଇଟେଡ୍, ୟୁନାଇଟେଡ୍ ଏଫ୍‌ସି, ହରି ପ୍ଲାଷ୍ଟ ଟାଇଟନ୍ସ ଓ ରାଧାମୋହନ କ୍ଲବ। ନକ୍‌ଆଉଟ୍ ଭିତ୍ତିରେ ମ୍ୟାଚଗୁଡ଼ିକ ଖେଳାଯିବ। ମାର୍ଚ୍ଚ ୨୨ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ଏଥିରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଶନିବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ସୂଚନା ଦେଇଛନ୍ତି। ପୂର୍ବତନ ଭାରତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରଖାଯାଇଛି। ଆଗାମୀ ଦ୍ୱିତୀୟ ସଂସ୍କରଣରେ ଜାତୀୟସ୍ତରର ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଦୀପ ରାଉତରାୟ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହିଥିଲେ।

### ଭାଗନେବେ ୮ ଦଳ; ୧୦ ଲକ୍ଷ ପୁରସ୍କାର

### ● ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍

## ଭୁବନେଶ୍ୱର ବାର୍ ଚାମ୍ପିଅନ

**ଭୁବନେଶ୍ୱର, ୧୪।୨ (ସମିସ):** ସ୍ଥାନୀୟ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ୧୧ତମ ପ୍ରଶାନ୍ତ ମେମୋରିଆଲ୍ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲରେ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ସଂଘକୁ ୫ ୱିକେଟରେ ପରାସ୍ତ କରି ଆୟୋଜକ ଭୁବନେଶ୍ୱର ବାର୍ ସଂଘ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ଅଫ୍ ରେଭିନ୍ୟୁ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୯ ରନ କରିଥିଲା। ଜବାବରେ ଭୁବନେଶ୍ୱର ବାର୍ ଦଳ ୧୧ଟି ବଲ୍ ବଳକା ଥାଇ ୫ ୱିକେଟ୍‌ରେ ମ୍ୟାଚ୍ ଜିତିନେଇଥିଲା। ୧୯ ବଲରେ ୩୨ ରନ କରିଥିବା ଲଳିତ ମହାନ୍ତିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ପ୍ରିୟବ୍ରତ ପ୍ରିୟରଞ୍ଜନ (୮୨ ରନ ଓ ୪ଟି ୱିକେଟ୍) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପ୍ରିୟମ ମଲ୍ଲିକ ଶ୍ରେଷ୍ଠ ବୋଲର, ଆଶୁତୋଷ ବେହେରା ଶ୍ରେଷ୍ଠ ବ୍ୟାଟର ଓ ଶରତ ଜେନା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଫାଇନାଲରେ ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ, ବିଚାରପତି ବି. ନରସିମା, ସିନିଅର ଆଡଭୋକେଟ୍ ମାନସ ରଞ୍ଜନ ମହାପାତ୍ର, ବାର୍ କାଉନସିଲର ଚେୟାରମ୍ୟାନ ସୀତାଂଶୁ ମୋହନ ଦ୍ୱିବେଦୀ ଅତିଥିଭାବେ ଯୋଗଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS